

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୪ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 24 APRIL 2023

Vol.No. 34 ■ No. 107 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ନିର୍ବାଚନ ପୂର୍ବରୁ ନବକଳେବର ହେଲା ବିଜେଡି ମୁଖ୍ୟ କାର୍ଯ୍ୟାଳୟ

# ଶଙ୍ଖଭବନକୁ ଉଦ୍‌ଘାଟନ କଲେ ନବୀନ



ଭୁବନେଶ୍ୱର, ୨୩/୦୪ (ନି.ପ୍ର): ଅକ୍ଷୟ ତୃତୀୟାର ପବିତ୍ର ଅବସରରେ ଆଜି ଭୁବନେଶ୍ୱର ଠାରେ ଅନୁଷ୍ଠିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ବିଜୁ ଜନତାଦଳର ମୁଖ୍ୟ କାର୍ଯ୍ୟାଳୟ ଶଙ୍ଖ ଭବନକୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଓଡିଶାବାସୀଙ୍କ ସେବାରେ ଲୋକାର୍ପିତ କରିଛନ୍ତି । ଏହି ଅବସରରେ ଶଙ୍ଖ ଭବନରୁ ଓଡିଶାବାସୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାକୁ ଭଲ ପାଉଥିବା ଓଡିଶାର ବିକାଶ ପାଇଁ, ଓଡ଼ିଆ ସ୍ୱାଭିମାନର ସୁରକ୍ଷା ପାଇଁ ତଥା ଏକ ନୂଆ ଓଡିଶା ଓ ସଶକ୍ତ ଓଡିଶା ଗଠନ ପାଇଁ କାମ କରିବାକୁ ଆଗ୍ରହୀ ସମସ୍ତଙ୍କର ମିଳନସ୍ଥଳୀ ହେବ ଶଙ୍ଖ ଭବନ । ଏହା ହେବ ସାଢେ ଚାରିକୋଟି ଓଡିଆଙ୍କ ପ୍ରିୟ ଭବନ । ଶଙ୍ଖ ଭବନର ସବୁ କାର୍ଯ୍ୟକ୍ରମ ଓଡିଶା ବାସୀଙ୍କ ସେବାରେ ସମର୍ପିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୧୯୯୭ ଥିଲା, ଓଡିଶା ରାଜନୀତିରେ ଏକ ନୂଆ ଯୁଗର ଆରମ୍ଭ । ବିଜୁ ବାବୁଙ୍କ ଆଦର୍ଶ, ସେବା, ସ୍ୱାଭିମାନ ଓ ସଂଗ୍ରାମର ମନ୍ତ୍ର ନେଇ ବିଜୁ ଜନତା ଦଳ ଜନ୍ମ ନେଇଥିଲା । ଆଂଚଳିକ ଦଳ ଭାବରେ ଓଡିଶାବାସୀଙ୍କ ସେବାରେ ରହି ସେଦିନର ବିଜୁ ଜନତା ଦଳ ଆଜି ଏକ ସାମାଜିକ ଆନ୍ଦୋଳନରେ ରୂପାନ୍ତରିତ ହୋଇଯାଇଛି । ବିଜୟର ଶୁଭଶଙ୍ଖ ବାଜି ଚାଲିଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏ ଶଙ୍ଖ ଭବନ ହେବ ସାଢେ ଚାରି କୋଟି ଓଡିଶାବାସୀଙ୍କ ପ୍ରିୟ ଭବନ । ଓଡିଶାର ଅତୀତ ସହ ଏହା ଭବିଷ୍ୟତକୁ ଯୋଡିବ । ସାଢେ ଚାରି କୋଟି ଓଡଶାବାସୀଙ୍କୁ ଏକାଠି କରିବ । ଓଡିଶାର ବିକାଶ ପାଇଁ ସମର୍ପିତ ହେବ । ଓଡ଼ିଆ ସ୍ୱାଭିମାନର ସୁରକ୍ଷା ପାଇଁ ସମର୍ପିତ ହେବ । ଓଡିଶାର କଳା, ସାହିତ୍ୟ, ସଂସ୍କୃତିର ବିକାଶ ପାଇଁ ସମର୍ପିତ ହେବ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଶଙ୍ଖ ଭବନ କେବଳ ଆମର ଭୌତିକ, ସାମାଜିକ, ଅର୍ଥନୈତିକ ସାଂସ୍କୃତିକ ଓ ରାଜନୈତିକ ଉନ୍ନତି ପାଇଁ ପ୍ରେରଣାର କେନ୍ଦ୍ର ହେବ ନାହିଁ, ଏହା ଜଗନ୍ନାଥ ସଂସ୍କୃତିର ମୂଳତତ୍ ? ଆଧାରରେ ଆମର ଆଧ୍ୟାତ୍ମିକ ଉତରଣର କେନ୍ଦ୍ର ମଧ୍ୟ ହେବ। ଜୟ ଜଗନ୍ନାଥ ଧ୍ୱନିରେ ଭାଷଣ ଆରମ୍ଭ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଶ୍ ? ଦରବାରରେ ଓଡ଼ିଶାର ଇଷ୍ଟ ଦେବତା ଶ୍ରୀ ଜଗନ୍ନାଥଙ୍କ ମହାନ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଶଙ୍ଖ ଭବନ କାମ କରି ଚାଲିବ ଏବଂ ବସୁଧୈବ କୁଟୁମ୍ବକମର ବାର୍ତା ପ୍ରଚାର କରିଚାଲିବ। ବିଜୁ ଜନତା ଦଳର ସଫଳତା ମନ୍ତ୍ର ଉପରେ ଆଲୋକପାତ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସ୍ଥିରତା ଆମକୁ ସଫଳତା ଦେଇଛି। ସାଧୁତା ଆନନ୍ଦ ର ମାର୍ଗ ଖୋଲିଛି। ଶାନ୍ତି ଆମକୁ ସମୃଦ୍ଧି ଦେଇଛି ଏବଂ ପ୍ରଶାନ୍ତ ଚେତନା ରୂପାନ୍ତରଣରେ ସହାୟକ ହୋଇଛି। ▶▶ପୃଷ୍ଠା ୭

## ୩୬ଦିନର ଲୁଚକାଳି ଖେଳ ପରେ

# ପୋଲିସ ହେପାଜତରେ ଅମୃତପାଲ ସିଂ



ନୂଆଦିଲ୍ଲୀ, ୨୩/୦୪ : ପଳାତକ ଅମୃତପାଲ ସିଂଙ୍କୁ ଧରିବାକୁ ପୋଲିସକୁ ୩୬ ଦିନ ଧରି ଚଳାଇଥିବା ଅଭିଯାନର ଅନ୍ତ ଘଟିଛି । ରବିବାର ଦିନ ପଞ୍ଜାବ ପୋଲିସ ମୋଗା ଠାରେ ଥିବା ରୋଡେବାଲ ଗୁରୁଦ୍ୱାର ବାହାରୁ ଅମୃତପାଲ ସିଂଙ୍କୁ ଗିରଫ କରିଛି । ହେଲେ ଅମୃତପାଲ ସିଂଙ୍କୁ ଗିରଫ କରାଯାଇ ନାହିଁ ବରଂ ସେ ଆତ୍ମ ସମର୍ପଣ କରିଥିବା କଥା ବିଭିନ୍ନ ମହଲରୁ ପ୍ରଚାର କରାଯାଉଛି । ଏନେଇ ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଭିଡିଓରେ ଦେଖିବାକୁ ମିଳିଛି କି ଅମୃତପାଲ ସିଂ ଗୁରୁଦ୍ୱାରକୁ ଆସି ସେଠାରେ ପ୍ରବଚନ ଦେଉଛନ୍ତି । ଏହାପରେ ଭିଡିଓ ମାଧ୍ୟମରେ ପ୍ରଚାର କରାଯିବାକୁ ଚେଷ୍ଟା କରାଯାଇଛି କି ପ୍ରବଚନ ଦେବା ପରେ ଅମୃତପାଲ ସିଂ ପଞ୍ଜାବ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ସୂଚନା ଥାଉକି ଗିରଫ ହେବା ପୂର୍ବରୁ ଶନିବାର ରାତିରେ ଅମୃତପାଲ ସିଂ ଗୁରୁଦ୍ୱାରକୁ ଆସିଥିଲେ । ଗୁରୁଦ୍ୱାରର ଗ୍ରନ୍ଥୀଙ୍କ କହିବା ମୁତାବକ ଅମୃତପାଲ ସିଂ ଆତ୍ମସମର୍ପଣ କରିଛନ୍ତି । ହେଲେ ପଞ୍ଜାବ ପୋଲିସ କହିଛି କି ତାଙ୍କୁ ଗିରଫ କରାଯାଇଛି । ପଞ୍ଜାବ ପୋଲିସର ଆଇଜି ସୁଖଚେନ ସିଂ ଗିଲ ଅମୃତପାଲ ସିଂଙ୍କ ଗିରଫ ପରେ ଏକ ସାମ୍ବାଦିକ ସମ୍ମିଳନୀ କରି ପୁରା ମାମଲା ଉପରେ ସୂଚନା ଦେଇଛନ୍ତି । ସେ ଏହି ସାମ୍ବାଦିକ ସମ୍ମିଳନୀରେ ଅମୃତପାଲ ସିଂଙ୍କୁ କିଭଳି ଗିରଫ କରାଗଲା ତା ଉପରେ ବିସ୍ତୃତ ସୂଚନା ଦେଇଛନ୍ତି । ଆଇଜି ସୁଖଚେନ ସିଂ ଗିଲଙ୍କ କହିବା ମୁତାବକ ଅମୃତପାଲ ସିଂଙ୍କୁ ପଞ୍ଜାବ ପୋଲିସ ରବିବାର ସକାଳ ୬ଟା୪୫ ମିନିଟରେ ଗିରଫ କରାଯାଇଛି । ଅମୃତସର ଓ ପଞ୍ଜାବ ପୋଲିସର ଇଣ୍ଟେଲିଜେନ୍ସ ୱିଙ୍ଗ୍ ଏନେଇ ଏକ ଅଭିଯାନ ଚଳାଇଥିଲା । ଏହି ଇଣ୍ଟେଲିଜେନ୍ସ ୱିଙ୍ଗକୁ ସୂଚନା ମିଳିଥିଲା କି ଅମୃତପାଲ ରୋଡେଗାଓଁ ନିକଟରେ ଥିବା ଗୁରୁଦ୍ୱାରକୁ ଆସୁଛନ୍ତି । ଏହାପରେ ସଂଯୁକ୍ତ ପୋଲିସ ଟିମ ପୁରା ଗାଁକୁ ଘେରାବନ୍ଦୀ କରିଥିଲା । ଏହାପରେ ଅମୃତପାଲଙ୍କୁ ଗିରଫ କରାଯାଇ ଡିବ୍ରୁଗଡ ନିଆଯାଇଛି । ପୋଲିସ ତାର ବୟାନରେ ଅମୃତପାଲଙ୍କୁ ଗିରଫ କରାଯାଇଥିବା କଥା କହୁଥିବା ବେଳେ ଗୁରୁଦ୍ୱାର ପକ୍ଷରୁ ଅମୃତପାଲ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା କଥା କହିଛନ୍ତି । ଗୁରୁଦ୍ୱାରର ମୁଖ୍ୟ ଜସବୀର ସିଂ କହିଛନ୍ତି ଅମୃତପାଲ ସିଂ ଆତ୍ମସମର୍ପଣ କରିଛନ୍ତି ।

## କେଦାରନାଥ ଧାମରେ ବରଫପାତ, ଚାରଧାମ ଯାତ୍ରୀଙ୍କ ପଞ୍ଜିକରଣ ବନ୍ଦ

ଋଷିକେଶ, ୨୪/୦୪ : ଉତରାଖଣ୍ଡର ଉଚ୍ଚ ପାର୍ବତୀୟ ଅଂଚଳରେ ବରଫପାତର ପ୍ରଭାବ ପଡିଛି ଚାରଧାମ ଯାତ୍ରା ଉପରେ। ଏଥିଯୋଗୁଁ କେଦାରନାଥ ଧାମ ଯିବାକୁ ଥିବା ଶ୍ରଦ୍ଧାଳୁଙ୍କ ଅଫ୍ ଲାଇନ୍ ପଞ୍ଜିକରଣକୁ ବନ୍ଦ ରଖାଯାଇଛି । ଗଢବାଲ ମଣ୍ଡଳର ଉପଆୟୁକ୍ତ ନରେନ୍ଦ୍ର ସିଂହ କ୍ୟୁରିୟାଲ ଏହି ସୂଚନା ଦେଇଛନ୍ତି । ଉପଆୟୁକ୍ତ ନରେନ୍ଦ୍ର ସିଂହ କ୍ୟୁରିୟାଲ କହିଛନ୍ତି ଯେ, କେଦାରନାଥ ଧାମ ଅଂଚଳରେ ବରଫପାତ ଯୋଗୁଁ ରାସ୍ତା ବନ୍ଦ ହୋଇଯାଇଛି । ଏଥିପାଇଁ ଏହି ନିଷ୍ପତି ନିଆଯାଇଛି । ତେବେ ଏହା ପରେ କେବେ ପୁଣି ଅନଲାଇନ ପଂଜିକରଣ କରାଯିବ ସେ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦିଆନଯାଇଥିଲେ ମଧ୍ୟ ଖୁବ୍ ଶୀଘ୍ର ଏ ବିଷୟରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଥିଲେ ।

## ସୁଧୁରୁଛି ସମ୍ବଲପୁରର ସ୍ଥିତି, କୋହଳ ହେଉଛି କଟକଣା : ୧୧ ଦିନ ପରେ ଫେରିଲା ମୋବାଇଲ୍ ଇଣ୍ଟରନେଟ୍ ସେବା

ସମ୍ବଲପୁର, ୨୩/୦୪ (ନି.ପ୍ର): ଆଜିର ଦିନରେ ମୋବାଇଲ ନିହାତି ଜରୁରୀ ସାମଗ୍ରୀ ଭିତରୁ ଗୋଟିଏ । ସେ ଶିକ୍ଷକ ହୁଅନ୍ତୁ କି ଛାତ୍ର, ଗ୍ରାହକ ହୁଅନ୍ତୁ କି ବ୍ୟବସାୟୀ । ମୋବାଇଲ ଉପରେ ନିର୍ଭରଶୀଳ ହୋଇପଡିଥିବା ମଣିଷଙ୍କ ପାଇଁ ୧୧ ଦିନ କାଳ ମୋବାଇଲ ଇ ରନେଟ ବନ୍ଦ କରିଦିଆଗଲେ କେତେ ଯେ ଅସୁବିଧା ହୁଏ । ଏହା ସମ୍ବଲପୁରବାସୀଙ୍କ ଠାରୁ ଅଧିକ ଆଉ କିଏ ବୁଝିବ । ରବିବାର ସକାଳ ୬ଟାରୁ ମୋବାଇଲ ନେଟ୍ ଆସିବା ପରେ ସମ୍ବଲପୁରରେ ଖୁସିର ଲହର ଖେଳି ଯାଇଛି । ଗଛମୂଳେ ବସି ମୋବାଇଲ ଖେଳାଉଛନ୍ତି ଯୁବକ । ପିଲା ଖୁସି ମନରେ ଘରେ ପାଠ ପଢିବାକୁ ବସିଯାଇଛନ୍ତି । ଦୋକାନରେ କାରବାର ବି ଆରମ୍ଭ ହୋଇଯାଇଛି । ଦୀର୍ଘ ୧୧ଦିନର ଇ ରନେଟ ବନ୍ଦୀରୁ ମୁକ୍ତ ହୋଇଛି ସମ୍ବଲପୁର ସହର । ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ହିଂସାକାଣ୍ଡ ପରେ ବିଗିଡିଥିଲା ସମ୍ବଲପୁରରେ ଆଇନଶୃଙ୍ଖଳା । କୌଣସି ପ୍ରକାର ଅଘଟଣକୁ ଏଡାଇବା ସହ ଶାନ୍ତି ବଜାୟ ରଖିବାକୁ ପ୍ରଶାସନ କର୍ଫ୍ୟୁ କଟକଣା ଲଗାଇବା ସହ ୧୩ ତାରିଖରୁ ମୋବାଇଲ ନେଟ୍ ସେବାକୁ ସମଗ୍ର ସମ୍ବଲପୁର ଜିଲ୍ଲାରେ ବନ୍ଦ କରିଦେଇଥିଲା । ତେବେ ନେଟ ନଥିବା ସମୟରେ ଅନଲାଇନ କାମ ପାଇଁ ସରକାରୀ କର୍ମଚାରୀ ଓ ସାଧାରଣ ଲୋକ ବରଗଡରେ ହୋଟେଲ ବୁକ କରି କାମ କରୁଥିଲେ । ସେହିପରି କୁଚିଣ୍ଡା ଅ ଳର ଲୋକେ ଝାରସୁଗୁଡା ସୀମାକୁ ଯାଇ ଗଛମୂଳେ, ରାସ୍ତାକଡେ କାମ କରୁଥିଲେ । ହେଲେ ଏବେ ମୋବାଇଲ ଇ ରନେଟ ଫେରିଛି ଲୋକେ ଘରେ ବସି କାମ କରୁଛନ୍ତି । ପିଲା ଘରେ ଅନଲାଇନ ପାଠ ପଢୁଛନ୍ତି । ତାଲା ପଡିଥିବା ଇଲେକ୍ଟ୍ରୋନିକ୍ସ ଗେଜେଟ ଦୋକାନ ଖୋଲିଛି, କାରବାର ଆରମ୍ଭ ହୋଇଯାଇଛି ।

## ଅକ୍ଷୟତୃତୀୟା ଉପଲକ୍ଷେ ରାଜ୍ୟପାଳ ଜଣାଇଲେ ଅଭିନନ୍ଦନ

ଭୁବନେଶ୍ୱର, ୨୩/୦୪ (ନି.ପ୍ର):ପବିତ୍ର ଅକ୍ଷୟତୃତୀୟା ଉପଲକ୍ଷେ ରାଜ୍ୟପାଳ ସମସ୍ତ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ସୁମନାସ ଜଣାଇଛନ୍ତି ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଭରିଦେଉ ବୋଲି ପ୍ରାର୍ଥନା କରିଛନ୍ତି କ୍ଷ ଅକ୍ଷିମୁଠି ଅନୁକୂଳର ଶୁଭ କାମନା ସହ କୃଷକ ଭାଇ ଭଉଣୀମାନଙ୍କୁ ବିଶେଷ ଶୁଭେଚ୍ଛା ଜଣାଇଛନ୍ତି।

## ଅକ୍ଷୟ ତୃତୀୟାରେ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩/୦୪ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅକ୍ଷୟ ତୃତୀୟାରେ ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି - "ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ସଭିଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରୁ ଚାଷୀ ଭାଇଙ୍କ ଅକ୍ଷିମୁଠି ଅନୁକୂଳ ଚଳିତ ବର୍ଷ ଭଲ ଫସଲ ଅମଳ ହେବା ସହ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଭରିଦେଉ।"

## ପୁଣି ବିଜେଡିକୁ ଫେରିବେ କି ତଥାଗତ ?



ଭୁବନେଶ୍ୱର, ୨୩/୦୪ (ନି.ପ୍ର): ଆଜି ଶଙ୍ଖ ଭବନରେ ଏକ ଦୃଶ୍ୟ ଚର୍ଚ୍ଚାର ବିଷୟ ହୋଇଛି । ବିଜେଡିର ନୂଆ ଅଫିସ ଉଦଘାଟନ ବେଳେ ଉପସ୍ଥିତ ଥିଲେ ପୂର୍ବତନ ସାଂସଦ ତଥାଗତ ସତପଥୀ । ତେବେ ଶଙ୍ଖ ଭବନର କାର୍ଯ୍ୟକ୍ରମରେ ତଥାଗତକୁ ଦେଖି ରାଜନୈତିକ ସମୀକ୍ଷକମାନେ ଭିନ୍ନ ପ୍ରକାରର ଅଙ୍କକଷା ଆରମ୍ଭ କରିଛନ୍ତି । ପୁଣି ଥରେ ବିଜେଡ଼ିକୁ ଫେରିବେ କି ତଥାଗତ? ୨୦୨୪ ନିର୍ବାଚନ ପୂର୍ବରୁ ତଥାଗତ ବିଜେଡ଼ିକୁ ନେଇ କିଛି ଚିନ୍ତା କରୁଛନ୍ତି କି? ଶଙ୍ଖ ଭବନରେ ଏହି ସବୁ ପ୍ରଶ୍ନ ଆଜି ତଥାଗତଙ୍କୁ ପଚାରିଥିଲେ ସାମ୍ବାଦିକ । ତେବେ ବର୍ଷେ ପୂର୍ବରୁ କହିଥିବା କଥାକୁ ପୁଣି ଦୋହରାଇଥିଲେ ତଥାଗତ । ବିଜେଡିର ନୂତନ କାର୍ଯ୍ୟାଳୟ ଶଙ୍ଖ ଭବନର ପ୍ରତିଷ୍ଠା ଦିବସ ଉତ୍ସବରେ ଯୋଗ ଦେଇଥିଲେ ପୂର୍ବତନ ଢେଙ୍କାନାଳ ସାଂସଦ ତଥାଗତ ସତପଥୀ । ବର୍ତ୍ତମାନର ବିଧାୟକ ସୁଦାମ ମାର୍ଣ୍ଡି ଓ ପୂର୍ବତନ ବିଧାୟକ ସଂଜୟ ଦାସ ବର୍ମାଙ୍କ ମଝିରେ ବସି ଉତ୍ସବକୁ ଉପଭୋଗ କରିଥିଲେ ତଥାଗତ, ଯାହାକୁ ନେଇ ଏବେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି । କାରଣ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ୪ ଥର ସାଂସଦ ଥିବା ଏହି ନେତା ହଠାତ ରାଜନୀତିକୁ ବାଏ ବାଏ କରିବା କଥା କହିଥିଲେ । ନିଜର ଏକମାତ୍ର ପୁଅଙ୍କ ଅନୁରୋଧ କ୍ରମେ ସେ ଆଉ ନିର୍ବାଚନ ଲଢିବେ ନାହିଁ ବୋଲି କହିଥିଲେ । ଏପରିକି ସେ ଆଉ କୌଣସି ଦଳରେ ନାହାନ୍ତି ଓ ସାମ୍ବାଦିକତା କ୍ଷେତ୍ରରେ ସମୟ ଦେବେ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ । ସେହିଦିନ ଠାରୁ ତାଙ୍କୁ ଦଳୀୟ ଫୋରମରେ ଆଉ ଦେଖିବାକୁ ମିଳୁନଥିଲା । ତେବେ କିଛି ଦିନ ପୂର୍ବରୁ ମନ୍ତ୍ରୀ ଅତନୁ ସବ୍ୟସଚୀଙ୍କ ମାଙ୍କ ଏକାଦଶାହ ବେଳେ ଦଳର ସବୁଠାରୁ ପାୱାରଫୁଲ କୁହାଯାଉଥିବା ବିଜେଡି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହ ତାଙ୍କର ଏକ ଫଟୋକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା । ଆଉ ଏବେ ଦଳୀୟ କାର୍ଯ୍ୟାଳୟ ଉଦଘାଟନ ବେଳେ ତାଙ୍କ ଉପସ୍ଥିତି ପୁଣିଥରେ ସେହି ଚର୍ଚ୍ଚାକୁ ବଳ ଯୋଗାଇଛି । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ କ୍ରମେ ସେ ସାମ୍ବାଦିକ ହିସାବରେ ▶▶ପୃଷ୍ଠା ୭

## ରାଜୀବ ବିନ୍ଦଲ ହେଲେ ହିମାଚଳ ବିଜେପିର ନୂଆ ଅଧ୍ୟକ୍ଷ


ଶିମଲା, ୨୪/୦୪ : ରାଜୀବ ବିନ୍ଦଲ ହିମାଚଳ ପ୍ରଦେଶ ବିଜେପିର ନୂଆ ଅଧ୍ୟକ୍ଷ ହୋଇଛନ୍ତି। ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ରାଜୀବ ବିନ୍ଦଲଙ୍କୁ ପ୍ରଦେଶ ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି। ପାର୍ଟିର ରାଷ୍ଟ୍ରୀୟ ମହାସଚିବ ଅରୁଣ ସିଂହ ନୂଆ ପ୍ରଦେଶ ଅଧ୍ୟକ୍ଷ ଘୋଷଣା କରିଛନ୍ତି। ପାଂଚଥର ବିଧାୟକ ଥିବା ବିନ୍ଦଲଙ୍କୁ ତିନିବର୍ଷ ଭିତରେ ଦ୍ୱିତୀୟ ଥର ପ୍ରଦେଶ ଅଧ୍ୟକ୍ଷଙ୍କ ଦାୟିତ୍ୱ ଦିଆଯାଇଛି। ରାଜୀବ ବିନ୍ଦଲଙ୍କ ପୂର୍ବରୁ ସୁରେଶ କାଶ୍ୟପ ବିଜେପିର ପ୍ରଦେଶ ଅଧ୍ୟକ୍ଷ ପଦ ସମ୍ଭାଳିସାରିଛନ୍ତି।

## ଅକ୍ଷୟ ତୃତୀୟାରେ ବିଜେପି ନେତା ମାନସ ଦତ୍ତଙ୍କ ଅକ୍ଷିମୁଠି ଅନୁକୂଳ



ବାଲେଶ୍ୱର, ୨୩।୪ (ନି.ପ୍ର): ଅକ୍ଷୟ ତୃତୀୟା ଅବସରରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନିର୍ବାଚନମଣ୍ଡଳୀ ନେତା ମାନସ କୁମାର ଦତ୍ତ ଓଡ଼ଙ୍ଗୀ ପଞ୍ଚାୟତରେ ଭୂମି ପୂଜନ ସହ ଅକ୍ଷିମୁଠି ଅନୁକୂଳ କରିଛନ୍ତି। ଉତ୍କଳୀୟ ପରମ୍ପରା ଅନୁଯାୟୀ କ୍ଷେତରେ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ହଳ ଲଙ୍ଗଳ ସହ ବିହନ ବୁଣାଯାଇଥିଲା।ଏହି ଅବସରରେ ଅଗ୍ରଣୀ ଚାଷୀଙ୍କୁ ସମ୍ମାନିତ କରିଥିଲେ। ଚାଷୀଭାଇ ଦେଶର ଅନ୍ନଦାତା ହୋଇଥିବା ବେଳେ ଅର୍ଥନୀତିକୁ ସୁଦୃଢ଼ କରି ପାରିଛନ୍ତି। ଚଳିତ ବର୍ଷ ଚାଷ ଉତ୍ପାଦନରେ ସମସ୍ତେ ସଫଳତା ପାଆନ୍ତୁ ବୋଲି ଶ୍ରୀ ଦତ୍ତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠବିଜେପି ନେତା ରବି ନାରାୟଣ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ମଣ୍ଡଳ ପ୍ରଭାରୀ ଗୌରାଙ୍ଗ ଦାସ, ମଣ୍ଡଳ ସଭାପତି ▶▶ପୃଷ୍ଠା ୭

## ଓଡ଼ିଶାର ଶିଳ୍ପାୟନର ପ୍ରମୁଖ କେନ୍ଦ୍ର ଝାରସୁଗୁଡାରେ ବିଶୃଙ୍ଖଳା ନୁହେଁ ଶାନ୍ତିର ଆବଶ୍ୟକତା ରହିଛି : ଧର୍ମେନ୍ଦ୍ର ପ୍ରଧାନ



ଝାରସୁଗୁଡ଼ା, ୨୩/୦୪ (ନି.ପ୍ର): ଓଡ଼ିଶାର ଶିଳ୍ପାୟନର ପ୍ରମୁଖ କେନ୍ଦ୍ର ଝାରସୁଗୁଡାରେ ବିଶୃଙ୍ଖଳା ନୁହେଁ ଶାନ୍ତିର ଆବଶ୍ୟକତା ରହିଛି ବୋଲି ଝାରସୁଗୁଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକର୍ତ୍ତା ବୈଠକରେ ଯୋଗଦେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଝାରସୁଗୁଡ଼ା ଉପନିର୍ବାଚନରେ ବିଜେପିର ପ୍ରସଙ୍ଗ କରିବା ସମ୍ପର୍କୀତ ପ୍ରଶ୍ନରେ ଶ୍ରୀ ପ୍ରଧାନ କହିଛନ୍ତି ଝାରସୁଗୁଡା ହେଉଛି ଓଡ଼ିଶାର ଶିଳ୍ପାୟନର ପ୍ରମୁଖ କେନ୍ଦ୍ର । ଏଠାରେ ଶାନ୍ତିର ଘୋର ଅଭାବ ରହିଛି । କାରଣ ପୁଞ୍ଜିନିବେଶ, ରୋଜଗାର ସୃଷ୍ଟି ଶାନ୍ତି ପରିବେଶରେ ହିଁ ହୁଏ । କିନ୍ତୁ ବିଗତ ଦିନ ଗୁଡିକରେ ରାଜ୍ୟର କ୍ୟାବିନେଟ୍ ମନ୍ତ୍ରୀଙ୍କ ପୋଲିସ ଗୁଳିରେ ହତ୍ୟା ଓ ନାବାଳକର ଅପହରଣ ସହ ହତ୍ୟା ରାଜ୍ୟ ସରକାରଙ୍କ ଆଇନଶୃଙ୍ଖଳାରେ ଥିବା ବିଫଳତାକୁ ଦର୍ଶାଉଛି । ଆବାସ ଯୋଜନାରେ ଗରିବ ଲୋକଙ୍କୁ ଘର ନମିଳିବା, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟାବସ୍ଥା, ମହାନଦୀର ପାଣି ଓଡ଼ିଶାକୁ ପର୍ଯ୍ୟାପ୍ତ ମାତ୍ରାରେ ନମିଳିବା, ଜଳସେଚନର ବ୍ୟବସ୍ଥା ନ ହେବା, ଯୁବକ ଯୁବତୀମାନେ ରୋଜଗାର ଆଶାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବା ବିଜେଡ଼ି ସରକାରର ୨୨ ବର୍ଷ ଶାସନର ଉପଲବ୍ଧି । ପଦ୍ମପୁରରେ ବିଜେପି ପ୍ରସଙ୍ଗ ଆଧାରିତ ନିର୍ବାଚନ ଲଢିଥିଲା । ମାତ୍ର ବିଜେଡି ସରକାର ପଦ୍ମପୁର ଜିଲ୍ଲା କରିବା ପାଇଁ ଯେଉଁ ପ୍ରତିଶ୍ରୁତି ଥିଲା, ତାହାକୁ ପୂରଣ କଲେ କି ? ବିଜେପୁରରେ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପରେ ଚାଷ ଜମିକୁ ପାଣି ମାଡିଲା କି ? ଧାନ କିଣାର ସମସ୍ୟାର ସମାଧାନ ହେଲା କି? ଶାସକ ଦଳର ନିରନ୍ତର ଭାବେ ଶାସନ କଳକୁ କାମରେ ଲଗାଇ ନିର୍ବାଚନ ଜିତୁଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ପୁରୀରେ ଉଗ୍ରବାଦୀମାନେ ଲୁଚିବାର କଥା କେହି ଭାବିଥିଲେ କି ? ସମ୍ବଲପୁରରେ ହନୁମାନ ଜୟନ୍ତୀ ଦିନ ଅଭାବନୀୟ ଘଟଣା ଘଟିବାର କେହି କଳ୍ପନା କରିଥିଲେ କି ? ▶▶ପୃଷ୍ଠା ୭

# ମହୁଲଫୁଲ ଚୋରାଚାଲାଣ ବେଲଗାମ୍

## ୨୫ ମାସରେ ଜବତ ହୋଇଛି ୬.୮୬ କୋଟି ଟଙ୍କାର ମହୁଲଫୁଲ, ମହୁଲ ପୋଚ,ଦେଶୀ ମଦ



ରାଉରକେଲା: ରାଉରକେଲା ଅବକାରୀ ଜିଲ୍ଲାରେ ଅନୈତିକ ମହୁଲଫୁଲ ବେପାର ବୃଦ୍ଧି ପାଇବାରେ ଲାଗିଛି । ମୁଖ୍ୟତଃ ଦେଶୀ ମଦ ତିଆରିରେ ଏହାକୁ ବ୍ୟବହାର କରାଯାଉଥିବାରୁ ଏହାର ଚାହିଦା ରହିଛି । ତଦନୁଯାୟୀ ଦେଶୀ ମଦ ବେପାର ମଧ ଜୋ ?ଧରିଛି । ଗତ ୨୫ ମାସ ମଧ୍ୟରେ ୬ କୋଟି ୮୬ ଲକ୍ଷ ୨୮ ହଜାର ୩୫୦ ଟଙ୍କାର ମହୁଲଫୁଲ, ମହୁଲ ପୋଚ ଓ ଦେଶୀ ମଦ ଜବତ ହୋଇଛି । ଅପରପକ୍ଷରେ ଧରାପଡୁନଥିବା ପରିମାଣ ଆଶାତୀତ ହେବ । ରାଉରକେଲା ଅବକାରୀ ଜିଲ୍ଲା ଅଧିନରେ ପାଖାପାଖି ୧୫ ଜଣ ଲାଇସେନ୍ସଧାରୀ ମହୁଲଫୁଲ ବେପାରି ଅଛନ୍ତି । କିନ୍ତୁ ସଂପୂର୍ଣ୍ଣ ଅନୈତିକଭାବେ ଲୁଚାଛପା ବିକ୍ରି କରୁଥିବା ବେପାରିଙ୍କ ସଂଖ୍ୟା ଢ଼େର ଅଧିକ ହେବ । ସରକାରୀ ନିୟମ ଅନୁସାରେ, ଜଣେ ବ୍ୟକ୍ତି ନିଜ ପାଖରେ ମାତ୍ର ୨ କ୍ୱିଣ୍ଟାଲ ମହୁଲ ଫୁଲ ରଖିପାରିବେ । ଆଉ ଏହାର ଫାଇଦା ଉଠାଉଛନ୍ତି ଦେଶୀ ମଦ ମାଫିଆ । ଏମାନେ ଗ୍ରାମାଞ୍ଚଳର ମହୁଲ ଗୋଟାଳିଙ୍କଠାରୁ ମହୁଲ ଫୁଲ କିଣି ନେଉଛନ୍ତି । ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରଠାରୁ ମଧ କମ୍‌ରେ କିଣୁଛନ୍ତି । ତାକୁ ଅନେ ?ତିକଭାବେ ଗଛିତ କରି ବିଭିନ୍ନ ଅଞ୍ଚଳରେଥିବା ଦେଶୀ ମଦ ତିଆରିରେ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କ ନିକଟରେ ପହଞ୍ଚାଉଛନ୍ତି । ଏଥିପାଇଁ ମାଫିଆମାନେ କର୍ମଚାରୀ ନିଯୁକ୍ତି ମଧ କରିଛନ୍ତି । ଏହି କର୍ମଚାରୀ ହିଁ ମାସିକ ଦରମା ନେଇ ଦେଶୀ ମଦ ତିଆରି କରୁଛନ୍ତି । ଏତଦ୍‌ବ୍ୟତୀତ ମଦ ମାଫିଆମାନେ ଅଣପଞ୍ଜିକୃତ ବେପାରିଙ୍କଠାରୁ ମଧ କିଣୁଥିବା ଦେଖିବାକୁ ମିଳୁଛି । ବାସ୍ତବରେ ବିନା ଲାଇସେନ୍ସରେ ବେପାର କରୁଥିବା ବେପାରି ହିଁ ମାଫିଆଙ୍କୁ ପ୍ରଚୁର ମାତ୍ରାରେ ମହୁଲଫୁଲ ଯୋଗାଉଛନ୍ତି । ଏହି ବେପାରିଙ୍କଠାରୁ ମହୁଲଫୁଲ ନେଲାପରେ ମାଫିଆମାନେ ମାଟି ଖୋଳି, କୂଅରେ, ଘଞ୍ଚ ଜଙ୍ଗଲ ଭିତରେ ଲୁଚାଇ ରଖୁଛନ୍ତି । ପରବର୍ତ୍ତୀ ସମୟରେ ସେମାନେ ପର୍ଯ୍ୟାକ୍ରମେ ମଦ ତିଆରି କରୁଛନ୍ତି । ବେଳେବେଳେ ମଦ ତିଆରି କରୁଥିବା ଲୋକଙ୍କ ପାଖରେ ଗଚ୍ଛିତ ରଖିବାକୁ ସ୍ଥାନାଭାବ ଦେଖାଦେଉଛି । ଏଣୁ ମହୁଲ ଫୁଲବେପାରି ନିଜସ୍ୱ ଗୋଦାମରେ ଲୁଚାଇ ରଖି ମଦ ତିଆରି ସମୟରେ ସିଧାସଳଖ ପହଞ୍ଚାଇ ଦେଉଛନ୍ତି । ବିଶେଷକରି ବଣାଇଁ, ଲହୁଣୀପଡ଼ା ଅଞ୍ଚଳରୁ ଅଧିକ ମାତ୍ରାରେ ମହୁଲଫୁଲ କୁଆରମୁଣ୍ଡା, ବୀରମିତ୍ରପୁର, ନୂଆଗାଁ, ବିଶ୍ରା, ବ୍ରାହ୍ମଣୀତରଙ୍ଗ ଅଞ୍ଚଳକୁ ଚାଲାଣ କରାଯାଉଥିବା ଜଣାପଡ଼ିଛି । ଚୋରାଚାଲାଣ ଉପରେ ଅଙ୍କୁଶ ଲଗାଇବାର ଆବଶ୍ୟକତା ରହିଛି; କିନ୍ତୁ ତାହା ଦେଖିବାକୁ ମିଳୁନି । ଅନୈତିକ ମହୁଲଫୁଲ ଗୋଦାମରେ ଅବକାରୀ ବିଭାଗର ଅତର୍କିତ ଚଢ଼ଉ ଅତି ନଗଣ୍ୟ କହିଲେ ଅତ୍ୟୁକ୍ତି ହେବ । ଗତ ୨୫ ମାସରେ ଅବକାରୀ ପୁଲିସ ଆନୁମାନିକ ୬.୯୬ ଲକ୍ଷ ଟଙ୍କାର ମାତ୍ର ୨୩୨ କ୍ୱିଣ୍ଟାଲ ମହୁଲଫୁଲ ଜବତ କରିବାରେ ସଫଳ ହୋଇଛି । ଅପରପକ୍ଷରେ ମହୁଲ ପୋଚ ଓ ଦେଶୀମଦ ଜବତ ପରିମାଣ ଢ଼େର ଅଧିକ । ଏହି ଅବଧିରେ ରାଉରକେଲା ଅବକାରୀ ପୁଲିସ ଜିଲ୍ଲାରେ ୧୦୪୮.୪୮ ଟନ୍ ମହୁଲ ପୋଚ ଜବତ ହୋଇଛି । ସରକାରୀ ହିସାବରେ ମହୁଲ ପୋଚ ଗୋଟିଏ କେଜିର ଦାମ୍ ୫୦ ଟଙ୍କା । ଅର୍ଥାତ୍ ଗତ ୨୫ ମାସରେ ଧରାପଡ଼ିଥିବା ମହୁଲ ପୋଚର ମୂଲ୍ୟ ୫ କୋଟି ୫୧ ଲକ୍ଷ ୮୭ ହଜାର ଟଙ୍କା ହେବ । ଉଲ୍ଲେଖଯୋଗ୍ୟ, ଗୋଟିଏ କେଜି ମହୁଲ ପୋଚରେ ୧.୪ ଲିଟର ଦେଶୀ ମଦ ତିଆରି ହୋଇଥାଏ । ଏହାସହ ଆଲୋଚ୍ୟ ସମୟରେ ୧ କୋଟି ୨୭ ଲକ୍ଷ ୪୫ ହଜାର ୩ ଶହ ଟଙ୍କା ମୂଲ୍ୟର ମୋଟ୍ ୮୪,୯୬୯ ଲିଟର ଦେଶୀ ମଦ ଜବତ କରାଯାଇଥିଲା । ଉପରୋକ୍ତ ତଥ୍ୟରୁ ଏହା ସ୍ପଷ୍ଟ ଯେ ମହୁଲଫୁଲ ଚୋରାଚାଲାଣବେଳେ ସ୍ୱଳ୍ପ ମାତ୍ରାରେ ଧରାପଡୁଥିବାବେଳେ କିଛିମାତ୍ରାରେ ମଦ ତିଆରି ଓ ଦେଶୀ ମଦ ଚାଲାଣବେଳେ ଧରାପଡୁଛନ୍ତି । ଏଣୁ ଦେଶୀ ମଦ କାରବାର ରୋକିବାକୁ ହେଲେ ଛୋଟବଡ଼ ସବୁ ପ୍ରକାରର ମହୁଲଫୁଲ ବେପାରିଙ୍କ ଅନୈତିକ ଗୋଦାମରେ ଚଢ଼ଉ ହିଁ ଏକମାତ୍ର ବିକଳ୍ପଭାବେ ଉଭା ହୋଇଛି ।

# ଭୁବନ ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ

ଭୁବନ , ୨୩/୦୪ (ନି.ପ୍ର): ଭୁବନ ପଞ୍ଚାୟତ ସମିତି ର ଚତୁର୍ଥ ସାଧାରଣ ଅଧିବେଶନ ବ୍ଲକ ସଭାଗୃହ ମଧରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷା ଶ୍ରୀମତୀ ସିପ୍ରା ବରାଳଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡ଼ିଓ କଲ୍ୟାଣ ସୌରଭ ଦାଶ ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ ଯେ, ଚଳିତ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧି ଜାତୀୟ ନିର୍ଣ୍ଣିତ କର୍ମ ନିଯୁକ୍ତି ଯୋଜନାରେ ୨୦ କୋଟି ୧୫ ଲକ୍ଷ ଟଙ୍କା ଆସିଛି କ୍ଷ ଏହି ଟଙ୍କା ରେ ପ୍ରତ୍ୟେକ ପଞ୍ଚାୟତ ରେ ଗ୍ରାମୀଣ ଉଦ୍ୟାନ, ଆଦର୍ଶ ପୋଖରୀ, ଆଦର୍ଶ ଖେଳ ପଡିଆ,କଲ୍ୟାଣ ମଣ୍ଡପ ଇତ୍ୟାଦି ନିର୍ମାଣ କରାଯିବ କ୍ଷ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୁନ୍ ମାସ ସୁଦ୍ଧା ବର୍ଷା ଋତୁ ପୂର୍ବରୁ ଏହି ୨୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଶିକ୍ଷା,ସ୍ୱାସ୍ଥ୍ୟ ବିଭାଗ ରେ ଖାଲି ପଡ଼ିଥିବା ପଦବି ପୂରଣ ,ବିଦ୍ୟାଳୟ ଶ୍ରେଣୀ ଗୃହ ନିର୍ମାଣ ସହିତ ପାନୀୟ ଜଳ ସମସ୍ୟା,କୃଷି, ମତ୍ସ୍ୟ, ଗୋସମ୍ପଦ ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ରେ ଚାଉଳ ଯୋଗାଣରେ ବ୍ୟାପକ ଅନିୟମିତତା ହେଉଥିବା ସମ୍ପର୍କରେ ସମିତି ସଭ୍ୟ, ସରପଞ୍ଚ ଓ ଜିଲ୍ଲା ପରିଷଦ ସଭ୍ୟ ମାନେ ଅଭିଯୋଗ କରି ସମସ୍ୟା ସମାଧାନ ପାଇଁ ଦାବି କରିଥିଲେ ।

# ବଲାଙ୍ଗିର ଲିଗ୍ କ୍ରିକେଟ ଉଦ୍‌ଯାପିତ

## ଏଏଫ୍‌ସିସିକୁ ହରାଇ ତୁଷାର ରୟାଲ ଚମ୍ପିୟାନ

ବଲାଙ୍ଗିର, ୨୩/୦୪ (ନି.ପ୍ର): ଗାନ୍ଧୀ ଷ୍ଟାଡିୟମ ଠାରେ ଚାଲୁଥିବା ବଲାଙ୍ଗିର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନ୍ତିମ ଦିବସର ଫାଇନାଲ ମ୍ୟାଚ ଟି ତୁଷାର ରୟାଲ ଦଳ ଓ ଏଏଫ୍ ?ସିସି ମଧରେ ଅନୁଷ୍ଠିତ ହୋଇଥିଲା । ଏଏଫ୍ ?ସିସି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୬୨ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଲକି ସର୍ବାଧିକ ୬୯ ରନ୍ ଓ ସୁବାଶିଷ ମିର୍ଦ୍ଧା ୩୮ ରନ୍ ସଂଗ୍ରହ କରିଥିଲେ । ତୁଷାର ରୟାଲ ଦଳ ତରଫରୁ ସଫଳ ବୋଲର ଭାବରେ ରାଜେଶ ରୋଶନ ସିକା ସର୍ବାଧିକ ୫ ଗୋଟି ୱିକେଟ ଓ ବିଜ୍ଞାନ ମିଶ୍ର ୩ ଗୋଟି ୱିକେଟ ନେଇଥିଲେ । ଜବାବରେ ତୁଷାର ଦଳ ୬ ୱିକେଟ ବିନିମୟରେ ଆବଶ୍ୟକୀୟ ୧୬୭ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲେ । ଦଳ ପକ୍ଷରୁ ମାସନ ମିଶ୍ର ୩୮ ରନ୍ ?, ରାଘବେନ୍ଦ୍ର ତ୍ରିପାଠି ୩୫ ରନ୍ ?, ବିଜ୍ଞାନ ମିଶ୍ର ଅପରାଜିତ ୨୯ ରନ୍ ଓ ରାଜେଶ ରୋଶନ ସିକା ଅପରାଜିତ ୩୩ ରନ୍ ସଂଗ୍ରହ କରି ଦଳକୁ ବିଜୟୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଆଜିର ଫାଇନାଲ ମ୍ୟାଚରେ ରାଜେଶ ରୋଶନ ସିକାକୁ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରାଯାଇଥିବା ବେଳେ କିଶନ ନାଏକଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବ୍ୟାଟସ୍‌ମ୍ୟାନ୍, ବିଜ୍ଞାନ ମିଶ୍ର ଶ୍ରେଷ୍ଠ ବୋଲର, ଆୟୁଷ ସାହୁଙ୍କୁ ଏମାର୍ଜିଂ ପ୍ଲେୟାର ଅଫ୍ ଟି ଟୁର୍ଣ୍ଣାମେଣ୍ଟ ଓ ମ୍ୟାନ ଅଫ ଦି ସରିଜ ବାବୁଲୁ ସେଠିଙ୍କୁ ପ୍ରଦାନ କରାଯାଇଥିଲା । ଆଜିର ମ୍ୟାଚରେ ମୁଖ୍ୟ ଅତିଥି ଭାବରେ କ୍ରିକେଟ ସଂଗଠକ ତଥା ଏମ୍ ?ସିସି କ୍ଲବର ସତ୍ତ୍ୱାଧିକାରୀ ରିକନ୍ ମହାନ୍ତି , ସମ୍ମାନିତ ଅତିଥି ଅତିଥି ସତ୍ୟ ମାଝି ଓ ସମାଜସେବୀ ଗୁଗୁନ ନାଏକ ଯୋଗ ଦେଇ ଖେଳାଳି ତଥା ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ । ବଲାଙ୍ଗିର ଲିଗ୍ କ୍ରିକେଟର ସଭାପତି ପ୍ରଶାନ୍ତ ବାରିକ ଓ ସଂପାଦକ ବିଜୟ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଆଜିର ଏହି ମ୍ୟାଚ କୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପିୟାର ପୃଥ୍ୱୀରାଜ ମିଶ୍ର ଓ ସମୀର ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ଜଗପତି ନାଏକ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ପ୍ରକାଶ ପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ । ଆଜିର ଏହି ମ୍ୟାଚଟି କ୍ରିକେଟ କାଲସନ ଓ କ୍ରିଚ ହିରୋ ୟୁଟ୍ୟୁବ୍ ରେ ପ୍ରସାରଣ ହେଉଥିଲା ।

# ସୁବର୍ଣ୍ଣପୁର ତ୍ରିବେଣୀ ସଙ୍ଗମରେ ଆରମ୍ଭ ହେଲା ବିଶ୍ୱଶାନ୍ତି ମହାଯଜ୍ଞ

ସୋନପୁର, ୨୩/୦୪ (ନି.ପ୍ର): ସୋନପୁରର ଶ୍ରୀ ରାମେଶ୍ୱର ତ୍ରିବେଣୀ ସଙ୍ଗମ ସ୍ଥଳରେ ଆରମ୍ଭ ହୋଇଥିବା ବିଶ୍ୱ ଶାନ୍ତି ମହାଯଜ୍ଞ ଓ ସାଧୁ ସନ୍ଥ ସମ୍ମିଳନୀର ସଫଳତା, ଶାନ୍ତି ଶୃଙ୍ଖଳା ପାଇଁ ଆଜି ଭୋରରେ ଏକାଠି ହେଲେ ସ୍ୱଚ୍ଛ ଭାରତ ସଂଗଠନ, ସୋନପୁର କଲେଜ ଏନସିସି ଛାତ୍ର ଛାତ୍ରୀ, ରକ୍ତ ଦାତା ସଂଘ, ଓଡିଶା ସାମ୍ବାଦିକ ସଂଘ, ଶ୍ରୀ ଗୋପାଳଜୀ ଯୋଗାଳୟ, ଶ୍ରୀ ସତ୍ୟସାଇ ସମିତି, ପତଞ୍ଜଳି ଯୋଗ ସମିତି, ଯୋଗ ଶିକ୍ଷକ ସଂଘ, ଆରଏସଏସ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ । ଶ୍ରୀ ରାମେଶ୍ୱର ଶୈବ ପୀଠରେ ବିଶ୍ୱ କଲ୍ୟାଣ ଲାଗି ସାମୁହିକ ପ୍ରାର୍ଥନା କରିବା ପରେ ଆଜିର ପ୍ରବଳ ଭକ୍ତ ସମାଗମକୁ ଦୃଷ୍ଟି ରେ ରଖି ମନ୍ଦିର ଚାରିପାଖ ପରିଦର୍ଶନ କରିଥିଲେ । ସ୍ୱଚ୍ଛତା, ଗାଡି ମୋଟର ପାର୍କିଙ୍ଗ, ଶୃଙ୍ଖଳା ଓ ସାଧୁ ସନ୍ଥ ଓ ଭକ୍ତ ମାନଙ୍କ ଉତମ ସେବା ଉପରେ ଧ୍ୟାନ ରଖିବାକୁ ବିଶେଷ ଯତ୍ନବାନ ହୋଇ ସୁବର୍ଣ୍ଣପୁର ଜିଲ୍ଲାର ସମ୍ମାନ ଗୌରବ ଓ ପୂର୍ବର ରେକର୍ଡ ସବୁକୁ ବଜାୟ ରଖିବା ଦିଗରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭ୍ରାଂଶୁ ରୁଟ, ଜିଲ୍ଲା ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ଡକ୍ଟର ସରୋଜ ପଟେଲ, ସଂସ୍କୃତି ବିଭାଗର ଦୁଃଖୀଶ୍ୟାମ ସେଠି, ସୋନପୁର କଲେଜ ଏନସିସି ଲେଫ୍ଟନାଂଟ ଆଶିଷ ଅଗ୍ରୱାଲା, ସାଧୁ ସନ୍ଥ ସମ୍ମିଳନୀ ସମିତି ସଭାପତି ମନୋଜ ଅଗ୍ରୱାଲା, ସ୍ୱଚ୍ଛ ଭାରତ ଉପଦେଷ୍ଟା ଗରିବ ଲୋଇ, କୃଷକ ନେତା ବୈକୁଣ୍ଠ ଶତପଥିଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ଘରୋଇ ହସ୍ପିଟାଲରେ ସିଏସ୍ ଅଡିଟ୍ ଆରମ୍ଭ : ଅସ୍ତ୍ରୋପଚାର ପ୍ରସବ କଲେ ନୋଟିସ୍




ଭୁବନେଶ୍ୱର , ୨୩/୦୪ (ନି.ପ୍ର): ରାଜ୍ୟର ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲରେ ବୃଦ୍ଧି ପାଉଛି ସିଜରିଆନ୍ ସେକ୍ସନ୍ (ସି-ସେକ୍ସନ୍) ବା ଅସ୍ତ୍ରୋପଚାର ପ୍ରସବ । ବିଶେଷକରି ଘରୋଇ ହସ୍ପିଟାଲରେ ସି-ସେକ୍ସନ୍ ପ୍ରସବ ଅସ୍ୱାଭାବିକ ଭାବେ ବଢ଼ିବାରେ ଲାଗିଛି । ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳର ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ବୃଦ୍ଧି ଦେଖିବାକୁ ମିଳିଛି । ଏହାକୁ ରୋକିବା ଲାଗି ରାଜ୍ୟ ସରକାର ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲରେ ଅଡିଟ୍ ଆରମ୍ଭ କରିଛନ୍ତି । ଯେଉଁ ଘରୋଇ ହସ୍ପିଟାଲରେ କୌଣସି କାରଣ ନ ଥାଇ ଯଦି ଅସ୍ତ୍ରୋପଚାର ପ୍ରସବ କରାଯାଇଥିବା ନଜରକୁ ଆସିବ, ତା'ହେଲେ ତାଙ୍କୁ ନୋଟିସ୍ କରାଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ପରିଚାଳନା ସୂଚନା ବ୍ୟବସ୍ଥା (ଏଚ୍‌ଏମ୍‌ଆଇଏସ୍)ର ସଦ୍ୟତମ ତଥ୍ୟ ଅନୁସାରେ ୨୦୨୦-୨୧ ଓ ୨୦୨୧-୨୨ରେ ରାଜ୍ୟରେ ଘରୋଇ ହସ୍ପିଟାଲରେ ଏଭଳି ପ୍ରସବ ସଂଖ୍ୟାରେ ୧୦% ବୃଦ୍ଧି ହୋଇଛି । ରାଜ୍ୟରେ ଘରୋଇ ହସ୍ପିଟାଲରେ ୨୦୨୦-୨୧ ବର୍ଷରେ ଅସ୍ତ୍ରୋପଚାର ପ୍ରସବ ସଂଖ୍ୟା ଥିଲା ୬୪.୬୭% । ପରବର୍ତ୍ତୀ ବର୍ଷରେ ଏହା ୭୪.୬୨%କୁ ବୃଦ୍ଧି ପାଇଛି । ହେଲେ, ଏହି ସମୟ ଭିତରେ କେବଳ ସିକ୍କିମ୍‌କୁ ବାଦ୍ ଦେଲେ ବିହାର, ଆସାମ, ଗୁଜରାଟ, ତେଲେଙ୍ଗାନା ଓ ଉତ୍ତର ପ୍ରଦେଶ ଭଳି ରାଜ୍ୟରେ ସି-ସେକ୍ସନ୍ ପ୍ରସବ କିନ୍ତୁ ହ୍ରାସ ପାଇଛି । ଉତ୍ତର-ପୂର୍ବ ଭାରତର ଘରୋଇ ହସ୍ପିଟାଲଗୁଡ଼ିକରେ ୧୬% ଓ ସରକାରୀ ହସ୍ପିଟାଲରେ ୭% ସି-ସେକ୍ସନ୍ ପ୍ରସବ ବୃଦ୍ଧି ହୋଇଥିବା ନଜରକୁ ଆସିଛି । ଅପରପକ୍ଷରେ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ(ଏନ୍‌ଏଫ୍‌ଏଚ୍‌ଏସ୍-୫) କହୁଛି, ଗତ ୫ବର୍ଷ ଭିତରେ ଦେଶରେ ସରକାରୀ ହସ୍ପିଟାଲଗୁଡ଼ିକରେ ସି-ସେକ୍ସନ୍ ୧୧.୫%ରୁ ୧୫.୩%କୁ ବୃଦ୍ଧି ପାଇଛି । ସେହିପରି ରାଜ୍ୟର ଗ୍ରାମାଞ୍ଚଳର ଘରୋଇ ହସ୍ପିଟାଲରେ ସି-ସେକ୍ସନ୍ ପ୍ରସବରେ ମଧ ବୃଦ୍ଧି ଘଟିଛି । ସହରାଞ୍ଚଳରେ ୬୮.୬% ଅସ୍ତ୍ରୋପଚାର ଦ୍ୱାରା ପ୍ରସବ କରାଯାଉଥିବା ବେଳେ ଗ୍ରାମାଞ୍ଚଳରେ ଏହି ହାର ୭୧.୫% ରହିଛି । ହେଲେ ସରକାରୀ ହସ୍ପିଟାଲଗୁଡ଼ିକରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି । ସହରାଞ୍ଚଳର ସରକାରୀ ହସ୍ପିଟାଲରେ ୨୨.୩% ସି-ସେକ୍ସନ୍ ପ୍ରସବ ହୋଇଥିବା ବେଳେ ଗ୍ରାମାଞ୍ଚଳରେ ୧୪.୨% ରହିଛି । ବିଶେଷଜ୍ଞମାନେ ଅସ୍ତ୍ରୋପଚାର ପ୍ରସବ ବଢ଼ିବା ପଛରେ ଏକାଧିକ କାରଣକୁ ଦାୟୀ କରୁଛନ୍ତି । ରାଜ୍ୟରେ ଘରୋଇ ହସ୍ପିଟାଲରେ ଏହା ବୃଦ୍ଧି ପାଇବା ପଛରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ରହିଥିବା ଆଶଙ୍କା କରାଯାଉଛି । ଅନୁବନ୍ଧିତ ହୋଇଥିବା ହସ୍ପିଟାଲ ଏନ୍‌ଏବିଏଚ୍ ସ୍ୱୀକୃତିପ୍ରାପ୍ତ ହୋଇ ନ ଥିଲେ ସି-ସେକ୍ସନ୍ ପାଇଁ ୧୫ହଜାର ଟଙ୍କା ରହିଛି । ଏନ୍‌ଏବିଏଚ୍ ସ୍ୱୀକୃତିପ୍ରାପ୍ତ ହୋଇଥିଲେ ଏଣ୍ଟ୍ରି ସ୍ତରରେ ସି-ସେକ୍ସନ୍ ପାଇଁ ୩୦% ଅତିରିକ୍ତ ଓ ପୂର୍ଣ୍ଣସ୍ତରରେ ଶତ ପ୍ରତିଶତ ଅର୍ଥ ରହିଛି । ତେବେ ଘରୋଇ ହସ୍ପିଟାଲରେ ସି-ସେକ୍ସନ୍ ବୃଦ୍ଧି ପାଇବା ପଛରେ ବିଏସ୍‌କେୱାଇ ଏକ ପ୍ରମୁଖ କାରଣ କି ନୁହେଁ ବର୍ତ୍ତମାନ ସୁଦ୍ଧା ସରକାରୀ ସ୍ତରରେ କୌଣସି ଆକଳନ ହୋଇନାହିଁ । ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା.ବିଜୟ ମହାପାତ୍ର କହିଛନ୍ତି, ଦେଶରେ ସି-ସେକ୍ସନ୍ ହାର ୨୧.୫ ପ୍ରତିଶତ ରହିଛି । ରାଜ୍ୟରେ ମଧ ୨୧.୬ ପ୍ରତିଶତ ରହିଛି । ହେଲେ ଘରୋଇ ହସ୍ପିଟାଲରେ ସି-ସେକ୍ସନ୍ ହାର ୭୦ ପ୍ରତିଶତ ରହିଛି । ଅନେକ ଲୋକ ଶେଷ ପର୍ଯ୍ୟାୟରେ ଘରୋଇ ହସ୍ପିଟାଲରେ ପହଞ୍ଚୁଛନ୍ତି ଓ କେତେକ କ୍ଷେତ୍ରରେ ପ୍ରସୂତି ମଧ ସି-ସେକ୍ସନ୍ ପାଇଁ ଇଚ୍ଛା ପ୍ରକାଶ କରିଥାନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ)ର ନିର୍ଦ୍ଦେଶାବଳୀରେ ୧୫ ପ୍ରତିଶତ ସି-ସେକ୍ସନ୍‌ର ଆବଶ୍ୟକତା ପଡ଼ିଥାଏ । ରାଜ୍ୟର ସରକାରୀ ହସ୍ପିଟାଲରେ ତାହା ସମାନ ରହିଛି । ଘରୋଇ ହସ୍ପିଟାଲରେ ବଢୁଥିବା ସି-ସେକ୍ସନକୁ ରୋକିବା ଲାଗି ସିଏସ୍ ଅଡିଟ୍ କରାଯାଉଛ । ଏଥିରେ ଅସ୍ତ୍ରୋପଚାର ପ୍ରସବର କୌଣସି ଇଣ୍ଡିକେସନ୍ ବା ସଙ୍କେତ ନ ଥାଇ ଯଦି ଅସ୍ତ୍ରୋପଚାର କରାଯାଇଛି ତାହାର ଯାଞ୍ଚ ଚାଲିଛି । ଅଡିଟ୍‌କୁ ଏବେ ଅଧିକ କଡ଼ାକଡ଼ି କରାଯାଇଛି । ଫଳରେ ସମୁଦାୟ ୭୦ ପ୍ରତିଶତରୁ କେତେ ସଂଖ୍ୟକ ଅସ୍ତ୍ରୋପଚାର ବିନା ଇଣ୍ଡିକେସନ୍‌ରେ ହୋଇଛି ତାହା ସ୍ପଷ୍ଟ ହୋଇପାରିବ । ଅଡିଟ୍ ରିପୋର୍ଟକୁ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ । ପରବର୍ତ୍ତୀ ସମୟରେ ସଂପୃକ୍ତ ହସ୍ପିଟାଲକୁ ନୋଟିସ୍ କରାଯିବ ବୋଲି ଡା.ମହାପାତ୍ର କହିଛନ୍ତି ।

# ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ଓ ଚନ୍ଦନଯାତ୍ରା ଆରମ୍ଭ

ପୁରୀ, ୨୩/୦୪ (ନି.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହାର ଚନ୍ଦନ ଯାତ୍ରା ରବିବାର ଦିନ ଆରମ୍ଭ ହେବ । ପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ, ରାମକୃଷ୍ଣଙ୍କ ସହ ପଂଚ ମହାଦେବ ନରେନ୍ଦ୍ର ପୁଷ୍କରିଣୀର ଚନ୍ଦନ ଘରକୁ ବିଜେ କରିବେ । ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ମହାପ୍ରଭୁଙ୍କ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀ ସଜେଇ ହୋଇଛି । ଚାପ ଡ଼ଙ୍ଗାରେ ମହାପ୍ରଭୁ ବିଜେ କରି ପୁଷ୍କରଣୀରେ ଚାପ ଖେଳିବେ । ଚନ୍ଦନ ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପୂଜାପଣ୍ଡା ନିଯୋଗ, ଶୁଦ୍ଧ ସୁଆରଙ୍କ ସହ ଜିଲ୍ଲାପାଳ କଥାବାର୍ତ୍ତା ହୋଇ ନୀତି ନିର୍ଘଂଟ ବ୍ୟବସ୍ଥାବଳି କରିଛନ୍ତି । ଚନ୍ଦନ ଯାତ୍ରାରେ ଆବଶ୍ୟକ ହେଉଥିବା ରଙ୍ଗୀନ କନା ଗୁଡ଼ିକ ଦରଜି ସେବାୟତ ଯୋଗାଇଛନ୍ତି । ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ପାଇଁ ମହାପ୍ରଭୁ ୨୧ ଦିନ ନରେନ୍ଦ୍ର ପୁଷ୍କରଣୀରେ ନୌବିହାର କରିବେ । ସୁରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ସେହିପରି ରଥ ଖଳାରେ ତିନୋଟି ୧୨ ଫୁଟିଆ ଧଉରା କାଠ ରଖାଯାଇଛି । କାଠକୁ ସଂସ୍କାର କରାଯିବ । ଫୁଲ ଚନ୍ଦନ ସିନ୍ଦୁର ଲାଗି କରାଯିବ । ବନଯାତ ନୀତି ଅନୁଯାୟୀ, ଏକ ଚାଳି ଘରେ ଶ୍ରୋତୀୟ ବ୍ରାହ୍ମଣମାନେ ମନ୍ତ୍ର ପାଠ କରିବେ । ରଥ ସଂହିତା ଅନୁଯାୟୀ ପୂଜା ବିଧି କରାଯିବ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୁଖ୍ୟ ମହାରଣା ମାନଙ୍କୁ ଶାଢି ବନ୍ଧା ଯିବ । ପୂଜା ବିଧି ପରେ ସୁନା ଓ ରୂପା କୁରାଢିରେ ବିଶ୍ୱକର୍ମା ମହାରଣା ମାନେ ରଥ ନିର୍ମାଣ ପାଇଁ ଅଦ୍ୟ ଅନୁକୂଳ ଭାବେ କାଠରେ ବାରିସି ଚାଳନା କରିବେ । ଅକ୍ଷୟ ତୃତୀୟା ପରଦିନ ରଥ ଖଳାରେ ବିଧିବଦ୍ଧ ଭାବେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ଏଥିପାଇଁ ତିନୋଟି ଚାଳି କରାଯାଇଛି । ମୁଖ୍ୟ ବିଶ୍ୱକର୍ମା ମହାରଣା, ରଥକାଠ ଅମିନ, ଚିତ୍ରକର, ରୂପକାର, ଦରଜି ସେବକ, ଓଝା ସେବକ, ଭୋଇ ସେବକ ମାନେ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେବେ ।

# ୩୩କେଭି ବିଦ୍ୟୁତ ଖୁଂଟ କାଟି ନେଲେ ଦୂର୍ବୃତ

କୋରେଇ, ୨୩/୦୪ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ରାଜପଥ କଡରେ ଟିକର ଠାରୁ ମସୁଦପୁର ମଧ୍ୟରେ ୩୩ କେଭି ବିଦ୍ୟୁତ ଖୁଂଟ (୧୩ ମିଟର ଲମ୍ବ) ପୋତାଯାଇଥିବା ବେଳେ ଶୁକ୍ରବାର ରାତ୍ରୀରେ କେହି ଦୂର୍ବୃତ ୬ଟି ପୋତାଯାଇଥିବା ଖୁଂଟକୁ ଗ୍ୟାସ କଟରରେ କାଟି ନେବା ସମେତ ତଳେ ରଖାଯାଇଥିବା ୧୦ଟି ଖୁଂଟକୁ ନେଇ ଯାଇଛନ୍ତି । ଏନେଇ ଠିକାସଂସ୍ଥା ପକ୍ଷରୁ ପାଣିକୋଇଲି ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାସ୍ଥଳେ ପହଂଚି ତଦନ୍ତ ଜାରି ରଖିଛି । ପ୍ରକାଶଯେ ମସମୁଦପୁର ଠାରେ ଏକ ୩୩ କେଭି ବିଦ୍ୟୁତ ଷ୍ଟ୍ରକଚର ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି । ଏଥି ନିମନ୍ତେ ପାଣିକୋଇଲି ବିଦ୍ୟୁତ ଉପଖଣ୍ଡ ଠାରୁ ୩୩ କେଭି ଲାଇନ ମସୁଦପୁରକୁ ଯିବ । ଏନେଇ କାର୍ଯ୍ୟାରମ୍ଭ ହୋଇଥିବା ବେଳେ ୧୩ ମିଟର ଲମ୍ବ ଲୁହା ଖୁଂଟ ପକାଯାଇଛି । ଏହି ଖୁଂଟର ମୂଳକୁ ସିମେଂଟ କଂକ୍ରିଟ କରାଯାଉଛି । ପ୍ରଜ୍ଞାନ ଟେକନୋଲଜିସ ପ୍ରାଇଭେଟ ଲିମିଟେଡ ଦ୍ୱାରା ଏହି କାର୍ଯ୍ୟ ଚାଲୁ ରହିଛି । ଏହି କାର୍ଯ୍ୟ ପାଇଁ ୩୮ଟି ବିଦ୍ୟୁତ ଖୁଂଟ ପକାଯିବ । ଶୁକ୍ରବାର ରାତ୍ରୀରେ କେହି ଦୃବୃତ ଟିକର ଫ୍ଲାଏ ଓଭର ବ୍ରିଜ ଠାରୁ ଆଗକୁ ପକାଯାଇଥିବା ୬ଟି ଖୁଂଟକୁ ଗ୍ୟାସ କଟରେ କଟାଯାଇ ନେଇଯିବା ସହ ଗଚ୍ଛିତ ଥବା ୧୦ଟି ଖୁଂଟକୁ ଚୋରି କରି ନେଇଛନ୍ତି । ଏନେଇ କମ୍ପାନୀ ପକ୍ଷରୁ କାଳନ୍ଦୀ ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛି ।

# ନଳବଣରେ ନିଆଁ : ମାଛ ଓ ପକ୍ଷୀଙ୍କ ପ୍ରତି ବିପଦ ସୃଷ୍ଟି କରୁଛି

ଖୋର୍ଦ୍ଧା, ୨୩/୦୪ (ନି.ପ୍ର): ମରାଳ ମାଳୀନି ନୀଳାମ୍ବୁ ଚିଲିକାରେ ଲାଗିଛି ନିଆଁ । ଏ ନିଆଁ କି'ଏ ଓ କାହିଁକି ଲଗାଇଲା ତାହା ଅସ୍ପଷ୍ଟ । ହେଲେ ଲାଗିଥିବା ନିଆଁ କିପରି ଲିଭିବ ।ଏ ନିଆଁ କୁ କିଏ ଲିଭାଇବ ତାହା ଏବେ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ଚିଲିକାରେ କାଳ ବୈଶାଖୀ ପ୍ରଭାବ ଦେଖିବାକୁ ମିଳିଥିଲା । କିଛି ସମୟ ପରେ ଚିଲିକାର ମଧ ଭାଗରେ ଥିବା ନଳବଣରେ ଧୂଆଁ ଦୃଶ୍ୟମାନ ହେଲା । ପରେ ଏହି ନିଆଁ ହୁତୁହୁତୁ ହୋଇ ଜଳୁଥିବାର ଦେଖିବାକୁ ମିଳିଛି । ତେବେ ଚିଲିକାରେ ନିଆଁ ଲାଗିଲେ ଜଳଚର ଜୀବ ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି । ଏପରିକି ଚିଲିକାର ଜୈବ-ବିବିଦ୍ଧତା ନଷ୍ଟ ହୋଇଯିବ । ତେବେ ମାଛ ପିଶାଚ ମାନେ ମାଛ ମାରିବା ଆଳରେ ମାଫିଆ ମାନେ ନିଆଁ ଲଗାଇ ଦେଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଟାଙ୍ଗି ଥାନା କାଳୁପଡା ଘାଟ ଜେଟି ନିକଟରେ । ପବନର ବେଗ ବୃଦ୍ଧି ପାଉଥିବାରୁ ନିଆଁର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି । ନଳ ବଣ ପୋଡିଗଲା ପରେ ଚିଲିକା କାଦୁଅ ରେ ଥିବା ବିଭିନ୍ନ ପ୍ରଜାତିର ମାଛ ମାରିବା ପାଇଁ ମାଫିଆ ନିଆଁ ଲଗାଇ ଦେଇ ନିଜର ସ୍ୱାର୍ଥ ସାଧନ କରୁଥିବା ନେଇ ଅଭିଯୋଗ ହେଉଛି । ନିଆଁର ପ୍ରକୋପ ଏତେ ମାତ୍ରା ଥିଲା ଯେ ଉକ୍ତ ନଳବଣ ନିକଟକୁ ଯିବା କଷ୍ଟକର ହୋଇଥିଲା ।ତେବେ ଖରା ଦିନ ହୋଇଥିବାରୁ ନଳବଣରେ ଥିବା ଘାସ ଗୁଡିକ ଶୁଖିଲା ରହିଛି । ତେଣୁ ଆହୁରି ଅଧିକରୁ ଅଧିକ ନିଆଁ ବ୍ୟାପିବାରେ ସମ୍ଭାବନା ସୃଷ୍ଟି ହୋଇଛି । ନଳବଣ ଗୁଡିକରେ ଚିଲିକାରେ ଥିବା ବିରଳ ବନ୍ୟ ଜନ୍ତୁ ଫିସିଙ୍ଗ୍ କ୍ୟାଟ୍ ବସବାସ କରୁଛନ୍ତି । ତେଣୁ ସେମାନଙ୍କର ଜୀବନ ପ୍ରତି ବିପଦ ଦେଖା ଦେଇଛି ବୋଲି ପରିବେଶବିତ ମାନେ ମତ ଦେଇଛନ୍ତି ।

# କୋଟିକୋଟି ଟଙ୍କାର ରାଜସ୍ୱ ଫାଙ୍କି ମାଲକାନଗିରିରୁ ରାଜ୍ୟ ବାହାରକୁ ଯାଉଛି କେନ୍ଦୁପତ୍ର

ମାଲକାନଗିରି, ୨୩/୦୪ (ନି.ପ୍ର): ବିଭାଗୀୟ ଅଧିକାରୀଙ୍କ ଆଖି ସାମ୍ନାରେ କୋଟିକୋଟି ଟଙ୍କାର ରାଜସ୍ୱ ଫାଙ୍କି ମାଲକାନଗିରିରୁ ରାଜ୍ୟ ବାହାରକୁ ଯାଉଛି କେନ୍ଦୁପତ୍ର । ସରକାରୀ ଫଡିରେ କେନ୍ଦୁପତ୍ର ଦେବାକୁ ନାରାଜ ଆଦିବାସୀ । କାରଣ ସରକାରୀ ଫଡିରେ କେନ୍ଦୁପତ୍ର ଦେଲେ ସଠିକ୍ ସମୟରେ ମିଳୁନାହିଁ ଟଙ୍କା । ତେଣୁ ସରକାରୀ ମୂଲ୍ୟ ଠାରୁ କମ ମୂଲ୍ୟରେ ବେସରକାରୀ ସଂସ୍ଥାରେ କେନ୍ଦୁପତ୍ର ଦେଉଛନ୍ତି ତୋଳାଳି ।ସରକାରୀ ଫଡିରେ ୧୦୦ ବିଡ଼ା କେନ୍ଦୁପତ୍ରକୁ ବୋନସ ସହ ୪ ଶହ ଟଙ୍କା ରହିଛି । ଏହା ସହିତ ବିଭିନ୍ନ ବୀମାରେ ତୋଳାଳିଙ୍କୁ ଅନ୍ତର୍ଭୁକ୍ତ କରିବା ନିୟମ ରହିଛି । କିନ୍ତୁ ସଠିକ୍ ସମୟରେ ପାଉଣା ମିଳୁନଥିବାରୁ ବେସରକାରୀ ସଂସ୍ଥାରେ କେନ୍ଦୁପତ୍ର ଦେଇ ଶୋଷଣର ଶିକାର ହେଉଛନ୍ତି ଆଦିବାସୀ ।ମାଲକାନଗିରି ଜିଲା ମାଥିଲି ବ୍ଲକରେ କେନ୍ଦୁପତ୍ର କିଣିବା ଲାଗି ବେସରକାରୀ ସଂସ୍ଥା ନିୟୋଜିତ ହୋଇଛନ୍ତି । ବେସରକାରୀ ସଂସ୍ଥା ଗୁଡିକ ୨୦ଟି ପଂଚାୟତରେ ବିନା ରସିଦରେ କେନ୍ଦୁପତ୍ର କିଣି ରାଜସ୍ୱ ଫାଙ୍କୁଛନ୍ତି । କିଏ କେଉଁ ସଂସ୍ଥା ନାଁରେ କିଣୁଛି ତାହାର ସଠିକ ତଥ୍ୟ ରଖୁନି ପ୍ରଶାସନ । ୧୦୦ ବିଡାକୁ କିଏ ୩ ଶହ ୫୦ ଟଙ୍କା ଦେଉଛି ତ ଆଉ କିଏ ୪ ଶହଟଙ୍କା । ଦିନ ତମାମ ପତ୍ର ତୋଳିତୋଳି ଉଚିତ୍ ମୂଲ୍ୟ ପାଇପାରୁନାହାନ୍ତି ତୋଳାଳି ଖୋଦ କେନ୍ଦୁଲିଫ୍ ବନାଂଚଳ ଅଧିକାରୀ କ୍ୟାମେରା ସମ୍ମୁଖରେ ସରକାର ରାଜସ୍ୱ ହରାଉଥିବା ସ୍ୱୀକାର କରିଛନ୍ତି । ମାଥିଲି କେନ୍ଦୁଲିଫ୍ ବନାଂଚଳ ଅଧିନରେ ୬୭ଟି ସରକାରୀ ଫଡି ରହିଛି । ସେଥିରେ ୬୬୬୬ ଜଣ କେନ୍ଦୁପତ୍ର ତୋଳାଳି ରହିଛନ୍ତି ।ସେହିପରି ଜିଲ୍ଲାର ଓର୍କେଲ, କଡାମେଟା, ମାଲକାନଗିରି, କାଲିମେଳା, ଓ ଏମଭି ୭ ୯ କେନ୍ଦୁପତ୍ର ବନାଞ୍ଚଳ ରେ କେନ୍ଦୁପତ୍ର ବେପାରୀ ମାନେ ପଞ୍ଚାୟତରେ ମାତ୍ର ୪୦ହଜାର ଟଙ୍କା ବାନ୍ଧି ପତ୍ର କ୍ରୟ କରୁଛନ୍ତି । ହେଲେ ଏହି ସଂସ୍ଥା ଗୁଡିକ ଗୋଟିଏ ରସିଦରେ ବିଭିନ୍ନ ସ୍ଥାନରୁ ପତ୍ର କ୍ରୟ କରୁଥିବା ଅଭିଯୋଗ ହେଉଛି । ଏପରିକି କେନ୍ଦୁପତ୍ର ମାଫିଆ ମାନେ ଜାଣିଶୁଣି ସରକାରୀ ଫଡି ନିକଟରେ ନିଜର ଫଡି କରି ପତ୍ର କ୍ରୟ କରୁଛନ୍ତି । ଫଳରେ କେହି ଫଡି କେଉଁ ବେପାରୀଙ୍କୁ ପଚାରିଲେ ଏହା ସରକାରୀ ଫଡି କହି ନୀରବ ରହୁଥିବା ଅଭିଯୋଗ ହେଉଛି ।

# ଓଡ଼ିଶାର ଅନୁପମ ବୌଦ୍ଧ ପର୍ଯ୍ୟଟନ




ଏବେ ପର୍ଯ୍ୟଟନ ଋତୁ । କୋଭିଡ୍ କଟକଣା ପାଇଁ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳ, ଐତିହ୍ୟପୀଠ ଓ କୀର୍ତ୍ତିସ୍ଥଳରେ ରହିଥିବା କଟକଟାଗୁଡ଼ିକୁ ହଟାଇ ନେବା ପରେ ଏହା ପର୍ଯ୍ୟଟକମାନଙ୍କ ପାଇଁ ଖୋଲି ଦିଆଯାଇଛି । ରାଜ୍ୟର ପ୍ରମୁଖ ଐତିହ୍ୟପୀଠ ତଥା ଦେଶ ବିଦେଶରେ ଖ୍ୟାଦି ଅର୍ଜନ କରିଥିବା ହୀରକ ତ୍ରିଭୁଜ ବଳୟ ଅନ୍ତର୍ଗତ ବୌଦ୍ଧ ପର୍ଯ୍ୟଟନକ୍ଷେତ୍ର ମଧ୍ୟରୁ ଯାଜପୁର ଜିଲ୍ଲାର ରତ୍ନଗିରି ଓ ଉଦୟଗିରି ଏବଂ କଟକ ଜିଲ୍ଲାର ଲଳିତଗିରିର ରହିଛି ବିଶେଷ ପରିଚିତି । ତେବେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତବର୍ଷରେ ଥିବା ବୌଦ୍ଧପୀଠ ମଧ୍ୟରୁ ଏହି ବୌଦ୍ଧପୀଠଗୁଡ଼ିକର ରହିଛି ବିଶେଷ ସ୍ୱତନ୍ତ୍ରତା । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀଠାରୁ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିବା ଏହି ବିଶ୍ୱବିଖ୍ୟାତ ବୌଦ୍ଧପୀଠଗୁଡ଼ିକ ସବୁବେଳେ ଦେଶ ବିଦେଶର ପର୍ଯ୍ୟଟକ, ଗବେଷକ, ଐତିହାସିକ ଏବଂ ସାଧାରଣ ଲୋକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି । ଅତୀତରେ ରାଜ୍ୟ ସରକାର ବୌଦ୍ଧପୀଠ ଉଦୟଗୁରିଠାରେ ଆନ୍ତର୍ଜାତିକ ବୌଦ୍ଧଧର୍ମ ପର୍ଯ୍ୟଟନ ସମାରୋହ କରି ଏହାର ଗୁରୁତ୍ୱ ବୃଦ୍ଧି କରିଥିଲାବେଳେ କେଇବର୍ଷ ହେଲା ଏହା ବନ୍ଦ ହୋଇଯାଇଛି । ଭାରତବର୍ଷର ବୋଧଗୟା, ସାରନାଥ, ନାଳନ୍ଦାଠାରୁ କୌଣସି ଗୁଣରେ କମ୍ ନଥିବା ଏହି ବିଶ୍ୱବିଖ୍ୟାତ ବୌଦ୍ଧପୀଠଗୁଡ଼ିକର ଉପଯୁକ୍ତ ବିକାଶ କରାଇଲେ । ଏହା ରାଜ୍ୟ ପର୍ଯ୍ୟଟନ ବିଭବକୁ ଅଧିକ ଋଦ୍ଧିମନ୍ତ କରାଇପାରନ୍ତା ।


### ॥ ରତ୍ନଗିରି ॥




ରାଜ୍ୟର ଏକ ସୁବିଖ୍ୟାତ ବୌଦ୍ଧପୀଠର ମାନ୍ୟତା ଲାଭ କରିଥିବା ରତ୍ନଗିରି ବୌଦ୍ଧ ମହାବିହାରର କଳାକୀର୍ତ୍ତି ଓ ଐତିହ୍ୟ ଏକ ବୌଦ୍ଧସ୍ମରଣୀୟ କୃତି । ବରି ବ୍ଲକ ଅନ୍ତର୍ଗତ ଏହି ରତ୍ନଗିରିଠାରେ ରହିଛି ଏକ ପ୍ରାଚୀନ ବୌଦ୍ଧଯୁଗୀୟ ବିଶ୍ୱବିଦ୍ୟାଳୟ, ବହୁ ପୁରାତନ ବୌଦ୍ଧମହାବିହାର, ଇଟା ନିର୍ମିତ ଏକ ବିଶାଳ ମହାସ୍ତୁପ, ମହାକାଳଙ୍କ ପବିତ୍ର ମନ୍ଦିର । ରତ୍ନଗିରି ଏକଦା ବୌଦ୍ଧ କାଳଚକ୍ରଯାନ ଓ ଯୋଗାଚାର ବିଜ୍ଞାନବାଦର ଏକ ମହିମାମଣ୍ଡିତ ପୀଠ ଭାବରେ ମଧ୍ୟଯୁଗୀୟ ସମୟରେ ସୁପରିଚିତ ଥିଲା । ବିଶ୍ୱର ବିଭିନ୍ନ ସ୍ଥାନରୁ ଆସୁଥିବା ବିଦ୍ୟାର୍ଥୀମାନଙ୍କ ପାଇଁଞ୍ଚ ରତ୍ନଗିରି ବୌଦ୍ଧମହାବିହାର ଥିଲା ପୁରାତନ ଭାରତବର୍ଷର ଏକ ପ୍ରାଚୀନତମ ବୌଦ୍ଧ ଶିକ୍ଷାକେନ୍ଦ୍ର । ଗୁପ୍ତ ସମ୍ରାଟ ନରସିଂହ ଗୁପ୍ତ ବାଳାଦିତ୍ୟ ଏହି ବିଖ୍ୟାତ ବୌଦ୍ଧପୀଠରେ ବୌଦ୍ଧଶ୍ରମଣ ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସୁବିଶାଳ ବୌଦ୍ଧ ମହାବିହାର ଓ ସଂଘାରାମ ନିର୍ମାଣ କରିଥିଲେ ।



୧୯୦୩ ମସିହାରେ ଯାଜପୁରର ତତ୍କାଳୀନ ଏସ୍.ଡି.ଓ. ମନମୋହନ ଚକ୍ରବର୍ତ୍ତୀଙ୍କ ଦ୍ୱାରା ରତ୍ନଗିରି ବୌଦ୍ଧପୀଠର ପ୍ରାରମ୍ଭିକ ସର୍ବେକ୍ଷଣ କରାଯାଇଥିଲା ଓ ୧୯୫୮ ମସିହାରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏ.ଏସ୍.ଆଇ.) ଏହାର ପ୍ରଥମ ଉତ୍ଖନନ ଆରମ୍ଭ କରିଥିଲେ ଡକ୍ଟର ଦେବଳା ମିତ୍ର ନାମକ ଜଣେ ମହିଳା ପ୍ରତ୍ନତତ୍ତ୍ୱବିତ୍ । ରତ୍ନଗିରି ପ୍ରତ୍ନ ଉତ୍ଖନନରୁ ବିପୁଳ ପରିମାଣର ପ୍ରାଚୀନ ବୌଦ୍ଧକୀର୍ତ୍ତିରାଜି ସମେତ ବିଭିନ୍ନ ମୁଦ୍ରାରେ ଆସୀନ ମନୋଜ୍ଞ ବୌଦ୍ଧବିଗ୍ରହ ବୋଧିସତ୍ତ୍ୱ, ତାରା, ହାରିତି, ବସୁଧାରା, ପ୍ରଜ୍ଞାପାରମିତା, ମଂଜୁଶ୍ରୀ, ମହାକାଳ, ହେରୁକ, ପଦ୍ମପାଣି ବୁଦ୍ଧ ଓ ଅପରାଜିତାଙ୍କ ଶହ ଶହ ପ୍ରତିମା ଆବିଷ୍କୃତ ହୋଇଛି । ରତ୍ନଗିରିଠାରେ ଥିବା ମନୋରମ ସଂଗ୍ରହାଳୟରେ ଏହି କଳାଭାସ୍କର୍ଯ୍ୟଗୁଡ଼ିକ ସ୍ଥାନ ପାଇଛି ।








### ॥ ଉଦୟଗିରି ॥

ବିରୂପା-କେଲୁଅ ନଦୀ ଉପତ୍ୟକା ଉପକଣ୍ଠରେ ଗଢ଼ି ଉଠିଥିବା ଏହି ବିଶିଷ୍ଟ ବୌଦ୍ଧବିହାର ବଡ଼ଚଣା ବ୍ଲକର ଉଦୟଗିରିଠାରେ ଅବସ୍ଥିତ । ବଅଢ଼ିହ-ଷୋଳପିଅମା'-ଉଦୟଗିରି ପାହାଡ଼ର ପରିବେଷ୍ଟନୀ ଭିତରେ ଏବଂ ଅପୂର୍ବ ପ୍ରାକୃତିକ ପରିବେଶରେ ଗଢ଼ି ଉଠିଥିବା ଏହି ସୁମହାନ ବୌଦ୍ଧପୀଠ ଭାରତବର୍ଷର ଏକ ଅଦ୍ୱିତୀୟ ପର୍ଯ୍ୟଟନ କ୍ଷେତ୍ର ଭାବରେ ମଧ୍ୟ ପରିଚିତ । ଉଦୟଗିରିଠାରେ ରହିଛି ବୌଦ୍ଧ ବଜ୍ରଯାନ ଯୁଗର ପ୍ରାଚୀନ ଦ୍ୱିତଳ ବୌଦ୍ଧବିହାର, ଯାହାକି ପଞ୍ଚରଥ ଶୈଳୀରେ ନିର୍ମିତ । ଉଦୟଗିରିର ଉତ୍ଖନନରୁ ଆବିଷ୍କୃତ ହୋଇଛି ପ୍ରାଚୀନ ମାଧବପୁର ବୌଦ୍ଧମହାବିହାର ଓ ଏକ ବିଶାଳ ମହାସ୍ତୁପ । ଖ୍ରୀଷ୍ଟୀୟ ଅଷ୍ଟମ-ନବମ ଶତାବ୍ଦୀରେ ନିର୍ମିତ ଏହି ବିହାରଠାରୁ ଅଳ୍ପ ଦୂରରେ ଏକ ବିରଳତମ ଚୈତ୍ୟଗୃହ କମ୍ପ୍ଲେକ୍ସ ଓ ଦ୍ୱିତଳ ସିଂହପ୍ରସ୍ଥ ମହାବିହାର ମଧ୍ୟ ମାଟିତଳୁ ବାହାରିଛି । ଉଦୟଗିରିଠାରେ ବୌଦ୍ଧମହାବିହାର ସମେତ ଏକ ପ୍ରସ୍ତରକଟା ବିଶାଳ କୂପ, ମହାକାଳ ମନ୍ଦିର, ବୃହତ ରୋଷଶାଳା (କିଚେନ୍ କଂପ୍ଲେକ୍ସ) ସମେତ ଶତାଧିକ ବୌଦ୍ଧ ବିଗ୍ରହ ଆବିଷ୍କୃତ ହୋଇଛି । ଉଦୟଗିରିରୁ ଜଟାମୁକୁଟ ଲୋକେଶ୍ୱର, ଅମିତାଭ, ଆକ୍ସୌଭ୍ୟ, ମଂଜୁଶ୍ରୀ, ରତ୍ନସମ୍ଭବ, ପଦ୍ମପାଣି, ଅବଲୋକିତେଶ୍ୱର, ଜମ୍ଭାଳ, ଅପରାଜିତା, ହାରିତି ଇତ୍ୟାଦି ବୌଦ୍ଧମୂର୍ତ୍ତି ଉତ୍ମୂର୍ତ୍ତି ଉତ୍ଖତିତ ହୋଇଛି । ସେହିଭଳି ଏଠାରୁ ଖନନ ସମୟରେ ବହୁ ପ୍ରାଚୀନ ଶିଳାଲେଖ, ଅଳଙ୍କୃତ ସ୍ତମ୍ଭ, ଭୋଟିପ୍ (ଅର୍ଘ୍ୟ) ସ୍ତୁପ, ଚତୁର୍ଭୁଜାକାର ବିହାର, ସ୍ଥାପତ୍ୟ ଓ କଳା ଖୋଦିତ ବିଗ୍ରହ, ସିଲମୋହର, ସୁରେଇ, ଚିଲମ, ମାଟିନଳୀ, ପୋଡ଼ାମାଟିର ନଳୀ, ବିଭିନ୍ନ ପ୍ରକାର କୁଟକାମଯୁକ୍ତ ଟାପୁଆ ଇଟା ଆବିଷ୍କୃତ ହୋଇଛି ।







### ॥ ଲଳିତଗିରି ॥

କଟକ ଜିଲ୍ଲାରେ ବିରୂପା-ଚିତ୍ରୋପୂଳା ନଦୀ ଉପତ୍ୟକାର ପୂର୍ବଘାଟ ପର୍ବତମାଳାର ଅସିହା ପର୍ବତଶ୍ରେଣୀର ନଣ୍ଡାପାହାଡ଼, ପାରାଭାଡ଼ି ଓ ଓଳାଶୁଣି ପାହାଡ଼ ମଧ୍ୟରେ ଲଳିତଗିରିର ଅବସ୍ଥିତି ସ୍ୱତନ୍ତ୍ର । ଲଳିତଗିରିର ପୁରାତାତ୍ତ୍ୱିକ ଅବଶେଷକୁ ୧୮୬୯ ମସିହାରେ ପ୍ରଥମେ ଲୋକଲୋଚନକୁ ଆଣିଥିଲେ ଚନ୍ଦ୍ରଶେଖର ବାନାର୍ଜୀ । ୧୯୨୭-୨୮ରେ ରାମପ୍ରସାଦ ଚାନ୍ଦ ଏହି ବୌଦ୍ଧପୀଠର ପ୍ରଲେଖିକରଣ କରାଇଥିଲେ । ଏହି ପ୍ରମୁଖ ପୀଠର ପ୍ରତ୍ନତାତ୍ତ୍ୱିକ ମହତ୍ତ୍ୱ ଥିବା ଯୋଗୁଁ ୧୯୩୭ ମସିହାରେ ଏହାକୁ ରାଷ୍ଟ୍ରୀୟ ମହତ୍ତ୍ୱପୂର୍ଣ୍ଣ ସ୍ମାରକ ଭାବେ ଘୋଷଣା କରାଯାଇଥିଲା । ୧୯୭୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ତତ୍କାଳୀନ ଲଳିତଗିରିର ପ୍ରଥମ ପ୍ରାରମ୍ଭିକ ଖନନ କରାଯାଇଥିଲେ ମଧ୍ୟ ୧୯୮୫ ମସିହାରୁ ୧୯୯୧ ମସିହାଯାଏ ଭାରତୀୟ ପୁରାତତ୍ତ୍ୱ ସର୍ବେକ୍ଷଣ (ଏ.ଏସ୍.ଆଇ.)ର ଭୁବନେଶ୍ୱର ମଣ୍ଡଳ ଏହି ପୀଠର ବ୍ୟାପକ ଓ ପୂର୍ଣ୍ଣାଙ୍ଗ ପ୍ରତ୍ନଖନନ କରିଥିଲେ । ଏହି ଉତ୍ଖନନରୁ ଏକ ବିଶାଳସ୍ତୁପର ଅବଶେଷ ମିଳିଥିଲା । ଏହି ସ୍ତୁପ ମଧ୍ୟରେ ଖଣ୍ଡୋଲାଇଟ ପଥରରେ ନିର୍ମିତ ତିନୋଟି ଅସ୍ଥି ଅବଶେଷର ଫରୁଆ (ରେଲିକ୍ସ କାସକେଟ୍) ମିଳିଥିଲା । ତିନୋଟି ଫରୁଆ ମଧ୍ୟରୁ ଗୋଟିଏ ଖାଲି ଥିଲାବେଳେ ଦୁଇଟି ଭିତରେ ଖଡ଼ିପଥର, ତା' ଭିତରେ ରୂପା ଓ ତା' ମଧ୍ୟରେ ସ୍ୱର୍ଣ୍ଣ ଲଘୁ ଫରୁଆର ସେଟ୍ ମିଳିଥିଲା ।ଉଭୟ ସ୍ୱର୍ଣ୍ଣ ଫରୁଆ ଭିତରେ ଦଗ୍ଧ ଅସ୍ଥି ଖଣ୍ଡରୂପରେ ଧାତୁ ଅଥବା ପୁରାବଶେଷ ମିଳିଥିଲା । ଲଳିତଗିରି ପୀଠ ଖନନରୁ ଚାରୋଟି ବୌଦ୍ଧବିହାରର ଅବଶେଷ ଆବିଷ୍କୃତ ହୋଇଛି । ଲଳିତଗିରିରେ 'ଶ୍ରୀ ଚନ୍ଦ୍ରାଦିତ୍ୟ ବିହାର ସମଗ୍ର ଆର୍ଯ୍ୟ ଭିକ୍ଷୁ ସଂଘ' ଲେଖା ହୋଇଥିବା ଏକ ମୃଣ୍ମୟ ମୁଦ୍ରାଛାପ (ସିଲ୍ମୋହର) ମିଳିଥିଲା, ଯାହାକି ଖ୍ରୀଷ୍ଟାବ୍ଦ ୯ମ-୧୦ମ ଶତାବ୍ଦୀର ବୋଲି ପ୍ରମାଣ ମିଳୁଛି । ଲଳିତଗିରିଠାରେ ୧୦ କୋଟି ଟଙ୍କା ବ୍ୟୟରେ ଏକ ଭବ୍ୟ ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇଛି ।




## ଚମତ୍କାରରେ ପରିପୂର୍ଣ୍ଣ ମୁଣ୍ଡେଶ୍ୱରୀ ମନ୍ଦିର





ମା' ମୁଣ୍ଡେଶ୍ୱରୀଙ୍କ ମନ୍ଦିର ଭାରତର ସବୁଠୁ ପ୍ରାଚୀନ ମନ୍ଦିର ମଧ୍ୟରୁ ଅନ୍ୟତମ । ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଆଧାରରୁ ଜଣାଯାଏ, ଅନେକ ବିଦ୍ୱାନଙ୍କ ମତରେ ଏହି ମନ୍ଦିର ବିଭିନ୍ନ ପ୍ରକାରର ଚମତ୍କାରରେ ପରିପୂର୍ଣ୍ଣ । ମା' ଦୁର୍ଗା ଏବଂ ଭଗବାନ ଶିବଙ୍କୁ ସମର୍ପିତ ଏହି ମନ୍ଦିର କୈମୁର ପର୍ବତ ଉପରେ ପ୍ରାୟ ୬୦୮ ଫୁଟ୍ ଉଚ୍ଚରେ ଅବସ୍ଥିତ । ଏଠାରୁ ହସ୍ତଗତ ହୋଇଥିବା ଶିଳାଲେଖ ଅନୁସାରେ, ମନ୍ଦିରଟି ଅନେକବର୍ଷରୁ ଏଠାରେ ଦଣ୍ଡାୟମାନ ରହିଛି । ମାର୍କଣ୍ଡେୟ ପୁରାଣ ଅନୁସାରେ, ମାତା ଭଗବତୀ ଏଠାରେ ଅତ୍ୟାଚାରୀ ଅସୁର ମୁଣ୍ଡର ବଧ କରିଥିଲେ । ଏହି କାରଣରୁ ମା'ଙ୍କ ନାମ ମୁଣ୍ଡେଶ୍ୱରୀ ରହିଛି । ଶ୍ରଦ୍ଧାଳୁଙ୍କ ଅନୁସାରେ, ମା' ମୁଣ୍ଡେଶ୍ୱରୀ ରହିଛି । ଶ୍ରଦ୍ଧାଳୁଙ୍କ ଅନୁସାରେ, ମା' ମୁଣ୍ଡେଶ୍ୱରୀଙ୍କ ନିକଟରେ ଯିଏ ପବିତ୍ର ମନରେ କିଛି ଆଶା କରେ, ତାହା ନିଶ୍ଚୟ ପୁରଣ ହୁଏ । ଏଠାରେ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥାଏ ।

## ପିତ୍ତକୋଷରେ ପଥର




ସାଧାରଣରେ ପିତ୍ତକୋଷରେ ବିଭିନ୍ନ ପ୍ରକାର ରୋଗ ଦେଖାଯାଇଥାଏ । ସେଗୁଡ଼ିକ ହେଲା ହଠାତ୍ ପିତ୍ତକୋଷ ଫୁଲିଯିବା, ଦରଜ ହେବା, ଜ୍ୱର ହେବା, ହଳଦିଆ ପରିସ୍ରା ହେବା ଇତ୍ୟାଦି । ଏହାକୁ ଏକ୍ୟୁଟ କୋଲେସିସ୍ ଟାଇଟିସ୍ କୁହାଯାଏ । ହଠାତ୍ ଏହି ରୋଗ ଆରମ୍ଭ ହୁଏ । ରୋଗୀ ପେଟରେ ଯନ୍ତ୍ରଣା ଅନୁଭବ କରେ । ଭୀଷଣ ଜ୍ୱର ହୁଏ ବାନ୍ତି ଏବଂ ହଳଦିଆ ପରିସ୍ରା ହୁଏ । ବେଳେବେଳେ ଆଖି ହଳଦିଆ ଦେଖାଯାଏ । ଆପେନଡ଼ିକସ୍ ବା ଯକୃତ ପଥରର ଲକ୍ଷଣ ନାରୀମାନଙ୍କ ଠାରେ ଅଧିକ ହୋଇଥାଏ । ବିଶେଷକରି ମୋଟା ସ୍ତ୍ରୀ ଲୋକ, ଛୁଆପିଲା ଥିବା ସ୍ତ୍ରୀ ଲୋକ, ୪୦ ବର୍ଷ ବା ତା' ଠାରୁ ଅଧିକ ବର୍ଷର ନାରୀଠାରେ ଏହି ରୋଗ ବେଶୀ ଦେଖାଯାଏ । ଏପରି ହେଲେ ପିତତ୍ତକୋଷ ଫୁଲିଯାଏ ଏବଂ ବ୍ୟଥା ହୁଏ । ପିତ୍ତକୋଷରେ ପଥର ଅଧିକ ଭାବରେ ନାରୀମାନଙ୍କର ହୁଏ ପିତ୍ତକୋଷରେ ପଥର ହେବାରେ ବିଭିନ୍ନ କାରଣ ରହିଛି । ତେବେ ମୂଳ କାରଣ ହେଲା ପିତ୍ତକୋଷରେ ଥିବା ପିତ୍ତ ଜମିଗଲେ ଏହା ଧୀରେଧୀରେ ଟାଣ ହୋଇଯାଏ ଏବଂ ପଥର ପରି ଶକ୍ତ ହୋଇଥାଏ । ଏହାକୁ ପିତ୍ତକୋଷରେ ପଥର କୁହାଯାଏ । ପିତ୍ତକୋଷରେ ପଥର ଥିଲେ ଏବଂ ହଠାତ୍ ସଂକ୍ରମଣ ନହେଲେ ଅନେକ ଦିନ ପର୍ଯ୍ୟନ୍ତ କୌଣସି ଲକ୍ଷଣ ଦେଖାଯାଏ ନାହିଁ । ଅନେକ କ୍ଷେତ୍ରରେ ଦେଖାଯାଇଛି କୌଣସି କାରଣରୁ ପେଟରେ ଅଲଟ୍ରାସୋନୋଗ୍ରାଫି କରିବା ବେଳେ ଏହା ଜଣାପଡ଼େ । ପିତ୍ତକୋଷରେ ପଥର ଥିଲେ ଏବଂ ସଂକ୍ରମଣ ହୋଇନଥିଲେ ଏହାର କୌଣସି ନିର୍ଦ୍ଦିଷ୍ଟ ଲକ୍ଷଣ ନଥାଏ । କେବଳ ବେଳେବେଳେ ପେଟ ଫୁଲାଇବା, ଅଧିକ ଚର୍ବିଜାତୀୟ ଖାଦ୍ୟ ଖାଇଲେ ହଜମ ନହେବା, ଆମ୍ବିଳା ହେକୁଟିରୁ ଅମ୍ଳପିତ୍ତ ହୋଇଥିବା ଜଣାପଡ଼େ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୪ ଏପ୍ରିଲ ୨୦୨୩, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସାବଧାନତା ସହ ଚିନ୍ତା ଜରୁରୀ...

ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ (ୟୁଜିସି)ର ଅଧକ୍ଷ ଦେଶର ସବୁ ବିଶ୍ୱବିଦ୍ୟାଳୟଙ୍କୁ ଅନୁରୋଧ କରିଛନ୍ତି ଶିକ୍ଷାର୍ଥୀମାନଙ୍କୁ ସ୍ଥାନୀୟ ଭାଷାରେ ପରୀକ୍ଷା ଦେବାକୁ ଅନୁମତି ଦେବା ପାଇଁ, ଏମିତିକି ପାଠ୍ୟକ୍ରମ ଇଂରାଜୀ ଭାଷାରେ ପଢ଼ା ଯାଇଥିଲେ ସୁଦ୍ଧା । ଅଧକ୍ଷଙ୍କର ଏପରି ଅନୁରୋଧ ସାମାନ୍ୟ ବିସ୍ମିତ କରିଦେବା ଭଳି ହୋଇଥିବା ବେଳେ ବିଶ୍ୱବିଦ୍ୟାଳୟ ସ୍ତରରେ ଶିକ୍ଷାଦାନ-ଶିକ୍ଷା ଗ୍ରହଣ ପ୍ରକ୍ରିୟାରେ ସ୍ଥାନୀୟ ଭାଷା ବ୍ୟବହାର କରିବା କେତେଦୂର ସମୟୋପଯୋଗୀ ଏବଂ ଉପଯୁକ୍ତ ହେବ, ସେ ସମ୍ବନ୍ଧରେ ଏହି ନୀତିକୁ କାର୍ଯ୍ୟକାରୀ ହେବା ପୂର୍ବରୁ ବିସ୍ତୃତ ଆଲୋଚନାର ଅପେକ୍ଷା ରଖୁଛି । ସଙ୍ଗେ ସଙ୍ଗେ ସେ ମଧ୍ୟ ପରାମର୍ଶ ଦେଇଛନ୍ତି ମୂଳ ଲେଖାଗୁଡ଼ିକର ସ୍ଥାନୀୟ ଭାଷାରେ ଅନୁବାଦ କରି ଶିକ୍ଷାଦାନ କରିବାକୁ, ଯାହା ଏକ ଅପରିପକ୍ୱ ଗ୍ରହଣୀୟତାକୁ ଆମନ୍ତ୍ରଣ କରିଥାଏ । ଶିକ୍ଷାବିତ୍ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ସମସ୍ତେ ଗୋଟିଏ କଥାରେ ଏକମତ ଯେ ଶିକ୍ଷାର ପ୍ରାଥମିକ ସ୍ତରଗୁଡ଼ିକରେ ମାତୃଭାଷା ଶିକ୍ଷାଦାନର ମାଧମ ହେବା ଉଚିତ, ଯେହେତୁ ଏହା ପିଲାମାନଙ୍କୁ ସେମାନଙ୍କର ପାଠ୍ୟକ୍ରମକୁ ଭଲ ଭାବରେ ବୁଝି ସେସବୁର ବ୍ୟାଖ୍ୟା କରିବାରେ ସାହାଯ୍ୟ କରିଥାଏ । ଉଭୟ ଶିକ୍ଷା ଅଧିକାର ଆଇନ ୨୦୦୯ ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରାଥମିକ ସ୍ତରରେ ଅନ୍ତତଃପକ୍ଷେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ, ପରନ୍ତୁ ଅଷ୍ଟମ ଶ୍ରେଣୀ ଏବଂ ତା' ପର ପର୍ଯ୍ୟନ୍ତ ସ୍ପୃହଣୀୟ ଭାବରେ ସ୍ଥାନୀୟ ଭାଷାରେ ଶିକ୍ଷାଦାନ କରିବାକୁ ପ୍ରୋତ୍ସାହିତ କରିଛନ୍ତି । ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ ଏ ଦୁଇ ନୀତି ଶିକ୍ଷାରେ ଏକ ବହୁ-ଭାଷୀ ପଦ୍ଧତି ଅବଲମ୍ବନ କରାଯିବା ସପକ୍ଷରେ ରହିଛନ୍ତି, ବିଶେଷକରି ପ୍ରାଥମିକ ସ୍ତରରେ । ଶିକ୍ଷାର ମାଧମ ପରବର୍ତ୍ତୀ ସ୍ତରରେ ପରିବର୍ତ୍ତନ କରାଯାଇ ପାରେ, କିନ୍ତୁ ପ୍ରାଥମିକ ସ୍ତରଗୁଡ଼ିକରେ ପିଲାମାନେ ଶିକ୍ଷକ ପ୍ରକ୍ରିୟାର ଯେଉଁ ମୌଳିକ ତତ୍ତ୍ୱଗୁଡ଼ିକ ନିଜ ଭିତରେ ସମାବିଷ୍ଟ କରିଥାନ୍ତି, ତାହା ସେମାନଙ୍କୁ ଭବିଷ୍ୟତରେ ଦୃଢ଼ ଭାବରେ ନିଜ ଗୋଡ଼ରେ ଠିଆ ହେବାରେ ସାହାଯ୍ୟ କରିଥାଏ, ଏମିତିକି ସେମାନେ ଯେତେବେଳେ ଶିକ୍ଷାଦାନର ମାଧମ ବଦଳାଇଥାନ୍ତି, ସେ ସମୟରେ ମଧ୍ୟ । ଭାରତରେ କିନ୍ତୁ ଏହା ଏକ ଧାରଣା, ଯାହା ଏବେ ସୁଦ୍ଧା ଆଲୋଚନାର ଟେବୁଲ ଉପରେ ରହିଛି; ପ୍ରାକ୍-ପ୍ରାଥମିକ ଏବଂ ପ୍ରାଥମିକ ସ୍ତରର ଶିକ୍ଷା ଏକ ଉଲ୍ଲେଖନୀୟ ସଂଖ୍ୟକ ଶିକ୍ଷାନୁଷ୍ଠାନରେ ମାତୃଭାଷା ଭିନ୍ନ ଅନ୍ୟ ଭାଷାରେ ପ୍ରଦାନ କରାଯାଉଛି । ଦେଶର ଅନେକଗୁଡ଼ିଏ ବିଶ୍ୱବିଦ୍ୟାଳୟ ଯେଉଁ ଶିକ୍ଷାର୍ଥୀମାନେ ସ୍ନାତକ ବା ଗ୍ରାଜୁଏଟ୍ ଏବଂ ତା'ଠାରୁ ଉପର ସ୍ତରଗୁଡ଼ିକରେ ନାମ ଲେଖାଉଛନ୍ତି, ସେମାନଙ୍କର ବହୁମୁଖୀ ପ୍ରତିଭାକୁ ଧ୍ୟାନରେ ରଖି ଇଂରାଜୀ ଭାଷାକୁ ଶିକ୍ଷାର ମାଧମ ଭାବରେ ଗ୍ରହଣ କରିଛନ୍ତି । ଆହୁରି ଏକ କାରଣ ମଧ୍ୟ ହୋଇପାରେ ଯେ ଉଚ୍ଚତର ଶିକ୍ଷାଗତ ଯୋଗ୍ୟତା ପାଇଁ ଶିକ୍ଷାର ମାଧମ ଏଭଳି ଏକ ଭାଷା ହେବା ଆବଶ୍ୟକ, ଯାହାର ଗ୍ରହଣୀୟତା ସବୁ ଅଞ୍ଚଳରେ ରହିବା ସହିତ ଦେଶ ବାହାରେ ଅର୍ଥାତ୍ ବିଦେଶରେ ମଧ୍ୟ ରହିବା ଉଚିତ । ଏଭଳି ଧାରଣା ଏକ କ୍ରମବର୍ଦ୍ଧିଷ୍ଣୁ ବୈଶ୍ୱିକ ଜଗତରେ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ସେମାନଙ୍କ ନିଜକୁ ପ୍ରତିଷ୍ଠିତ କରିବାରେ ଅଧିକ ସହାୟକ ହେବ। ଯେଉଁ ବିଶ୍ୱବିଦ୍ୟାଳୟମାନେ ଏଭଳି ପଥ ଅନୁସରଣ କରୁଛନ୍ତି, ସେମାନଙ୍କୁ ପରୀକ୍ଷା ଅନୁଷ୍ଠିତ କରାଇବାକୁ ଏକ ଦ୍ୱିଭାଷୀ ବ୍ୟବସ୍ଥାକୁ ଆପଣାଇବା ପାଇଁ କହୁଥିବା ୟୁଜିସି ଏହା ପଛର ଯୌକ୍ତିକତା ଦର୍ଶାଇବା ଉଚିତ । ଏଭଳି ଏକ ନୂଆ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଏହା ଅନ୍ୟ ଏକ ଆକଳନ କରିବା ବିଧେୟ ଯେ ଏହାର ପରିଣତି ସ୍ୱରୂପ ସୃଷ୍ଟି ହେବ ଏକ ସମସ୍ୟା, ଯାହା ଶିକ୍ଷକମାନଙ୍କ ପଦକୁ ସେଇମାନଙ୍କ ନିମନ୍ତେ ସଂରକ୍ଷିତ କରିବାକୁ ବାଧ କରିବ, ଯେଉଁମାନେ ସ୍ଥାନୀୟ ଭାଷାଗୁଡ଼ିକରେ ବ୍ୟୁତ୍ପତ୍ତି ହାସଲ କରିଛନ୍ତି । ୟୁଜିସି ଅନ୍ୟ ଏକ ପ୍ରସଙ୍ଗକୁ ମଧ୍ୟ ବିଶଦ ଭାବରେ ବୁଝାଇ ଦେବା ଉଚିତ ଯେ ବୈଶ୍ୱିକ ଧାରା ଯେତେବେଳେ ଶିକ୍ଷକମାନେ ଶିକ୍ଷାର୍ଥୀମାନଙ୍କର ବାର୍ଷିକ ଆକଳନ କରିବା ପରିବର୍ତ୍ତେ ୩୬୦ଡିଗ୍ରୀ ଆଧାରରେର ଆକଳନ କରିବା ସପକ୍ଷରେ ଯାଉଛି, ସେ ସମୟରେ ଏଭଳି ଏକ ପ୍ରସ୍ତାବର କାର୍ଯ୍ୟାନ୍ୱୟନ କିପରି ଫଳାଫଳ ବହନ କରି ଆଣିବ, ସେ ସମ୍ପର୍କରେ ଏହା ଗଭୀର ଭାବରେ ଚିନ୍ତା କରଛି। ମଜାର କଥା ହେଉଛି, ଗତ ବର୍ଷ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହଙ୍କ ନେତୃତ୍ୱାଧୀନ ସରକାରୀ ଭାଷା ଉପରେ ସଂସଦୀୟ କମିଟି ଯେଉଁସବୁ ସୁପାରିସ କରିଥିଲା, ୟୁଜିସିର ସାମ୍ପ୍ରତିକ ପରାମର୍ଶଗୁଡ଼ିକ ସେହି ଧାରାରେ ହୋଇଥବା ପ୍ରତୀୟମାନ ହେଉଛି। କମିଟି ପରାମର୍ଶ ଦେଇଥୁଲା ଯେ ହିନ୍ଦୀ-ଭାଷୀ ଅଞ୍ଚଳଗୁଡ଼ିକରେ ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଶିକ୍ଷାର ମାଧମ ହିନ୍ଦୀ ଏବଂ ଅନ୍ୟ ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଯଥାକ୍ରମେ ସେମାନଙ୍କର ସ୍ଥାନୀୟ ଭାଷା ହେବା ଉଚିତ । ଏହା ମଧ୍ୟ ଆଇଆଇଟିଗୁଡ଼ିକ ଭଳି ଦେଶର ସବୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନମାନଙ୍କ ପାଇଁ ପ୍ରଯୁଜ୍ୟ ବୋଲି କୁହାଯାଇଥିଲା। ଏସବୁକୁ ଲକ୍ଷ୍ୟ କଲେ ଜଣାପଡ଼େ ଯେ ଏ ସବୁ ନିଷ୍ପତ୍ତିଗୁଡ଼ିକ ସ୍ଥାନୀୟ ଭାଷାମାନଙ୍କୁ ପ୍ରୋତ୍ସାହନ ଦେବା ନିମନ୍ତେ ଉଦ୍ଦିଷ୍ଟ । ତେବେ କିଛି ଲୋକ ରହିଛନ୍ତି ଯେଉଁମାନଙ୍କ ମନରେ ଆଶଙ୍କାଟିଏ ରହିଛି ଯେ ପ୍ରଥମେ ବିଶ୍ୱବିଦ୍ୟାଳୟର ପରିସର ମଧ୍ୟରୁ ଇଂରାଜୀ ଭାଷାକୁ ହଟାଇ ଦେବା ପାଇଁ ଏବଂ ତା'ପରେ ଜାତୀୟ ସଂହତି ନାମରେ ହିନ୍ଦୀ ଭାଷାକୁ ଅଣ-ହିନ୍ଦୀଭାଷୀ ଅଞ୍ଚଳଗୁଡ଼ିକରେ ଲଦି ଦେବା ପାଇଁ ଏହା ଏକ ଚାଲ୍ । ସ୍ଥାନୀୟ ଭାଷାଗୁଡ଼ିକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ସମ୍ପର୍କରେ କୌଣସି ବ୍ୟକ୍ତିଙ୍କ ମନରେ କିଛି ହେଲେ ସନ୍ଦେହ ନାହିଁ, କିନ୍ତୁ ବିଶ୍ୱବିଦ୍ୟାଳୟ ସ୍ତରରେ ଶିକ୍ଷାର ମାଧମ ଭାବରେ ସ୍ଥାନୀୟ ଭାଷାକୁ ପ୍ରୋତ୍ସାହିତ କରାଯିବା ପୂର୍ବରୁ ସେଥିପ୍ରତି ଅତି ସାବଧାନତାର ସହିତ ଚିନ୍ତା କରାଯିବା ଉଚିତ। କେବଳ ଏକ ଅପରୀକ୍ଷିତ ନୂଆ ଟାୟାରକୁ ଲଗାଇବା ନିମନ୍ତେ ଏକ ରେସିଂ କାରର ପରୀକ୍ଷିତ ଟାୟାରକୁ ଗୁଳି କରି ଫଟାଇ ଦେବାକୁ କଦାଚିତ୍ ବିଜ୍ଞତାର ପରିଚାୟକ କୁହାଯିବ ନାହିଁ ।

# ବିଶ୍ୱାସ-ଅବିଶ୍ୱାସର ଅଗ୍ନିବଳୟ



ଡକ୍ଟର ଲକ୍ଷ୍ମଣ ସାହୁ

ବିଲାୱଲ ଭୁଟ୍ଟୋ ଭାରତ ଆସୁଛନ୍ତି । ସ୍ୱର୍ଗତ ବେନଜିର ଭୁଟ୍ଟୋଙ୍କ ପୁଅ ବିଲାୱଲ ବର୍ତ୍ତମାନ ପାକିସ୍ତାନର ବୈଦେଶିକ ମନ୍ତ୍ରୀ । ଆସନ୍ତା ୪-୫ ତାରିଖ ଦିନ ଗୋଆରେ 'ସାଂଘାଇ ସହଯୋଗ ସଂଗଠନ'ର ବୈଠକ ହେବାକୁ ଯାଉଛି । ୨୦୧୪ରେ ନରେନ୍ଦ୍ର ମୋଦୀଙ୍କ ଶପଥ ଗ୍ରହଣ ଦିନ ନୱାଜ ସରିଫ ସାର୍କ ଦେଶର ଅନ୍ୟତମ ପ୍ରଧାନମନ୍ତ୍ରୀ ଭାବରେ ଆସିଥିଲେ । ତେବେ ପ୍ରଧାନମନ୍ତ୍ରୀ କଥାବାର୍ତ୍ତାଠାରୁ ଦୂରରେ, କୌଣସି ପାକ୍ ମନ୍ତ୍ରୀ ଭାରତ ଆସିନାହାଁନ୍ତି । ଏତେ ବର୍ଷ ପରେ ବିଲାୱଲ ଆସୁଛି । ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମମତାଜ ଜାହରା ବାଲୋଚ ଆନୁଷ୍ଠାନିକ ଭାବେ ଏହି ଗସ୍ତ ଘୋଷଣା କରିଛନ୍ତି।

ମୁଖପାତ୍ର ଯୁଗ୍ମ ସଚିବ, ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅରିନ୍ଦମ ବାଗଚି କହିଛନ୍ତି ଯେ ଏହି ସମ୍ମିଳନୀର 'ହୋଷ୍ଟ' ହେଉଛି ଭାରତ। ତେଣୁ ସଂଗଠନର ସଦସ୍ୟ ଦେଶମାନେ ପ୍ରତ୍ୟେକ ଦେଶକୁ ଜାତୀୟ ରୀତିନୀତି ଅନୁଯାୟୀ ଆମନ୍ତ୍ରଣ କରିଛନ୍ତି । କେବଳ ପାକିସ୍ତାନ ନୁହେଁ, ରୁଷ ବ୍ୟତୀତ ଚୀନ୍, କାଜାଖସ୍ତାନ, କିର୍ଗିଜସ୍ଥାନ, ତାଜିକିସ୍ତାନ, ଉଜବେକିସ୍ତାନ, ଆଫଗାନିସ୍ତାନ, ବେଲାରୁଷ, ଇରାନ, ମୋଙ୍ଗୋଲିଆ ଆଦି ପର୍ଯ୍ୟବେକ୍ଷକ ରାଷ୍ଟ୍ର ଅଛନ୍ତି । ଏପରିକି ଆଫଗାନିସ୍ତାନର ତାଲିବାନ ସରକାର ଗୋଆରେ ଭାରତର ଅତିଥି ଅଟନ୍ତି !

ସହଭାଗୀ ଭାବରେ ଆଉ ଛଟି ରାଜ୍ୟ ଅଛି । ଯଥା - ଆର୍ମେନିଆ, ଆଜେରବାଇଜାନ, କାମ୍ବୋଡିଆ, ନେପାଳ, ଶ୍ରୀଲଙ୍କା ଏବଂ ତୁର୍କୀ । ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ସେମାନେ ଭାରତ ଆସିବାକୁ ଇଚ୍ଛୁକ । କାରଣ ସେମାନେ ବିଶ୍ୱ ଆତଙ୍କବାଦ ବିରୋଧରେ ଲଢ଼େଇର ସୁରକ୍ଷା ଉପରେ ଏକ ସହମତି ପ୍ରକାଶ କରିବାକୁ ଆଗ୍ରହୀ । ପାକିସ୍ତାନ ସେହି ଦିନ - ଗୁରୁବାର, ଏପ୍ରିଲ ୨୦ ରେ କହୁଛି ଯେ ପାକିସ୍ତାନ ସମର୍ଥିତ ମାଓବାଦୀମାନେ କାଶ୍ମୀରର ଏକ ଭାରତୀୟ ସେନା ଟ୍ରକରେ ଗ୍ରେନେଡ ଲବ କରିଥିଲେ । ପାଞ୍ଚଜଣ ସୈନିକଙ୍କ ମୃତ୍ୟୁ ଘଟିଛି । (ଦୁଃଖର କଥା ଏଠାରେ ମନେପକାଇ ଦେବାକୁ ଯାଉଛି ଯେ ଏହି ବର୍ବର ଆକ୍ରମଣରେ ଓଡ଼ିଶାର ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଅଳଗୁମର ଖଣ୍ଡାୟତ ସାହିର ଯବାନ ଦେବାଶିଷ ବିଶ୍ୱାଳ ଶହୀଦ ହୋଇଛନ୍ତି । ଶହୀଦ ଦେବାଶିଷ ବିଶ୍ୱାଳଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଉଛି । ଏହି ଘଟଣାରେ ଓଡ଼ିଶାର ଆଉ ଜଣେ ଓଡ଼ିଆ ପୁଅ ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ମନ୍ତ୍ରୀଡି ଗ୍ରାମର କାଳିଚରଣ ଆହତ ହୋଇ ଚିକିତ୍ସାରେ ଅଛନ୍ତି।) ପୁଞ୍ଚରେ ହୋଇଥିବା ଆକ୍ରମଣ ପଛରେ ପାକିସ୍ତାନର ଲଶ୍କର-ଏ-ତାଇବା ରହିଥିଲା । ତେବେ ଭାରତ ପାକିସ୍ତାନ ଉପରେ ବିଶ୍ୱାସ କରିବା ଉଚିତ୍ କି ?

ଭାରତୀୟ ଗୁପ୍ତଚର ଏଜେନ୍ସି ଭାରତୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ, ସେନା କର୍ତ୍ତୃପକ୍ଷଙ୍କୁ ଶୀଘ୍ର ଚେତାବନୀ ପଠାଇଛି। ସେ କହିଛନ୍ତି, ଭାରତ ସରକାର ମେ ୨୨-୨୪ରେ ଶ୍ରୀନଗରରେ ଜି -୨୦ର ପର୍ଯ୍ୟଟନ ଉପରେ ୱାର୍କିଂ ଗ୍ରୁପ୍‌ର ଏକ ବୈଠକ କରୁଛନ୍ତି । ଏହି ବୈଠକ ଆୟୋଜନ କରିବାକୁ ପାକିସ୍ତାନ ବିରୋଧ କରୁଛି। କାରଣ ପାକିସ୍ତାନ ଭାବୁଛି କାଶ୍ମୀର ଏକ ବିବାଦୀୟ ଅଞ୍ଚଳ। ତେଣୁ ଭାରତ ଅନ୍ତର୍ଜାତୀୟ ନିୟମ ଭାଙ୍ଗୁଛି । ସେଥିପାଇଁ ଭାରତ ବିରୋଧରେ ମିଳିତ ଜାତିସଂଘରେ ଅଭିଯୋଗ କରିବାକୁ ପାକିସ୍ତାନ ଧମକ ଦେଇଛି । ବାସ୍ତବରେ, କାଶ୍ମୀରରେ ଧାରା ୩୭୦ ରଦ୍ଦ କରିବାକୁ ସଂସଦ ସରକାରଙ୍କ ନିଷ୍ପତ୍ତିକୁ ପାକିସ୍ତାନ ବିରୋଧ କରୁଛି।

ମେ ମାସରେ କର୍ଣ୍ଣାଟକ ମତଦାନ, ମେ ମାସରେ ୟୁପି ମତଦାନ, ମେ ୨୦୨୪ରେ ଲୋକସଭା ନିର୍ବାଚନ । ତେଣୁ ବର୍ତ୍ତମାନ ପାକିସ୍ତାନ ସହ ଦ୍ୱିପାକ୍ଷିକ ବନ୍ଧୁତା ସ୍ଥାପନ କରି ବିଜେପିର କ୍ଷତି ଏହାର ଲାଭ ଠାରୁ ଅଧିକ ହୋଇପାରେ । ଏଠାରେ ପ୍ରଶ୍ନ ହେଉଛି - ଯେତେବେଳେ ଆମେ ପାକିସ୍ତାନକୁ ବିଶ୍ୱାସ କରିପାରିବା ନାହିଁ, ଯେତେବେଳେ ଆମେ କାଶ୍ମୀରରେ ଜି -୨୦ ବୈଠକ କରି ବିଶ୍ୱକୁ ଏକ ବଳିଷ୍ଠ ମୋଦୀ ପ୍ରଶାସନର ଉଦାହରଣ ସୃଷ୍ଟି କରିବାକୁ ଚାହୁଁ, ଯେତେବେଳେ ଗୁପ୍ତଚରମାନେ ଏହି ଆକ୍ରମଣ ବିଷୟରେ ଆଗୁଆ ଚେତାବନୀ ମଧ ଦେଇଥିଲେ, ଆମେ କାହିଁକି (?) କାଶ୍ମୀର ଉପତ୍ୟକାରେ ଏକ ନିର୍ବୋଧ ପ୍ରତିରକ୍ଷା ବ୍ୟବସ୍ଥା ସୃଷ୍ଟି କରିବାକୁ ଯିବା ?

ଏହି ପାକ୍ ଆତଙ୍କବାଦ 'ସାଂଘାଇ ସହଯୋଗ'ର ବହୁପକ୍ଷୀୟ ବୈଠକ ପୂର୍ବରୁ ଭାରତ-ପାକ୍ ସମ୍ପର୍କର ଫ୍ରିଜ୍ କୂଟନୀତିକୁ ସାହାଯ୍ୟ କରି ନାହିଁ । ବର୍ତ୍ତମାନ ପାକିସ୍ତାନର ଅବସ୍ଥା ଅତ୍ୟନ୍ତ ଦୁଃଖଦାୟକ । ସେମାନେ ଦେବାଳିଆ ଅଟନ୍ତି । ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ଭାଇ ଶେହବାଜ ସରିଫଙ୍କ ସହ ବିରୋଧୀଦଳର ନେତା ଇମ୍ରାନ ଖାନଙ୍କ ବିବାଦ ଚରମ ସୀମାରେ ପହଞ୍ଚିଛି । ପ୍ରଶାସନ ନ୍ୟାୟପାଳିକାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବାରେ ସକ୍ଷମ ନୁହେଁ । ନୱାଜ ସରିଫ ପାକ୍ ସେନାରେ ସମ୍ପୂର୍ଣ୍ଣ ଭାବେ ଆତ୍ମସମର୍ପଣ କରିଛନ୍ତି । ପାକ୍ ସେନା ସହାୟତାରେ ନୱାଜ ସରିଫଙ୍କ ଝିଅ ପାକିସ୍ତାନକୁ ଫେରିଥିଲେ ।

ବର୍ତ୍ତମାନ ପାଇଁ ନରେନ୍ଦ୍ର ମୋଦୀଙ୍କ ବ୍ୟାକ-ଚ୍ୟାନେଲ କୂଟନୀତି ହେଉଛି ସୀମା, ନିୟନ୍ତ୍ରଣ ଲାଇନକୁ ସଜାଗ ରଖିବା । ଏହି ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟରେ ପାକିସ୍ତାନ ସେନା ମଧ୍ୟ ଭାରତ ସହ କଥାବାର୍ତ୍ତା ଆରମ୍ଭ କରିବାକୁ ଚାହୁଁଛି । କିନ୍ତୁ ତଥାପି ମୋଦୀ-ବିଜେପି-ଆରଏସଏସ ପାକିସ୍ତାନ ସହ ଦ୍ୱିପାକ୍ଷିକ କଥାବାର୍ତ୍ତା ଆରମ୍ଭ କରିବାକୁ ଇଚ୍ଛୁକ ନୁହେଁ । ତେବେ ମୋଦୀ କଣ ଚାହୁଁଛନ୍ତି? ରୁଷ ଚୀନ୍ ଓ ପାକିସ୍ଥାନ ସହିତ ଅଛି । ଚୀନ୍ ଭାରତ ଉପରେ ଆକ୍ରମଣ କରୁଛି, ଜମି ଦଖଲ କରୁଛି । ତଥାପି ଭାରତ ଚୀନ୍ ସହିତ କୂଟନୈତିକ ସମ୍ପର୍କ ଭାଙ୍ଗିବାକୁ ଏବଂ ଦ୍ୱନ୍ଦ୍ୱ ପଥରେ ଯିବାକୁ ଚାହୁଁନାହିଁ । ପ୍ରଥମତଃ ଚୀନ୍ ସହିତ ଭାରତର ବାଣିଜ୍ୟ ସମ୍ପର୍କ ନିବିଡ ଭାବରେ ଜଡିତ। ଦୁଇ ଦେଶ ମଧ୍ୟରେ ଯେତେ ଶତ୍ରୁତା ଓ ବିବାଦ ବଢୁନା କାହିଁକି, ଚୀନ୍ ସୀମା ବୁଝମଣାର 'ଯନ୍ତ୍ର କୌଶଳ' ବନ୍ଦ କରିବାକୁ ଚାହୁଁନାହିଁ । ଚୀନ୍ ସୀମା ବିବାଦ ଓ ବାଣିଜ୍ୟକୁ ଅଲଗା ରଖିବାକୁ ଚାହୁଁଛି । ଭାରତ ମଧ୍ୟ ଚୀନ୍ ପରି ଏକ ବଡ ଶକ୍ତିଶାଳୀ ଦେଶ ସହିତ ସମୁଦାୟ ବିବାଦର ରାସ୍ତାକୁ ଯିବାକୁ ଚାହୁଁନାହିଁ କି ଆନୁଷ୍ଠାନିକ ଭାବରେ ଏହାର ନାମ 'ନାଟୋ' ରେଜିଷ୍ଟରରେ ପଞ୍ଜିକରଣ କରିବାକୁ ଚାହୁଁନାହିଁ । ଏହି ସମୟରେ ଆମେରିକା ଉପରେ ପାକିସ୍ତାନର ନିର୍ଭରଶୀଳତା ପୂର୍ବ ଅପେକ୍ଷା ଅଧିକ ବୃଦ୍ଧି ପାଇଛି । ଆମେରିକା ମାଧ୍ୟମରେ ଆନ୍ତର୍ଜାତୀୟ ପାଣ୍ଠିରୁ ପାକିସ୍ତାନ ଆର୍ଥିକ ସହାୟତା ନେବା ଜରୁରୀ ହେଉଛି ।

ତେବେ ପାକିସ୍ତାନ ବିଷୟରେ ଭାରତର ବୈଦେଶିକ ନୀତି କ'ଣ ? କହିବାକୁ ଗଲେ ପାକିସ୍ତାନକୁ ଆଦୌ ବିଶ୍ୱାସ କରାଯିବା ଉଚିତ ନୁହେଁ। ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ବିଛିନ୍ନ ହେବା ବୋଧହୁଏ ବାଞ୍ଛନୀୟ ନୁହେଁ । ଚୀନ୍ ବିଷୟରେ ଭାରତର ପୂର୍ବତନ ସୁରକ୍ଷା ପରାମର୍ଶଦାତା ଜେ ଏନ (ଯେହେତୁ ସେ ବୈଦେଶିକ ସଚିବ ଥିଲେ) କହିଛନ୍ତି - 'ବଗିଚାରେ ସାପ ଅଛି ବୋଲି ଜାଣି, ବଗିଚାର ଯତ୍ନ ନେବାକୁ ପଡ଼ିବ, ସେହିଭଳି ପାକିସ୍ତାନ ସହିତ ଆଲୋଚନାର ପରିବେଶ ପୁଣି ସୃଷ୍ଟି ହେବା ଆବଶ୍ୟକ । ସେଥିପାଇଁ କେବଳ ଟ୍ରାକ୍ ୱାନ୍ ନୁହେଁ, ଟ୍ରାକ୍-ଦୁଇ କୂଟନୀତି ମଧ୍ୟ ଆବଶ୍ୟକ ।

୨୦୧୪ରେ ନରେନ୍ଦ୍ର ମୋଦୀ ନୱାଜ ସରିଫଙ୍କ ସହ ଶୁଭେଚ୍ଛା ସହ ଆଲୋଚନା ଆରମ୍ଭ କରିଥିଲେ । କିନ୍ତୁ କିଛି ମାସ ମଧ୍ୟରେ ସେ ଅନୁଭବ କଲେ ଯେ ପାକିସ୍ତାନୀ ସେନା ହେଉଛି ପ୍ରକୃତ ଟ୍ରିଗର । ଯେଉଁଠାରେ ସେନା ନୱାଜଙ୍କୁ ହଟାଇବାକୁ ଚାହୁଁଛନ୍ତି । ତାଙ୍କ ସହ କଥା ହେବା ଏକା କାମ । ଏହା ନୁହେଁ ଯେ ମୋଦୀଙ୍କର ପାକିସ୍ତାନ ସହ କୌଣସି ସ୍ତରରେ ସମ୍ପର୍କ ନାହିଁ, କିନ୍ତୁ ଲାହୋର ବସ୍ ଚଳାଚଳର ରୋମାଣ୍ଟିକ୍ କାର୍ଗିଲ୍ ଯୁଦ୍ଧକୁ ନଷ୍ଟ କରିଦେଇଛି । ପାକିସ୍ତାନ ଗସ୍ତରେ ଆସିବା ଏବଂ ନୱାଜଙ୍କୁ ଭେଟିବା ପାଇଁ ମୋଦିଙ୍କ ପ୍ରୋଟୋକଲ୍ ଭାଙ୍ଗିବା ମଧ୍ୟ ପୁଲୱାମା ଆକ୍ରମଣରେ ଛାଇ ଯାଇଛି । ବର୍ତ୍ତମାନ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ପାକିସ୍ତାନୀ ସେନା ସହିତ ଘନିଷ୍ଠ ସମ୍ପର୍କ ବଜାୟ ରଖିଛନ୍ତି । ପୂର୍ବତନ ସେନା ମୁଖ୍ୟ ବାଜୱା କ୍ଷମତାରେ ଥିବାବେଳେ ଆଲୋଚନା ଆରମ୍ଭ କରିବା ସପକ୍ଷରେ ଅଛନ୍ତି ।

ମେ ମାସରେ କର୍ଣ୍ଣାଟକ ମତଦାନ, ମେ ମାସରେ ୟୁପି ମତଦାନ, ମେ ୨୦୨୪ ରେ ଲୋକସଭା ନିର୍ବାଚନ। ତେଣୁ ଦ୍ୱିପାକ୍ଷିକ ବନ୍ଧୁତା ସ୍ଥାପନ କରି ବିଜେପିର କ୍ଷତି ଏହାର ଲାଭଠାରୁ ଅଧିକ । ବରଂ 'ହିନ୍ଦୁତ୍ୱ'ର ଆଭ୍ୟନ୍ତରୀଣ ରାଜନୀତି, 'ଧାରା ୩୭୦', ଏପରିକି, ସାଂଘାତିକ ରାଜନୀତିରେ' ପୋଲାରାଇଜେସନ୍ 'ବଢିବା ଆବଶ୍ୟକ । ପାକ୍-ଇଣ୍ଡିଆ ବନ୍ଧୁତ୍ୱର 'ହାଇପ୍ରୋଫାଇଲ୍' ହୁଏତ ରାଜନୀତିର ନିଆଁ ଲିଭାଇପାରେ - ବୋଧହୁଏ ଅଜିତ୍ ଡୋଭାଲ୍ କିମ୍ବା ପାକିସ୍ତାନ ସହ ଭାରତ ସରକାରଙ୍କ ବୁଝମଣା କୌଣସି ପ୍ରଚାର ହୋଇନପାରେ । ତେବେ ଯେତେବେଳେ ପାକିସ୍ତାନରୁ ପ୍ରାୟ ୧୦୦ ମୁସଲମାନ ତୀର୍ଥଯାତ୍ରୀ ଦିଲ୍ଲୀର ନିଜାମୁଦ୍ଦିନ ଦର୍ଗା ପରିଦର୍ଶନ କରିଥିଲେ, ସେତେବେଳେ ଭାରତ ସରକାର ଏହାର ସମସ୍ତ ବ୍ୟବସ୍ଥା କରିଥିଲେ । ସେହିଭଳି ଭାରତ ଶିଖ୍ ତୀର୍ଥଯାତ୍ରୀ ମାନଙ୍କୁ ସୁରକ୍ଷା ସହିତ ପାକିସ୍ତାନର ଗୁରୁଦ୍ୱାରକୁ ନେଇଛି । ଏହି ସବୁ ଘଟିଛି ପୁଲୱାମା ବାଲାକୋଟ ପରେ ।

ଦ୍ୱିତୀୟତଃ କାଶ୍ମୀରରେ ନିୟନ୍ତ୍ରଣ ରେଖା ସହିତ ଅସ୍ତ୍ରବିରତି ଉଲ୍ଲଂଘନ ଉଭୟ ଦେଶରେ ବାଜୱାଙ୍କ ରହିବା ସମୟରେ ଘଟିଥିଲା । ବର୍ତ୍ତମାନ ସୀମା ଆକ୍ରମଣ ଏବଂ କିରଗଡା ବହୁତ କମ୍ ଅଟେ । ସତ କହିବାକୁ ଗଲେ ଆର୍ଥିକ ସଙ୍କଟ ଦିନରେ ମଧ୍ୟ ପାକିସ୍ତାନ ଧାରା ୩୭୦ର ଏକ ପ୍ରସଙ୍ଗ କରିବାକୁ ଚାହୁଁନାହିଁ । ପାକିସ୍ତାନ ଏବେ ଆଲୋଚନା ଆରମ୍ଭ କରିବାକୁ ଆଗ୍ରହୀ । ଏହି ପରିପ୍ରେକ୍ଷୀରେ ଆମେରିକାର ଚାପ ମଧ୍ୟ ଶକ୍ତିଶାଳୀ । ଏହି ପରିସ୍ଥିତିରେ ମୋଦିଙ୍କ ରଣନୀତି କ'ଣ? ସତହେଉଛି ମୋଦୀ ପାକିସ୍ତାନ ସହ ବିବାଦ କରିବାକୁ ଚାହୁଁନାହାଁନ୍ତି । କିନ୍ତୁ ପାକିସ୍ତାନକୁ ଭାରତର ରାଜନୈତିକ ଆଲୋକରୁ ସମ୍ପୂର୍ଣ୍ଣ ଅପ୍ରାସଙ୍ଗିକ କରିବାକୁ ଚାହୁଁଛନ୍ତି । ପୂର୍ବରୁ ଭାରତୀୟ ଗଣମାଧ୍ୟମରେ ପାକିସ୍ତାନର 'ଅବସାନ' ଥିଲା - ବର୍ତ୍ତମାନ ଏହା ବହୁତ ହ୍ରାସ ପାଇଛି।

ତେଣୁ ମୋଦୀଙ୍କ ବ୍ୟାକ-ଚ୍ୟାନେଲ କୂଟନୈତିକ ସୀମାକୁ ରଖିବା, ଅର୍ଥାତ୍ କଣ୍ଟ୍ରୋଲ୍ ଲାଇନ୍, ଚୁପ୍ ରହିବା । କିନ୍ତୁ ଦ୍ୱିପାକ୍ଷିକ ଆଲୋଚନା ଓ ମିଳିତ ମଞ୍ଚ ପ୍ରତିଷ୍ଠା କରିବାର କୌଣସି ପ୍ରଦର୍ଶନ କରିବାକୁ ସେ ଚାହୁଁନାହାଁନ୍ତି। ବର୍ତ୍ତମାନ ସେ ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେବାକୁ ଚାହୁଁଛନ୍ତି ଓ 'ବିଶ୍ୱ ବୌଦ୍ଧ ସମ୍ମିଳନୀ'ରେ କହିଛନ୍ତି - ଭାରତ ବିଶ୍ୱକୁ ଯୁଦ୍ଧ ନୁହେଁ ବରଂ ଗୌତମ ବୁଦ୍ଧଙ୍କୁ ଦେଇଛି । ୟୁକ୍ରେନରେ ଯୁଦ୍ଧ ଶେଷ କରିବାକୁ ସେ ସେପ୍ଟେମ୍ବରରେ ହେବାକୁ ଥିବା ଜି -୨୦ ଶିଖର ସମ୍ମିଳନୀରେ ଶାନ୍ତି ବାର୍ତ୍ତା ମଧ୍ୟ ଦେବାକୁ ଚାହୁଁଛନ୍ତି । ଏହି ପରିପ୍ରେକ୍ଷୀରେ କାଶ୍ମୀରରେ ହୋଇଥିବା ଆତଙ୍କ ପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଜୟଶଙ୍କର ଓ ବିଲାୱଲଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ହେବାର ସମ୍ଭାବନା ଏବେ ବି ସାମାନ୍ୟ ରହିଛି...!!!

ଅଧ୍ୟକ୍ଷ, ମହାନଦୀ ବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ -୪
ମୋ: ୯୦୪୦୧୫୧୪୭୫

# କଲିକତା ହାଇକୋର୍ଟର ଐତିହାସିକ ରାୟ



ସୁବ୍ରତ କର

ଅଳ୍ପ କିଛିଦିନ ତଳେ କଲିକତା ହାଇକୋର୍ଟର ଏକ ଐତିହାସିକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ଆମର ଏବେକାର ସମାଜକୁ ବିଶେଷତଃ ଘରର ବହୁମାନଙ୍କୁ ସାବଧାନ କରିବା ପାଇଁ ଚେଷ୍ଟା କରିଛନ୍ତି । କଲିକତାରେ ରହୁଥିବା ଜଣେ ଭଦ୍ର ଲୋକ ତାଙ୍କର ବିବାହିତ ସ୍ତ୍ରୀଙ୍କୁ ବିବାହ ବିଚ୍ଛେଦ ଆଇନ ମାଧ୍ୟମରେ ଅଲଗା ହୋଇପାରିଛନ୍ତି । ବିଚ୍ଛେଦର ମୂଳ କାରଣ ଥିଲା ତାଙ୍କର ସ୍ତ୍ରୀ ତାଙ୍କର ଶଶୁର ଶାଶୁଙ୍କଠୁ ଅଲଗା କରିର ସ୍ୱାମୀଙ୍କ ସହିତ ରହିବା ପାଇଁ ଚାହୁଁଥିଲେ । ଏ କଥାଟି ଭଦ୍ରଲୋକଙ୍କୁ ପଛନ୍ଦ ଆସି ନଥିଲା ଏବଂ ସ୍ୱାମୀଙ୍କୁ ବହୁତବାର ମନେଇନେବା ପାଇଁ ବୁଝାଇଥିଲେ କିନ୍ତୁ ଶେଷରେ ଫଳପ୍ରଦ ହୋଇ ପାରିନଥିଲେ ଏବଂ କୋର୍ଟରେ ଡିର୍ଭୋସ ମାମଲା ରୁଜୁ କରିଥିଲେ । ଏହି କେସଟିରେ କୋର୍ଟ ଖୁବ ଶୀଘ୍ର ଭଦ୍ରଲୋକଙ୍କୁ ସ୍ତ୍ରୀଙ୍କ ଠାରୁ ଅଲଗା ରହିବା ପାଇଁ ଅନୁମତି ଦେଇଥିଲେ। ଆପଣମାନେ କହିବେ ଇଏ କେଉଁ ନୂଆ କଥା କି? ନିଶ୍ଚିତ ଭାବରେ ନୂଆ କଥା ନୁହଁ ଏବଂ ଏପରି ଘଟଣା ଏବେ ଘରେ ଘରେ ହେଉଛି ଏବଂ ଭବିଷ୍ୟତରେ ହେବ ମଧ । କିନ୍ତୁ ମାନିବାକୁ ପଡ଼ିବ ଭଦ୍ରଲୋକଙ୍କ ବିଚାର ବୁଦ୍ଧିକୁ ଏବଂ ପରିଣତ ବୟସରେ ପହଞ୍ଚିଥିବା ମା, ବାପାଙ୍କୁ ନ ଛାଡ଼ି ସ୍ତ୍ରୀଙ୍କୁ ଛାନପତ୍ର ଦେଲେ । ପ୍ରମାଣ କରି ଦେଖେଇଲେ ମାଆ ବାପାଙ୍କ ଦେଖଭାଲ କରିବା ପୁଅର କର୍ତ୍ତବ୍ୟ ଏବଂ ସର୍ବୋପରି ପରେ ସ୍ତ୍ରୀ । ଏବେ ପ୍ରଶ୍ନ ହେଲା ଏମିତି କେତେଜଣ କହି ପାରିବେ? ଖୁବ୍ କମ୍, କାରଣ ଏହା ପାଇଁ ଯଥେଷ୍ଟ ସାହସର ଦରକାର ଏବଂ ଏହାକୁ କାର୍ଯ୍ୟ କହି କରିବା ପାଇଁ ମାନସିକତାର ମଧ ଆବଶ୍ୟକତା ପଡ଼ିଥାଏ । ଏବେ ଆସିବା ଏହିପରି ଘଟଣା ଘରେ ଘରେ ଘଟୁଛି ଏବଂ କାହିଁକି? ଏହାର କାରଣ ଗୋଟାଏ ଅଧେ ନୁହଁ ଗୋଡ଼ାଏ । ପ୍ରଥମ କଥା ହେଲା ଆଜିକାଲି ଅଧିକାଂଶ ମହିଳାମାନେ ଶିକ୍ଷିତ ଏବଂ ବାହା ହେବାର ଦୁଇ ଚାରିବର୍ଷ ପରେ ଯୋଗ୍ୟତା ଅନୁସାରେ ଚାକିରିରେ ଲାଗି ପଡ଼ନ୍ତି । କମ୍ ବେଶି କିଛି ରୋଜଗାର ପନ୍ଥା ବାଛି ନେଇ ଥାଆନ୍ତି ଏବଂ ସ୍ୱାଧୀନ ହେବା ପାଇଁ ଚେଷ୍ଟା କରନ୍ତି । ଦ୍ୱିତୀୟ କାରଣ ହେଲା ଆଧୁନିକ ପରିବାର ଏକାନ୍ନବର୍ତ୍ତୀ ପରିବାର ନୁହଁ । ଏପରିକି ଗୋଟାଏ ସହରରେ ମା, ବାପାଠୁ ସ୍ୱାମୀ ସ୍ତ୍ରୀ ଅଲଗା ହୋଇ ରହୁଛନ୍ତି । ମୂଳ କାରଣ ହେଲା ବୁଢ଼ା ବୁଢ଼ି କଥା ବୁଝିବା ପାଇଁ କାହାରି ଧୈର୍ଯ୍ୟ ନାହିଁ ବା ସମୟ ନାହିଁ । ଗୋଟାଏ ବା ଖୁବ୍‌ଜୋର ଦୁଇଟି ପିଲାକୁ ମଣିଷ କରିବା ପାଇଁ ବାପା, ମାଆ ଲାଗି ପଡ଼ନ୍ତି ଏବଂ ନିଜର ମା, ବାପାଙ୍କୁ ଦେଖିବା ପାଇଁ ଚେଷ୍ଟା ନଥାଏ ବା ସମୟ ମଧ ନାହିଁ । ଆଜିକାଲି ଦୁନିଆରେ ସମସ୍ତେ ସ୍ୱାର୍ଥରେ ବସିଛନ୍ତି । ନିଜେ କେମିତି ଭଲରେ ରହିବେ, ଭଲରେ ଖାଇବେ, ମୌଜ ମଜଲସ କରିବେ । ମା, ବାପାଙ୍କ ପରିଣତ ବୟସରେ କିଏ ବୁଝିବ କିଏ ଦାୟିତ୍ୱ ନେବ? ଆଉ ରୋଗ ହେଲେ ତ କଥା ନାହିଁ । ଏହି ପରିସ୍ଥିତିରେ କଲିକତାରେ ଭଦ୍ରଲୋକ ସମସ୍ତଙ୍କ ପାଇଁ ଏକ ଦୃଷ୍ଟାନ୍ତ ହୋଇ ରହିଲେ ।



## କବିତା କୋଣାର୍କ

## ହଜିଗଲା

**ଦୀପକ କୁମାର ନାଏକ**




ରାଜା ସିନା ପୂଜା ପାଏ
ଆପଣା ଦେଶରେ
କବି ପୂଜା ପାଉ ଥାଏ
ଦେଶ ବିଦେଶରେ !!
ପିଲା ଦିନେ ପଢୁଥିଲେ
କେତେ ସରାଗରେ
ତାହାର କି ମୂଲ୍ୟ ଅଛି
ଆଉ ଜଗତ ରେ !!
ରାଜା ନତମସ୍ତକ ହୁଅଇ
ଦ୍ୱାରପାଳ ପାଖରେ
ସାହିତ୍ୟ, ଗଳ୍ପ , କବିତା
ହଜେ ବିଜ୍ଞାପନ ରେ
ହଜେ ବିଜ୍ଞାପନ ରେ !!

ଗ୍ରାମ-ଗଣ୍ଡାନାଳୀ, ବ୍ଲକ୍ -ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ,
ପିନ୍ -୭୫୯୦୨୧
ମୋ:୮୬୩୭୨୬୧୮୨୮

## ସାନବୋଉ

**ପ୍ରଦୀପ୍ତ କୁମାର ଦାସ**



ଘରେ ଆସି ପାଦ ଦେଉ ଦେଉ
'ମୋ ପୁଅ ଆସିଲାଣି' ବୋଲି କହି
ଯିଏ ଖୁସିରେ ଦିଶୁଥିଲା ସଦା ଦାଉ ଦାଉ -
ସିଏ ଆଉ କେହି ନୁହଁ ମୋ ଆଦରଣୀୟା
ସାନବୋଉ...,
ସେ ରୋଗୀ ସେବାରେ ଥିଲା ଯେମିତି ସୁନିପୁଣା
ପରିବାର ପରିଚାଳନାରେ ଥିଲା ସେମିତି ସୁଦକ୍ଷା...
ଜୀବନ ସାରା ସେବାକୁ ସେ ମଣୁଥିଲା ବ୍ରତ
ସେଇଥି ପାଇଁ ତ ଅନବରତ ସେ ଥିଲା ସେବାରେ
ରତ...
ବହୁ ଆସନ୍ନ ପ୍ରସବାଙ୍କୁ ସେ ଗର୍ଭ ଯନ୍ତ୍ରଣାରୁ ଉଦ୍ଧାର
କରି
ସେମାନଙ୍କୁ ଭେଟି ଦେଉଥିଲା ରକ୍ତ ମାଂସର ଜୀବନ୍ତ
କଣ୍ଢେଇ...
ଯେତେ କଷ୍ଟ ଯନ୍ତ୍ରଣା ହେଲେ ମଧ
ନିଜ ଛୁଆଙ୍କୁ ଖୁସି ବାଣ୍ଟୁଥିଲା
ଆଦରରେ କାଖେଇ କୁଣ୍ଢେଇ...
ଅନ୍ୟର ସେବାଯତ୍ନ ପ୍ରତି ଗୁରୁତ୍ୱ ଦେଇ ଦେଇ
ସିଏ ନିଜେ ହୋଇ ଯାଇଥିଲା ରୋଗଗ୍ରସ୍ତ...
ଅନ୍ୟ ପାଇଁ ସବୁବେଳେ ଦ୍ୱାରମୁକ୍ତ ରଖୁଥିବା ମୋ
ସାନବୋଉ
ଶେଷରେ ହୋଇଥିଲା ଭୁବନେଶ୍ୱର ଏମ୍ସର ଦ୍ୱାରସ୍ଥ...
ସବୁ ଚେଷ୍ଟା ପରେ ମଧ ତାକୁ ବଞ୍ଚାଇ ହେଲା ନାହିଁ
ସାରି ସିଏ ମର୍ତ୍ତ୍ୟ ଲୀଳା ସ୍ୱସ୍ଥାନକୁ ଗଲା ଯେ ବାହୁଡ଼ି...
ସ୍ୱର୍ଗଦ୍ୱାରେ ଜଳିଲା ତା ଦେହ
ସବୁତକ ଜୁଇ ଧୂଆଁ ଯାଇଥିଲା ଆକାଶକୁ ଉଡ଼ି...
ସେ ଚାଲିଗଲା ପରେ
ଖାଁ ଖାଁ ଲାଗୁଅଛି ତା ଘର ତା ସଂସାର...
ସବୁ ପୂର୍ଣ୍ଣତା ଭିତରେ ବିଳପି ଉଠୁଛି
ଶୂନ୍ୟତାର ବିକଳ ସ୍ୱର...
ଏବେ ସାନବାପାଙ୍କୁ ଧୈର୍ଯ୍ୟ ଧରି
ଏକା ଏକା ବଞ୍ଚିବାକୁ ହେବ...
ସାନ ବୋଉର ସୁନା ସଂସାରକୁ
ତାଙ୍କୁ ହିଁ ସମ୍ଭାଳି ରଖିବାକୁ ହେବ...
ପପୁନା ଟିନାଙ୍କୁ ସାହା ହେବା ସହ
ଉଡ଼ା ଶିଖାଇବାକୁ ହେବ କୁନି ଚଢ଼େଇକୁ... ।
ଅଅଅ

କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର, ଓଡ଼ିଶା



## ତୁମ ପାଦେ ରହୁ ଚିତ୍ତ

**ଜନ୍ମଜୟ ନାୟକ**

ତୁମରି ଆଶିଷେ ଆନନ୍ଦ ବରଷେ
ପୁଲକେ ଭରେ ପରାଣ,
ହେଲେ ତୁମ କୋପ ପାଇ ଅଭିଶାପ
ଦୁଃଖେ କଟଇ ଜୀବନ।

ଆସିଲେ ବିପତ୍ତି କରଇ ମିନତି
ସୁଖେ ଲୋଡେ ନାହିଁ କେବେ,
ମୁଁ ପାପୀ ମଣିଷ କ୍ଷମା କର ଦୋଷ
ମୁକତି ଲଭିବି ତେବେ ।

ଜାଣିନାହିଁ ମନ୍ତ୍ର ନଜାଣଇ ତନ୍ତ୍ର
କେମିତି ତୋଷିବି କୁହ ,
ତୁମରି କରୁଣା କରିବନି ଊଣା
ଝରି ଯାଏ ମୋର ଲୁହ।

ମୁଁ ଅଧମ ନର ପୂଜଇ ପୟର
ଅନ୍ତରେ କୁହୁଳେ କୋହ,
ତୁମ କୃପା ବାରି ଶାନ୍ତି ଦେବ ଭରି
ଦୂରେଇ ବିପଦ ଭୟ।


କରଇ ମାଗୁଣି ମୋ ଦୁଃଖ କାହାଣୀ
କରିଦିଅ ପ୍ରଭୁ ଅନ୍ତ,
ବଦଳି ସ୍ୱଭାବ ହଜୁ ମୋ ଗରବ
ତୁମ ପାଦେ ରହୁ ଚିତ୍ତ।

ଗଣିତ ଶିକ୍ଷକ
ଗୋପିନାଥଜୀଉ ସରକାରୀ
ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ମୋ:୯୩୩୭୮୦୦୫୬୫

ସୁଧାଂଶୁ ଶେଖର ଦ୍ୱିବେଦୀ



# ନିଃଶବ୍ଦ ସଂସାରର ମାନଚିତ୍ର



ସେଦିନ ସୁଧାକର ସ୍ନିଗ୍ଧା ସହିତ ଗପିବାକୁ ପହଞ୍ଚି ଦେଖିଲା ସେ ଶାନ୍ତ, ନିଃଶବ୍ଦ, ନିରବି ଯାଇଛି । କିଛି କହୁନାହିଁ । ପୂରାପୂରି ଚୁପ । ବାତାବରଣରେ ନିଃଶବ୍ଦ ଏତେ ଘାରିଯାଇଥାଏ ଯେ ଛୁଞ୍ଚିଟିଏ ପଡିଲେ ବି ଶବ୍ଦର ଗୁଞ୍ଜନ ହେବ । ସତରେ ଏ କେମିତିକା ମେଳାପ !

କିଛି ବୁଝିପାରୁ ନଥାଏ ସୁଧାକର । କଣ ହୋଇଗଲା ସ୍ନିଗ୍ଧାର ? ଏମିତି ଚୁପଚାପ ହେଇଯାଇଛି କାହିଁକି ?

ସୁଧାକର ପିଲାଦିନରୁ ସ୍ନିଗ୍ଧାକୁ ଜାଣିଛି । ଗୋଟିଏ କଲୋନୀ ନିବାସୀ ।

ଗୋଟିଏ ସ୍କୁଲ ଗୋଟିଏ କ୍ଲାସର ସହପାଠୀ । ସାଥୀହୋଇ ପାଠ ପଢ଼ିଛନ୍ତି । ସାଥୀହୋଇ କେତେ କେତେ ଖେଳ ଖେଳିଛନ୍ତି । ସୁଧାକର ସବୁବେଳେ ନିଜ ପାଠପଢ଼ାରେ ଗମ୍ଭୀର । କିଛି ହେବାପାଇଁ ମନରେ ପ୍ରବଳ ଅଭିପ୍ରାୟ । ନିଜର ଭବିଷ୍ୟତ ସ୍ୱପ୍ନ ସହିତ ଆବଶ୍ୟକତା ଅନୁସାରେ କଥାବାର୍ତ୍ତା କରେ । କିନ୍ତୁ ତା' ତୁଳନାରେ ସ୍ନିଗ୍ଧା ଚଞ୍ଚଳ ମନା, ସବୁବେଳେ ବକର ବକର ହେଉଥାଏ । ଆବଶ୍ୟକତାଠାରୁ ଅଧିକ ଏଣୁ ତେଣୁ ଗପିହୁଏ ।

ସୁଧାକର ତାକୁ କୁହେ- ସ୍ନିଗ୍ଧା ! ଆରେ ତୁ ଏତେ କଥା କହୁଛୁ କଣ ପାଇଁ ? ଟିକେ ଅଳ୍ପ କହ ।

ନିଜ ସ୍ୱଭାବରେ ସ୍ନିଗ୍ଧା ଫି-କରି ହସିଦେଇ କହେ-କହିବା ହେଉଛି ମୋ କାମ । ତୁ ନଶୁଣିଲେ ନ ଶୁଣ ହେଲେ ମୁଁ କହିବି ।

ସୁଧାକର କେତେଥର ସ୍ନିଗ୍ଧାର ସ୍ୱଭାବରେ ବିରକ୍ତ ହୋଇ ଚୁପ ରହିବାକୁ କହିଛି । ସେ କିନ୍ତୁ ପୂର୍ବପରି କହେ- ମୁଁ ଯଦି ନିରବ ହୋଇ ଯିବି ତୁ ମୋତେ ଯେତେ ଚିତ୍କାର କରି ଡାକିଲେ ବି ଆଦୌ ଶୁଣିବି ନାହିଁ । ସେଇବେଳେ କେମିତି ବ୍ୟାକୁଳିତ ହେବୁ ଜାଣିବୁ ।

ସୁଧାକର ଏବଂ ସ୍ନିଗ୍ଧା କୈଶରକୁ ବିଦା କରି ଯୌବନର ଦ୍ୱାର ଦେଶରେ ପହଞ୍ଚି ସାରିଥାନ୍ତି । ଅତିବାହିତ ସମୟ ସହିତ ଦୁହିଙ୍କର ବନ୍ଧୁତ୍ୱ ପ୍ରଗାଢ ହୋଇସାରିଥାଏ । ସ୍କୁଲ ପଢ଼ା ବି ଶେଷ ହୋଇ ସାରି ଥାଏ । ବଡ଼ ହୋଇ ଦୁହେଁ ଅଲଗା ଅଲଗା ଲକ୍ଷ୍ୟରେ ପାଦ ରଖି ସାରିଥାନ୍ତି । ସୁଧାକର ଏମ.ବି.ଏ କରିବାକୁ କୋଲକତା ଚାଲିଗଲା ।

ସ୍ନିଗ୍ଧା ନିଜ ସହରରେ ମାଷ୍ଟର ଡିଗ୍ରୀ ପାଇଁ ପ୍ରସ୍ତୁତି କରୁଥାଏ । ଯେବେ ବି ସୁଧାକରକୁ ଫୋନ କରେ ଗୋଟେ ଘଣ୍ଟା ପୂର୍ବରୁ ଛାଡେନାହିଁ । ପୂରା ଦିନର ଦିନଚର୍ଯ୍ୟା ଶୁଣାଏ । ସକାଳୁ ଉଠିବାଠାରୁ ରାତି ହେବା ଯାଏ ଘଟଣାକ୍ରମ ନ ଶୁଣେଇବା ପର୍ଯ୍ୟନ୍ତ କଲ କାଟେନାହିଁ । କେବେ ନିଜେ ନୂଆ ଡ୍ରେସ କ୍ରୟ କରିଥିଲେ ଡ୍ରେସର ଗାଥା ଶୁଣାଏ । ପୁଣି କେବେ ସାଙ୍ଗମାନଙ୍କୁ ଆକ୍ଷେପ କରି ଏଣୁ ତେଣୁ ବଖାଣେ । ଥରେ କହିବା ଆରମ୍ଭ କଲେ ତା' କଥା ପେଡିରୁ ଜମା କଥା ସରେନି । ସ୍ନିଗ୍ଧାର ବାର୍ତ୍ତାଳାପରେ ଜୀବନକୁ ଉନ୍ମୁକ୍ତ ଭାବେ ଜିଇଁବାର ଉତ୍ସାହ ମିଳେ । ହେଲେ ଜୀବନକୁ କେବଳ ଉନ୍ମୁକ୍ତ କରିଦେଲେ ବଞ୍ଚିବା ଅସମ୍ଭବ । ସୁଧାକର ତା'ର ଏତେସବୁ କଥା ଶୁଣି ବିବ୍ରତ ହୋଇଯାଇ କହେ- ସ୍ନିଗ୍ଧା ! ସବୁ କଥାକୁ ବାହାର କରିଦେବା କୋଉ ବୁଦ୍ଧିମତ୍ତାର କାମ ! କିଛି କଥାକୁ ଭିତରେ ରଖ । ହେଲେ ସେ କୋଉଠି ସୁଧାକରର ଆଦେଶ ମାନିଲାଣି ନା ମାନିବ !

ଦିନେ ସୁଧାକର ବିରକ୍ତ ହୋଇ ସ୍ନିଗ୍ଧାକୁ କହିଲା- ଚୁପ ରହ ! ତୋର ଏତେ କଥା ଶୁଣିବାକୁ ମୋ ପାଖରେ ସମୟ ନାହିଁ । ଜୀବନରେ ମୋତେ ଆଗକୁ ବଢିବାକୁ ହେବ । ତୋ ଭଳି କାହାରି ପତ୍ନୀ ହୋଇ ଘର ପରିବାର ସମ୍ଭାଳିବିନି । ତୁ ତ ଚୁପ ରହିବା କେବେ ଶିଖିନାହୁଁ । ମୌନ ରହି ଦୁନିଆକୁ ଜାଣିବା ତୋ ଶବ୍ଦକୋଷରେ ନାହିଁ । ଖବର ଦାର ଆଉ କେବେ ଫୋନ କରିବୁନି ।

ସୁଧାକରର ଆକ୍ଷେପରେ ସ୍ନିଗ୍ଧା କହିଲା- ଠିକଅଛି, ମୁଁ ତୋତେ ସେ ପର୍ଯ୍ୟନ୍ତ ଫୋନ କରିବିନି ଯେପର୍ଯ୍ୟନ୍ତ ତୁ ଅନୁମତି ନ ଦେଇଛୁ । ତାପରେ ସେ ଫୋନ କଲ କାଟିଦେଲା ।

ସ୍ନିଗ୍ଧାଠାରୁ ମୁକ୍ତି ପାଇ ସୁଧାକର ଆଶ୍ୱସ୍ତି ଅନୁଭବ କରି ପୂରା ଫୋକସ ପାଠପଢ଼ା ପ୍ରତି ରଖିଲା । ପ୍ରୋଜେକ୍ଟ, କେମ୍ପସ ସିଲେକସନ ଏବଂ ପରୀକ୍ଷା ସବୁକିଛି ସରିଲା । ହଠାତ ତା'ର ଦିନେ ସ୍ନିଗ୍ଧା କଥା ମନେପଡ଼ିଲା । ସେଦିନ ତା' ମମି ଫୋନରେ କହୁଥିଲା-ସ୍ନିଗ୍ଧାର ବାହାଘର ଠିକ ହୋଇଯାଇଛି । ସୁଧାକର ବଧେଇ ଜଣାଇବାକୁ କେତେଥର କଲ କଲାଣି କିନ୍ତୁ ସ୍ନିଗ୍ଧାର ଫୋନ ସବୁବେଳେ ସୁଇଚ ଅଫ କହୁଛି ।

ପରୀକ୍ଷା ପରେ ପରେ ସୁଧାକରକୁ ମଲ୍ଟିନେସନାଲ କମ୍ପାନୀରେ ଚାକିରୀ ମିଳିଗଲା । ଖୁସିର ଖବରକୁ ସେଲିବ୍ରେଟ କରିବା ପାଇଁ ଗାଁକୁ ଆସିଥାଏ । ସନ୍ଧ୍ୟାରେ ତା' ମମି ଜଣାଇଲା- ସ୍ନିଗ୍ଧାର ଏକ୍ସିଡେଣ୍ଟ ହୋଇଛି । ସ୍କୁଟିରେ ଆସୁଥିବାବେଳେ ଗୋଟେ ଟ୍ରକ ସହିତ ଧକା ହେଲା । ଏବେ ଠିକ ଅଛି । କିନ୍ତୁ.....

ମମି ଆଉ କିଛି କହିବା ପୂର୍ବରୁ ସୁଧାକର ସ୍ନିଗ୍ଧାକୁ ଦେଖା କରିବା ଲାଗି ଘରୁ ବାହାରିଗଲା । ସ୍ନିଗ୍ଧା ତା' ରୁମରେ ଚୁପଚାପ ବସିଥାଏ । ତାକୁ ହାୟ-ହାଲୋ କହି ନିଜ ଚାକିରୀ ବିଷୟରେ ଜଣାଇଲା । ସ୍ନିଗ୍ଧା ମୁହଁରେ କେବଳ ହସ କେରାଏ ବିଚ୍ଛୁରିତ ହେଲା କିନ୍ତୁ ଓଠରୁ ପଦେ କଥା ବାହାରିଲା ନାହିଁ ।

ସୁଧାକର ଆଶ୍ଚର୍ଯ୍ୟ ହେଉଥାଏ । ଆବଶ୍ୟକତାଠାରୁ ଅଧିକ କହୁଥିବା ଝିଅ ଆଜି କେମିତି ନିଃଶବ୍ଦ ହୋଇଯାଇଛି ? ଏଯାଏ କଣ ମୋ ଆକ୍ଷେପ ମୂଳକ କଥାରେ ରାଗ ରଖିଛି । ସୁଧାକର ବାରମ୍ବାର କିଛି ନା କିଛି ପଚାରି ଚାଲିଥାଏ ମାତ୍ର ସ୍ନିଗ୍ଧା ନିରବ, ନିଃଶବ୍ଦ, ନିର୍ବିକାର ହୋଇଯାଇଥାଏ । ସହସା ସ୍ନିଗ୍ଧାର ମମି ଆସି କହିଲେ-ଏକ୍ସିଡେଣ୍ଟରେ ତା' ବାକଶକ୍ତି ହରେଇଦେଇଛି । ସେ ଆଉ କେବେବି କିଛି କହି ପାରିବ ନାହିଁ । ଜଣେ ମୂକ ଚରିତ୍ରରେ ସାରା ଜୀବନ ତାକୁ ଏକାକୀ ବିତେଇବାକୁ ପଡିବ । ଈଶ୍ୱରଙ୍କର କଣ ଇଚ୍ଛା କିଏ ଜାଣେ ? ମୂକ ହୋଇଯିବା କାରଣରୁ ତା' ବାହାଘର ବି ଭାଙ୍ଗିଗଲା ।

ସୁଧାକର ସ୍ତବ୍ଧ, ଚକିତ । ସବୁକିଛି ଶୁଣି ଶୁଣିପାରୁନାହିଁ ଯେମିତି... । ସେଦିନ ସ୍ନିଗ୍ଧାକୁ ଆକ୍ଷେପ କରି କହିଥିବା କଥା ସତରେ କଣ ରୂପାନ୍ତରିତ ହୋଇଗଲା ! ସ୍ନିଗ୍ଧା ସବୁଦିନ ପାଇଁ ମୂକ ପାଲଟିଗଲା ! ଅନର୍ଗଳ କହି ହେଉଥିବା ତା' କଥା ପେଡିରେ ତାଲା ପଡିଗଲା !

ସୁଧାକର ନିଜକୁ ଅସ୍ଥିର ଅବସ୍ଥାରେ ମମି ବାପାଙ୍କୁ ଜଣାଇ ସ୍ନିଗ୍ଧାକୁ ମ୍ୟାରେଜ କରିବାକୁ ଜଣାଇଲା । ପୁଅର ଜିଦରେ ମମି ବାପା ସମ୍ମତି ଜଣାଇ ପ୍ରସ୍ତାବ ଅନୁଯାୟୀ ସ୍ନିଗ୍ଧାକୁ ବୋହୂ କରି ଆଣିଲେ । ଦୁହିଙ୍କ ନିଃଶବ୍ଦ ସଂସାରର ମାନଚିତ୍ରରେ କେତେ ଦୁଃଖ କେତେ ସୁଖ ରେଖାଙ୍କିତ ହୋଇଛି । ସେ ସବୁକୁ ଦୁହେଁ ମିଳି ମିଶି ପାରି ହୋଇ ଯାଇଛନ୍ତି ।

ବୈବାହିକ ଜୀବନ ଅନେକ ବର୍ଷ ବିତି ଗଲାଣି । କିନ୍ତୁ ସ୍ନିଗ୍ଧାର ନିଃଶବ୍ଦ ହୋଇଯିବା ଆଉକେବେ ଅନର୍ଗଳ ହୋଇପାରିନି । କେବଳ ଥରୁଟିଏ ତା' ମୁହଁରୁ ପଦିଏ କଥା ଶୁଣିବା ପାଇଁ ସୁଧାକର ବହୁତ ବ୍ୟାକୁଳିତ ହୋଇଛି । ତାକୁ ଦିନେ ଯେଉଁ କଥା ଶୁଣିବାରେ ବିତୃଷ୍ଣା ଲାଗୁଥିଲା ଆଜି ସ୍ନିଗ୍ଧା ନିକଟରୁ କଥା ପଦେ ଶୁଣିବାକୁ ଅନେକ ପ୍ରୟାସ କରିଛି । ନିଃଶବ୍ଦ ସଂସାରର ମାନଚିତ୍ରକୁ ପରିବର୍ତ୍ତନ କରିବାକୁ ଅନେକ ପ୍ରଯତ୍ନ କରିଛି । ଡାକ୍ତର, ବୈଦ୍ୟ, ଯୋଗର ସାହାରା ନେଇଛି । ତାର କୌଣସି ପ୍ରୟାସ ସଫଳ ହୋଇପାରିନି । ପ୍ରତ୍ୟହ ସେ ସେଇଦିନକୁ ମନେ ପକାଇ ନିଜେ ବିଚଳିତ ହୋଇଯାଏ ଯେଉଁଦିନ ସ୍ନିଗ୍ଧାକୁ ଚୁପ ରହିବା ପାଇଁ ମନା କରିଥିଲା । ତା ମନ, ଆତ୍ମା, ହୃଦୟ ଯେମିତି ପ୍ରତି କ୍ଷଣ କହୁଥାଏ ସ୍ନିଗ୍ଧା ନିଃଶବ୍ଦ ହେବାରେ ସେ ହିଁ ଦୋଷୀ ।

+ବିସି-୭୪, ସଲଟ ଲେକ,
କୋଲକତା-୭୦୦୦୬୪
ମୋ-୯୬୮୧୩୭୩୫୧୨

ସତ୍ୟ ରଞ୍ଜନ ମିଶ୍ର

# ସ୍କୁଟି

(କାହାଣୀ ଏକ ମଧ୍ୟବିତ୍ତ ପରିବାରର । ଚରିତ୍ର ମାନେ ହେଲେ, ଗୃହ କର୍ତ୍ତା ଚୈତନ୍ୟ ମିଶ୍ର, ଧର୍ମପତ୍ନୀ ନିରୁପମା ଏବଂ ଏକମାତ୍ର ପୁତ୍ର ବାବୁନା । ପୂଜାପାଠ, କର୍ମ-କର୍ମାଣି ହୋମଯଜ୍ଞରେ ଆଖପାଖ ୫ ଖଣ୍ଡ ଗାଁରେ ମିଶ୍ରେଙ୍କର ନାଁ ଡାକ । ତାକୁ ଛାଡି ଭାଗ ଚାଷ ବାବଦକୁ ପୈତୃକ ଜମିଖଣ୍ଡକରୁ ଯାହା ଯେତିକି ମିଳେ, ମିଶ୍ରେ ଆପଣେ ବର୍ଷ ସାରା ସୁଖେ ଦୁଃଖେ ତାଙ୍କ ଛୋଟ ପରିବାରକୁ ଚଳେଇ ନିଅନ୍ତି । ପତ୍ନୀ ନିରୁପମା ସୁଗୃହିଣୀ ଏବଂ ପୁତ୍ର ବାବୁନା ବି.ଟେକ ଶେଷ ବର୍ଷର ଛାତ୍ର ।

ରବିବାର, ସମୟ ଦିନ ଦଶଟା । ବାବୁନା ଦାଣ୍ଡଘରେ ବସି ମୋବାଇଲ ଫୋନରେ ବ୍ୟସ୍ତ । ନିରୁପମା, ଫୁଙ୍କନଳିଟା ଧରି ଓଦା ଜାଳ ଯୋଗୁଁ ନିଆଁ ଧରୁ ନଥିବା ଧୂମପୂର୍ଣ୍ଣ ଚୁଲିକୁ ଫୁଙ୍କିବାରେ ବ୍ୟସ୍ତ । ଏତିକି ବେଳେ ବାହାରୁ ମିଶ୍ରେଙ୍କ ସାଇକେଲ ଷ୍ଟାଣ୍ଡ ମାରିବାର ଶବ୍ଦ ଆଉ ଘର ଭିତରକୁ ପ୍ରବେଶ )

ଚୈତନ୍ୟବାବୁ :(ବାହାରୁ ପାଟିକରି ) ଆରେ ବାବୁନା ଶୁଣୁଛୁ... ବାବୁନାରେ କୁଆଡେ ଗଲୁ କିରେ ? ଶୁଣୁଛୁ ଟି ?

ନିରୁପମା : (ଗୁଣୁ ଗୁଣୁ ହେଇ) ହେଇଲୋ ମା.. ଆସିଗଲେ ଲୋ । ଏ ନିଆଁ ଲଗା ଚୁଲିକୁ ବି ଏତିକିବେଳେ ଲିଭିବାର ଥିଲା । ଏଇଲେ ଏ ଲୋକ ମୋ ଜୀବନ ଖାଇବ । କଣ କରିବି ଲୋ, ମା ଜାଗୁଳାଇ ମୋତେ ବଞ୍ଚା ।

ଚୈତନ୍ୟବାବୁ : (ଘର ଭିତରକୁ ପ୍ରବେଶ କରୁ କରୁ ଚିଡ଼ି ଉଠିଲେ) ଓହୋଃ.. କି ବିକଟାଳ ଧୂଆଁ... ଏ ଘରେ ମଣିଷ ରହିବେଟି ? ସତରେ.. ପ୍ରକୃତି ନୈବ ମୁଚ୍ୟତେ । ମୋତେ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡ଼ା କାଠ । ଯେତେ ବୁଝେଇଲେ କି କହିଲେ କିଛି ବି ଲାଭ ହବନି । ଚୁଲିରେ ଧୂଆଁ ଟିକେ ନକଲେ ଜମାରୁ ତ ଭଲ ଲାଗିବନି ଆଉ । ଯେତେହେଲେ ବାପ ଘର ଅଭ୍ୟାସ ନା । ଏତେ ସହଜରେ କେମିତି ଛାଡ଼ିବ ? ମଶାଣୀ ଯାଏ ସାଙ୍ଗରେ ଯିବ ପରା ।

ନିରୁପମା : (ଚିହିଁକି ଉଠି) ହେଇଟି.... ଏମିତି କଥା କଥାକେ ବାପଘର ନାଁ ଧରିବନି କହୁଛି । ନହେଲେ ଏଇଲେ ମୋ ଅସଲ ରୂପ ଦେଖିବ ।

ଚୈତନ୍ୟବାବୁ : ହଁ ହଁ ଦେଖିଚି.. ବାହାଘରକୁ ଆସି ଚବିଶ ବର୍ଷ ହେଲା ଦେଖିଆସୁଛି । ଆଉ କୋଉ ରୂପ ବାକି ଅଛି କି ଆଜି ଦେଖିବି ?

(ଘର ଭିତରୁ ବାବୁନା ବାହାରି ଆସି )

ବାବୁନା : ଓହୋଃ.. ତୁମ ଦିଜଣଙ୍କର ପୁଣି ମହାଭାରତ ଆରମ୍ଭ ହେଇଗଲା ? ଯେତେବେଳେ ଏକାଠି ହେଲ, ସେତେବେଳେ କଳି ଆରମ୍ଭ ? ଛୋଟଛୁଆଙ୍କ ଠାରୁ ବି ବଳି ଗଲଣି । ସ୍କୁଲ ଛୁଆ ବି ଆଜି ମିଟି କଲେ ତିନି ଦିନ ଯାଏ ଆଉ କଳି କରୁନାହାନ୍ତି ? ଦିଜଣ ଯାକ ଟିକେ ହେଲେ ଲାଜ ସରମ ତ ରଖ...

ଚୈତନ୍ୟବାବୁ : ଲାଜ ସରମ ! ହେଁ.. ସେଇଟା କେମିତିଆ କଣ, ତୋ ବୋଉ ଜାଣିଚି କେବେ ? କଣ ଟିକେ କହିଲେ ସ୍ୱାମୀ ଉପରକୁ ଚିହିଁକି ଆସିବ ଯେ ! ମାରେ ନ ମାରେ । ଛାଡ଼...କାହାକୁ ଆଉ କହିବି । ସବୁ ପୂର୍ବ ଜନ୍ମର ପାପ, ଏ ଜନ୍ମରେ ଭୋଗିବାକୁ ତ ହେବ । ଲୋକଟାଏ ତ ପାଇଲି । କପାଳକୁ ଆସି ଜୁଟିଛି ଖାଲି କଳି କରିବାକୁ । ଦିନୁଟାଏ କଳି ନ କଲେ ପୁଣି ବେଦ ଅଶୁଦ୍ଧ ହେଇଯିବ ଯେ ।

ନିରୁପମା : ନିଜେ ତ ଗୋଟାପଣେ ଭାରି ଭଲ ଆଉ । ମୋର ଭେକ ଯାଉଥିଲା ମୁଁ ତୁମ ସହ କଳି କରୁଥିଲି । କଳିଆ ଲୋକ ଯିଏ ଖାଲି କଳି କଥା ଖୋଜୁଥିବ କେମିତି ଆରମ୍ଭ କରିବ ବୋଲି । ନ ହେଲେ ଖାଇବା ତକ ଜୀର୍ଣ୍ଣ ହବନି ପରା ।

ବାବୁନା : ହଉ ଥାଉ । ଯେଝା ଯେଝା କାମ କର । ଆଉ ମୁହଁକୁ ମୁହଁ ଯୋଡ଼ି କଳି ବଢ଼ାଅନି । (ଚୈତନ୍ୟବାବୁଙ୍କୁ ଚାହିଁ ) ନନା, ତମେ ଆଇଲ, ମୁଁ ପଖାଳ ବାଢୁଛି, ଦିହେଁ ଖାଇବା । ( ତାପରେ ନିରୁପମାଙ୍କୁ ଚାହିଁ )ବୋଉଲୋ, ତୁ ଆଉ ସେ ଚୁଲି ନ ଫୁଙ୍କି ଆଉ ଟିକେ କିରୋସିନ ପକେଇ ନିଆଁ ଧରେଇଲୁ । ଧୂଆଁରେ ଘର ଦ୍ୱାର କଳା ହେଇଗଲାଣି, ଆଉ ଟିକେ ଧୁଆଁ ହେଲେ ଦମକଳ ବାଲା ଧାଇଁଆସିବେ ।

( ହୁଁ, ତରକାରୀ କିରାସିନି ଗନ୍ଧ ହେଲେ ମତେ ପରେ ଦୋଷ ଦବନି କହିଦଉଛି - ଏତିକି ଶୁନ୍ୟବାଣୀ କରି ନିରୁପମା ଡିବିରୁ କିରୋସିନ ନିଗାଡ଼ି ଚୁଲି ଲଗେଇଲେ ଆଉ ଧୁଆଁ କମିଲା ପରେ ଯାଇ ଚୈତନ୍ୟବାବୁ ଚୁପଚାପ ଆସି ଖାଇବା ଜାଗାରେ ତାଙ୍କ ଆସନ ପକେଇ ବସିଲେ । ବାବୁନା ଭାତ ହାଣ୍ଡିରୁ ପଖାଳ ଦୁଇ କଂସା ବାଢ଼ିଦେଇ, ଲୁଣ, ଲଙ୍କା, କାଗେଜି ଫାଳେ, ରସୁଣ ଦି ପାଖୁଡ଼ା, ପୋଡ଼ା ବାଇଗଣଟେ ଆଉ କଲରା ଆଳୁ ଭଜା ଆଣି ନନାଙ୍କ ସାମ୍ନାରେ ରଖିଲା । ନିଜେ ପିଢା ପକେଇ ବସିଲା ଆଉ ଭାତ ଗୋଳେଇ ଖାଇଲା । ଦି ଗୁଣ୍ଡା ଖାଇଛି କି ନାହିଁ , ବାବୁନା ଚୈତନ୍ୟବାବୁଙ୍କୁ ପଚାରିଲା )

ବାବୁନା : ନନା, ତମେ ଯୋଉ ମିଲୁ ଭାଇନା ଘରକୁ ଯାଇଥିଲ । ସ୍କୁଟି କଥା ବୁଝିବାକୁ, କଣ ହେଲା ସେଠି ?

ଚୈତନ୍ୟବାବୁ :(ଚିହିଁକି ଉଠି ) ସେ ସ୍କୁଟି ଫୁଟି ଆମର କିଛି ଆସିବନି ।

ବାବୁନା: ଓହୋଃ ! ଟିକେ ଶାନ୍ତ ହୁଅ, ରାଗୁଚ କାହିଁ ? ତମେ ଆଗ ଢ଼ୋକେ ତୋରାଣି ପିଅ । ମୁଣ୍ଡ ଥଣ୍ଡା କର, ତାପରେ କୁହ ।

ଚୈତନ୍ୟବାବୁ : ମୁଣ୍ଡ କଣ ଥଣ୍ଡା କରିବି ! ଏଠି ଯୋଉ ଲୋକଟା ଘରେ ଅଛି, ସେ କଣ କାହା ମୁଣ୍ଡକୁ ଥଣ୍ଡା ରଖେଇ ଦେବ ?

ବାବୁନା : ହଉ ହଉ ହେଲା, ତମେ ତ ଜାଣିଛ ସେ କେମତିଆ ଲୋକ । ହେଲେ, ତମେ ବୁଝିବା ଶୁଝିବା ଲୋକ ହେଇ ଯଦି ଏମିତି କହିବ, ତାହେଲେ ସେ ଅବୁଝା ଲୋକକୁ କଣ ବୁଝେଇବ । ହଉ, ତମେ ଆଗ କହିଲ, ମିଲୁ ଭାଇନା କଣ କହିଲେ ସ୍କୁଟି କଥା ?

ଚୈତନ୍ୟବାବୁ : (ପଖାଳ ଗୁଣ୍ଡାଏ ପାଟିରେ ଭର୍ତ୍ତି କରି, ଅଧକଂସା ସରିକି ତୋରାଣି ପିଇଦେଇ ଗୋଟେ ହାକୁଡ଼ି ମାରି, ଟିକେ ନରମ ସ୍ୱରରେ ଉତ୍ତର ଦେଲେ) ଆରେ, ସେଇ କଥା କହିବାକୁ ଆସୁଥିଲି । ଏ ଲୋକଟା ପରା ମୁଣ୍ଡ ଖରାପ କରିଦେଲା ।

ବାବୁନା : ଓହୋ... ତମେ ତ ତା'ରି ପଛରେ ପଡ଼ିଛ, ତା କଥା ଛାଡ଼, ସ୍କୁଟି କଥା କଣ ହେଲା ଏଥର କୁହ ।

ଚୈତନ୍ୟବାବୁ : (ନରମ ସ୍ୱରରେ ) ଯାଇଥିଲି ମିଲୁ ଘରକୁ, ହେଲେ ସେ କହୁଛି ଯେ କାଗଜପତ୍ର ବାବଦକୁ ମିଶେଇ ତିରିଶ ହଜାରେ ଟଙ୍କା ନେବ । ତିନି ବର୍ଷ ପୁରୁଣା ଗାଡି । ଟଙ୍କା ଦେଲେ ସେ କହୁଛି, ଆଜି ଗାଡ଼ି ନେଇଯାଅ ।

ବାବୁନା :(ଖୁସିରେ )ଆରେ ବାଃ.. ଏତେ ଶସ୍ତାରେ ଏତେ ସୁନ୍ଦର ଗାଡି !!!ବଢିଆ ହେଲା.. ଚାଲ, ଆଜି ଯାଇ ଗାଡି ନେଇ ଆସିବା ।

ଚୈତନ୍ୟବାବୁ :(ମୁଖକୁ ବିମୁଖ କରି ) ହୁଁ.. କଣ ନେଇ ଆସିବା ମ ଁ । ମୁଁ ଏମିତି ବୁଝିବାକୁ ଖାଲି ଯାଇଥିଲି ନା ଆଉ । ଏବେ ଆମର କିଏ ଗାଡି ଆଣିବ ମ ଁ ?ସେଇଟା ଆମର କୋଉ କାମରେ ଲାଗିବ ?

ବାବୁନା :(ଅଳ୍ପ ବିରକ୍ତି ଭାବ ସହ )ଆରେ ମୁଁ ତମକୁ ଶହେ ଥର ସେକଥା କହିସାରିଲିଣି ପରା । କେତେବେଳେ କଣ ଏମରଜେନ୍ସି ପଡିଲେ ପାଖରେ ଗାଡ଼ିଟିଏ ଥିଲେ, କେତେ ସୁବିଧା । କୁଣିଆ ଘରକୁ ଗଲେ ଫଟକିନା ଧରିକି ଚାଲିଯିବ । କାହାକୁ ଆଉ ଖୋସାମତ କରିବାକୁ ପଡ଼ିବନି । ତାଛଡା ଆଉ ବର୍ଷେ ପରେ ମୁ ଯେତେବେଳେ ଚାକିରୀ କରିବି ସେତେବେଳେ ତ ମୋର ଗାଡ଼ିଟିଏ ନିହାତି ଦରକାର । ମୁଁ ପୁଣି ଏବେଠୁ ଶିଖିଲେ ସିନା ଯାଇ ସେତେବେଳେ କାମରେ ଲାଗିବ ।

ଚୈତନ୍ୟବାବୁ :ହେଁ..ଖାଲି ନେଇ ଆଇଲେ ହେଇଯିବ.. ? ତାକୁ ପୁଣି ମେଣ୍ଟେନ କରିବାକୁ ହଜାର ହଜାର ଖର୍ଚ୍ଚ । ପୁଣି ତେଲ ପକେଇବାକୁ ଖର୍ଚ୍ଚ । ନା..ହେଇପାରିବନି ସେକଥା । ଆମର ସାଇକେଲ ସବୁଠୁ ଭଲ । ବାବୁନା :(ଅଳ୍ପ ଟିକେ ଚିଡିଯାଇ) ତୁମ ସାଇକେଲ ଭଲ ହେଇଥାଉ । ଯୁଗ ବଦଳିଲାଣି । ଏବେକା ଯୁଗ ଅନୁସାରେ ଚଳିବାକୁ ହବ ନା । ଲୋକ ତୁମକୁ କଣ କହୁଛନ୍ତି ତୁମେ ଜାଣିପାରୁନ ?

ଚୈତନ୍ୟବାବୁ:ସେ ଲୋକଙ୍କ କଥାରୁ କଣ ମିଳିବ ? ବାର ଲୋକ ବାର କଥା କହିବେ । ଲୋକ ଯିଏ ଯାହା କହୁଛନ୍ତି, କୁହନ୍ତୁ । ସେ କଣ ଆମକୁ ପୋଷୁଛନ୍ତି ? ଆଗ ସ୍ୱୋଟମେଲା ଭାଙ୍ଗି ଘର ତିଆରି କରିବା । ପାହାଚରେ ସୁଲୁପ ତିଆରି କରିବା । ତାପରେ ଯାଇ ଗାଡି ଆସିବ । ବୁଝିଲୁ ?

ବାବୁନା : ସେତେବେଳକୁ ମୁଁ ବୁଢା ହେଇଯାଇଥିବି ।

ଚୈତନ୍ୟବାବୁ : ହଉ ବୁଢା ହେଲେ ହଅ । ତୁ ଆଗ ଚାକିରୀ କର, ତୋ ପଇସାରେ ତୁ ତୋର ଗାଡି କରିବୁ, ତୁ ଚଢ଼ିବୁ ।

ବାବୁନା :(ଚିଡିଯାଇ ) ମୁଁ ତ ସବୁ କରିବି, ତାହେଲେ ମୋତେ ଜନ୍ମ କାହିଁ କରୁଥିଲ ?

ଚୈତନ୍ୟବାବୁ :(ଚିହିଁକି ଉଠି ) ତୋତେ ଜନମ କରିଥିଲି ବା ଏଇଆ ଶୁଣିବା ପାଇଁ ? ବୋପା ମୁହଁ ରେ ଜବାବ ଦେବୁ । ଶଳା ମା ଜେମନକୁ ଛୁଆ ତେମନ । ସମସ୍ତଙ୍କ ମୁହଁ ବଢ଼ିଗଲାଣି । କେହି ଆଉ ଛୋଟିଆ ଉପରେ ନାହାନ୍ତି ।

(ବାବୁନା କିଛି କହିବାକୁ ଯାଉଥିଲା ହେଲେ ଏତିକିବେଳେ ନିରୁପମା ଘର ଭିତରକୁ ପଶି ଆସି ବାବୁନାକୁ ରୋକିଦେଇ କହିଲେ)

ନିରୁପମା : ତୁ ତାଙ୍କୁ କିଛି କହନାରେ ବାବୁନା । ସେ ଲୋକ ଯାହା ବୁଝିଥିବେ ସେଇଆ । ସ୍ୱର୍ଗରୁ ହରବ୍ରହ୍ମା ଆଇଲେ ବି ତାଙ୍କୁ ବଦଳେଇ ପାରିବେନି । ତୁ ଛାଡ ତାଙ୍କ କଥା । ତୁ ଆମର ମୋ ପାଇଁ ଟିକେ ଚା ବସେଇଲୁ ।

(ବାବୁନା ଖାଇସାରି ହାତ ଧୋଇ ଚା ବସେଇବାକୁ ଗଲା । ତା ପଛେ ପଛେ ଚୈତନ୍ୟବାବୁ ବି ଖାଇସାରି ଉଠି ହାତ ଧୋଇବାକୁ ଗଲେ । ହାତ ଧୋଇ ସାରି କହିଲେ)

ଚୈତନ୍ୟବାବୁ :ଓହୋ.. ଏଠି ଆଉ ଏ ମା ପୁଅଙ୍କ ଦାଉରେ ଚଳି ହବନି । କୋଉ ଜନ୍ମରେ କୋଉ ପାପ କରିଥିଲି କେଜାଣି, ଠାକୁରେ ମୋତେ ଆଣି ଏମିତିଆ ସଂସାରରେ ଘାଣ୍ଟୁଛନ୍ତି ।

(ଏତିକି କହି ଗାମୁଛାରେ ହାତ ପୋଛିଲେ ଆଉ ଚପଲ ମାଡି ବାହାରକୁ ଚାଲିଗଲେ )

ବାବୁନା: ଆରେ ଆରେ କୁଆଡେ ଗଲେ ସେ ? ଚା ପିଇନଥାନ୍ତେ ? ସବୁବେଳେ ନାକ ଅଗରେ ରଗ ।

ନିରୁପମା : ସେ ଯାଆନ୍ତୁ ଯୁଆଡେ ଯାଉଛନ୍ତି । ତୁ ଆମର କରିଦେ । ଆମେ ଦି'ଜଣ ପିଇଦେବା । ତାଙ୍କ ପାଇଁ ରଖିଦେଇଥିବା, ଆସିଲେ ନିଜେ ଗରମ କରି ପିଇବେ ।

ବାବୁନା: ହୁଁ..

(ବାବୁନା ସସ୍ପେନରେ ଚା ତିଆରି କଲା, ତାପରେ ବାବୁନା ଓ ନିରୁପମା ଦିଜଣ ଯାକ ଚା ପିଇଲେ । ଚା ପିଇସାରି କପ ଧୋଇଲା ବେଳକୁ ଚୈତନ୍ୟବାବୁ ତରତର ହେଇ ଘରକୁ ପଶି ଆସି ବାବୁନାକୁ ଡାକ ପକେଇଲେ)

ଚୈତନ୍ୟବାବୁ : ହେଇରେ ବାବୁନା ଶୁଣିଲୁନି ଗୋଟେ କଥା ?

ବାବୁନା: କଣ ? କୋଉ କଥା ?

ଚୈତନ୍ୟବାବୁ: ଆରେ ନବୀନ ପଟ୍ଟନାୟକ କୁଆଡେ ଗୋଟେ ନୂଆ ସ୍କିମ କରିଛନ୍ତି । ଯୋଉଁ ଲୋକମାନଙ୍କ ପାଖରେ ବିଜୁ କୃଷକ କଲ୍ୟାଣ କାର୍ଡ ଅଛି, ସେମାନଙ୍କୁ କୁଆଡେ ଦୁଇ ଚକିଆ ଯାନ କିଣିବାକୁ ଅଧା ପଇସା, ମାନେ ତିରିଶ ହଜାର ଟଙ୍କା ଯାଏ ଦିଆଯିବ । ସପ୍ତାହେ ଭିତରେ କାଗଜପତ୍ର ସହ ନୂଆ ଗାଡିର ଫୋଟୋ ଉଠେଇ ସରପଞ୍ଚକୁ ଦେଲେ, ମାସକ ଭିତରେ ପଇସା ସିଧାସଳଖ ତୁମ ବ୍ୟାଙ୍କ ଖାତାକୁ ଆସିଯିବ ।

ବାବୁନା : ହଁ ଶୁଣିଥିଲି, ଯେ ସେଉଠୁ ଆମର କଣ ଗଲା ? ଗଛରେ ବେଲ ପାଚିଲେ କାଉର କି ଯାଏ...

ଚୈତନ୍ୟବାବୁ : ଆରେ ବୋକା ବୁଝିପାରୁନୁ ? ମୁଁ କଣ କହୁଥିଲି, କହିଲୁ । ଆମେ ତିରିଶ ହଜାର ଦେଇ ମିଲୁଠାରୁ ସ୍କୁଟିଟା ନେଇ ଆସନ୍ତେ । ତାପରେ ଫୋଟୋ ଉଠେଇ କାଗଜପତ୍ର ପଠେଇଦେବା । ତାପରେ ଆମ ଖାତାକୁ ପଇସା ପଳେଇଆସିବ ଆଉ । ସ୍କୁଟିକୁ ସ୍କୁଟି କିଣିବା ହବ ଆଉ ପଇସା ବି ବଞ୍ଚିଯିବ । ବୁଝିଲୁଟି ଏଇଥର ନା କଣ ?

ବାବୁନା: ହଁ ଯେ.. ହେଲେ ନନା...ଆମର ଏଇଲେ ଗାଡ଼ିଟିଏ କଣ ହେବ ?

ଚୈତନ୍ୟବାବୁ: ଆରେ କେତେବେଳେ କଣ ଏମର୍ଜେନ୍ସି ସମୟରେ ଗାଡ଼ିଟା ପାଖରେ ଥିଲେ ଗୋଟେ ଦମ୍ଭ ନା । ମାମୁଁ ଘରକୁ ଗଲାବେଳକୁ ଫଟ କିନା ଧରି ଚାଲିଯିବା ଆଉ କାହାକୁ ଖୋସାମତ କରିବାକୁ ପଡିବନି । ତୁ ପୁଣି ଚାକିରୀ କଲେ ଯିବା ଆସିବା କରିବୁ । ତୋର ପୁଣି ଦରକାର । ଏବେଠୁଁ ଚଢ଼ିଲେ ସିନା ଚାକିରୀବେଳକୁ ଶିଖିଯିବୁ ।

ବାବୁନା : ହଁ ଯେ, ପୁଣି ସେ ଗାଡିକୁ ମେଣ୍ଟେନ କରିବାକୁ ହଜାର ହଜାର ଖର୍ଚ୍ଚ । ପୁଣି ତେଲ ଖର୍ଚ୍ଚ । ନାଁ ନାଁ - ଥାଉ.. ଆମର ସେଇ ସାଇକେଲ ଭଲ ।

ଚୈତନ୍ୟବାବୁ : ସାଇକେଲ କଣ ଭଲ ? ଆଜିକା ଯୁଗକୁ ଗାଡ଼ିଟାଏ ପାଖରେ ନଥିଲେ କେତେ ଲୋକ କେତେ କଥା କହୁଛନ୍ତି, କହିଲୁ ?

ବାବୁନା : ସେ ଲୋକମାନେ କଣ ଆମ କୁଟୁମ୍ବ ପୋଷୁଛନ୍ତି ? ଆମର ଏଇଲେ ଘରଦ୍ୱାର ନାହିଁ ଗାଡ଼ିଟାକୁ ଆଣି ରଖିବା କେଉଁଠି ? ଘରକାମ ସରୁ । ମୁଁ ଚାକିରୀ କରିସାରେ, ତାପରେ କିଣିବା ।

(ଚୈତନ୍ୟ ବାବୁ ଆବାକ୍ ହୋଇ ବାବୁନା ମୁହଁକୁ ଚାହିଁଥାନ୍ତି । ନିରୁପମା ଚା କପରେ ମୁଁହ ଲୁଚେଇ ମୁରୁକି ମୁରୁକି ହସୁଥାନ୍ତି । ତା ପରେ ଅଳ୍ପ ରାଗ ଓ ଅଳ୍ପ ଅଭିମାନରେ ଚୈତନ୍ୟବାବୁ ବାବୁନାକୁ କହିଲେ)

ଚୈତନ୍ୟ ବାବୁ: ହଉ ହଉ ତୁ ଆଉ ବୋପାକୁ ଭାଗବତ ପଢାନା । ତୋ ଡାଇଲଗବାଜି ତୋ ପାଖରେ ରଖ । ଗାଡି ଆଣିବାର ନାହିଁ ତ ନ ଆଣ । ପଛରେ ଆଉ କହିବୁ ନାହିଁ ଯେ ନନା ମୋ ପାଇଁ କିଛି କଲାନାହିଁ ବୋଲି । ତୁ ଏଇଲେ ତୋ ବୋଉ କଥା ଶୁଣୁଛୁ ତ ଶୁଣୁଥା.. ବୋଉ ବୁଦ୍ଧିରେ କେତେ ବାଟ ଚାଲିବୁ ଦେଖିବା । ଦିନେନା ଦିନେ ପସ୍ତେଇବୁ ଆଉ ସେତେବେଳେ ଭାବିବୁ ନନା ଠିକ୍ କହୁଥିଲେ ନା ଭୁଲ କହୁଥିଲେ ।

(ବାବୁନା ଅଳ୍ପ ଅଳ୍ପ ହସି, ଚା ଗରମ କରି, ଗିନାରେ ଚା ଓ ସେଓ-ଗାଣ୍ଠିଆ ମୁଠେ ପକେଇ ଚୈତନ୍ୟ ବାବୁଙ୍କୁ ଦେଉ ଦେଉ କହିଲା)

ବାବୁନା : ହଉ ଆଉ ବୋଉକୁ ମଝିରେ ପୁରାଅ ନାହିଁ । ନିଅ ଚା ନିଅ, ପିଇ ଦିଅ ।

(ଚୈତନ୍ୟ ବାବୁ ମୁହଁଟାକୁ ଗୁମ କରି ଚା ପିଇବା ଦେଖି ବାବୁନା ପାଟି ଖୋଲିଲା)

ବାବୁନା : ସେ ଗାଡି ଫାଡ଼ି କଥା ମୁଣ୍ଡରୁ କାଢ଼ । ନବୀନ ପଟ୍ଟନାୟକ ସେମିତିକା କିଛି ସ୍କିମ କରିନାହାନ୍ତି । ମୁଁ ସୁବାଷ ଦାଦାଙ୍କ ଆଗରେ କହିଥିଲି ତୁମ ଆଗରେ ଏମିତି ମିଛରେ ଗପିବାକୁ । ଯେମିତି ମୁଁ ତୁମ ମନ କଥା ଜାଣି ପାରିବି । ଆଉ ସତକୁ ସତ ମୁଁ ଯାହା ଅନୁମାନ କରିଥିଲି ଠିକ ସେଇଆ ହେଲା । ସତରେ...ଆଜିକା ଦୁନିଆରେ ଲୋକଙ୍କୁ ଲୋଭ ଏମିତି ଗ୍ରାସିଛି ଯେ ପାଖରେ କୋଟିଏ ଟଙ୍କା ଥାଇବି ଭୋକ ହେଲେ ମାଗଣା ପିଠୁ ପୁଳାଏ ଗିଳିଦେବେ ।

ଚୈତନ୍ୟବାବୁ: (ଆଶ୍ଚର୍ଯ୍ୟ ହୋଇ ) ସେ ସୁବାଷଟା ମତେ ମିଛ କହିଲା ? ନାଇଁ ମ... ସତ ହେଇଥିବ କି କଣ । ଟିଭି ଲଗେଇଲୁ ନିଉଜରେ ଦେଉଥିବ କାଳେ । ନ ହେଲେ ତୋ ମୋବାଇଲରେ ପରା କୁଆଡ଼େ ସବୁ ଖବର ଆସେ, ଖୋଜୁନୁ ।


ବାବୁନା : ଆରେ ନାଇଁ ମ ନନା...ସତରେ ସେମିତି କିଛି ନାହିଁ । ତୁମେ ନିଜେ କହିଲ, ଏମିତିକା ସ୍କିମ କେବେ କୋଉଠି ଶୁଣିଛ ? ଯିଏ ଯାହା କହିଲା ସେଇଥିରେ ବିଶ୍ୱାସ କରି ଯାଉଛ । ହଉ, ଏବେ ସେକଥା ଛାଡ଼ । ତୁମେ ଚା ପିଇ ସାରି ଯାଅ ଦୋକାନରୁ ସଉଦା କିଣି ଆଣିବ । ଘରେ ଅଟା ଚାଉଳ କିଛି ନାହିଁ ।

(ଚୈତନ୍ୟବାବୁ ଚାହା କପଟା ଧରି ସେମିତି ଅବାକ ହୋଇ ଚାହିଁ ରହିଥାନ୍ତି ।)



+ଅଡ଼ଙ୍ଗ ଶାସନ, ଜଗତସିଂହପୁର
ମୋବାଇଲ :୮୬୫୮୪୧୨୭୮୩

# ମଧୁବାବୁଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି



ବାଲେଶ୍ୱର, ୨୩/୦୪ (ନି.ପ୍ର): 'ଉତ୍କଳ ଗୌରବ ମଧୁସୂଦନ ସାଂସ୍କୃତିକ ପରିଷଦ' ପକ୍ଷରୁ ଆସନ୍ତା ୨୮ ତାରିଖରେ ବାଲେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମଧୁବାବୁଙ୍କ ୧୭୬ ତମ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଏନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ତଥା 'ଆଜିକାଲି' ଖବରକାଗଜର ପରିଚାଳନା ସମ୍ପାଦକ ଲକ୍ଷ୍ମୀ ନାରାୟଣ ମହାନ୍ତି ଏଥିରେ ସଭାପତିତ୍ୱ କରିବା ସହ ମଧୁବାବୁଙ୍କ ଜୟନ୍ତୀ ଅବସରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ ।୨୮ ତାରିଖ ସକାଳେ ପରିଷଦର କର୍ମକର୍ତ୍ତାଙ୍କ ଦ୍ୱାରା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ । ପରେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ, ବିସ୍କୁଟ ଓ ବ୍ରେଡ୍ ବଣ୍ଟନ କରାଯିବ । ସନ୍ଧ୍ୟା ସାଢ଼େ ୫ଟା ବେଳେ କଚେରୀ ସ୍ଥିତ ସଦ୍‌ଭାବନା ସଭାଗୃହରେ ମଧୁବାବୁଙ୍କ ୧୭୬ତମ ଜୟନ୍ତୀ ସମାରୋହ ଏବଂ ପରିଷଦର ବାର୍ଷିକ ଉତ୍ସବ ପାଳନ କରାଯିବ । ଉତ୍ସବରେ ବିଶିଷ୍ଟ ସମାଜସେବୀ ସୀତାବଲ୍ଲଭ ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ଶତପଥି, ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଅନ୍ୟମାନଙ୍କ ମଧ୍ୟରେ ପରିଷଦର ସାଧାରଣ ସମ୍ପାଦକ ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ, ଫକୀର ମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ହରିଶ୍ଚନ୍ଦ୍ର ବେହେରା, ବାଲେଶ୍ୱର ବାର ଆସୋସିଏସନ ସମ୍ପାଦକ ଦୀପକ କୁମାର ଦାଶ, ପ୍ରଜ୍ଞା ପାରମିତା ବିଶ୍ୱାଳ, ନିରଞ୍ଜନ ପରିଡ଼ା, ଯଶୋଧାରା ଦାସ, ତ୍ରିଦୀବ ନାୟକ, ପ୍ରତୀମା ପଣ୍ଡା, ସାଇ ରୁଲହକ୍, ଅଖିଳ କୁମାର ଦାସ, ପ୍ରତାପ ମହାନ୍ତି, ସତ୍ୟନାରାୟଣ ନନ୍ଦ, ଡ. ରତ୍ନାକର ସିଂ, ବସନ୍ତଲତା ପଟ୍ଟନାୟକ, ଜୟ ନାରାୟଣ ବେହେରା, ସତେନ୍ଦ୍ର ଉମାଶଙ୍କର ରାଉତ ପ୍ରମୁଖ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଅବହେଳିତ ଅବସ୍ଥାରେ ୭୦ବର୍ଷ ପୁରୁଣା ବିଦ୍ୟାଳୟ

ମାଲକାନଗିରି, ୨୩/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ପଞ୍ଚାୟତ ସମିତି ଅନ୍ତର୍ଗତ ବେଜାଙ୍ଗିବାଡ଼ା ପଞ୍ଚାୟତ ସଦର ମହକୁମାରେ ସ୍ଥାନୀୟ ଆଦିବାସୀ ଛାତ୍ର ଛାତ୍ରୀଙ୍କୁ ଶିକ୍ଷାଦାନ ନିମନ୍ତେ ଅନୁସୂଚିତ ଜାତି ଜନଜାତି ମଙ୍ଗଳ ବିଭାଗ ତରଫରୁ୧୯୫୨ମସିହା ରେ ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଦୀର୍ଘ ୭୦ ବର୍ଷର ଏହି ବିଦ୍ୟାଳୟ ଏବେ ଅବହେଳିତ ଅବସ୍ଥାରେ ରହିଛି । ଏବେ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ୪ ଟି ଯୋଜନାରେ ଛାତ୍ର ଛାତ୍ରୀଙ୍କ ନିମନ୍ତେ ହଷ୍ଟେଲ ରହିଛି । ଆବାସ ବ୍ୟବସ୍ଥା ଚାଲୁଥିଲେ ମଧ କେବଳ ୧୦୦ ରୁ ୧୨୦ ଜଣ ଛାତ୍ରଛାତ୍ରୀ ଏଠାରେ ରହୁଛନ୍ତି । ସେବାଶ୍ରମ ବିଦ୍ୟାଳୟ ଆବାସ ଯୋଜନାରେ ୧୧୦ ଜଣଙ୍କୁ ରଖିବା, କେବିକେ ଯୋଜନାରେ ୪୦ ଛାତ୍ରୀ, ୧୦୦୦ ସିଟ୍ ହଷ୍ଟେଲ ରେ ୧୧୦ ଛାତ୍ରୀ ଓ ପ୍ରାଥମିକ ଆବାସ ଯୋଜନାରେ ୪୦ ଜଣ ଛାତ୍ର ମୋଟ ୩୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କ ଆବାସ ନିମନ୍ତେ ମଙ୍ଗଳବିଭାଗ ଯୋଜନା କରିଛି ।

ବିଦ୍ୟାଳୟ ପରିସରରେ ସ୍ଥାନର ଅଭାବ ନାମରେ ଏହି ଯୋଜନାଗୁଡିକ କାର୍ଯ୍ୟ କାରୀ ହୋଇପାରୁନାହିଁ ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି !ଏହା ଫଳରେ ଗତ ୧୦ ବର୍ଷରୁ ଅଧିକ ହେବ ଶତାଧିକ ଆଦିବାସୀ ଓ ହରିଜନ ପିଲାମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ଜିଲ୍ଲାରେ ଏକ କୋଣରେ ଏହି ପଞ୍ଚାୟତ ଅବସ୍ଥିତ ଥିବାରୁ କୌଣସି ଅଧିକାରୀ ଓ ଜନପ୍ରତିନିଧୀ ମଧ ବିଦ୍ୟାଳୟ ପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । ଏଣୁ ଏଥିପ୍ରତି ଧ୍ୟାନ ଦେଲେ ବିଦ୍ୟାର୍ଥି ହିଁ ନୁହଁ ଅଞ୍ଚଳବାସୀ ମଧ ବହୁତ ଉପକୃତ ହେବେ ।

# ପ୍ରିୟଶ୍ଳୋକ ଫାଉଣ୍ଡେଶନ୍ ତରଫରୁ ମେଧାବୃତ୍ତି ପ୍ରଦାନ

କେନ୍ଦ୍ରାପଡା, ୨୩/୦୪ (ନି.ପ୍ର): କେନ୍ଦ୍ରାପଡାର ପ୍ରିୟ ଶ୍ଳୋକ ଫାଉଣ୍ଡେଶନ୍ ତରଫରୁ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି । କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ସାନ ମଙ୍ଗଳା ଗ୍ରାମର ଯଜ୍ଞଦତ ଆଚାର୍ଯ୍ୟଙ୍କର ମଧମ ପୁତ୍ର ବୈଜ୍ଞାନିକ ପ୍ରିୟ ଶ୍ଳୋକ ଆର୍ଯ୍ୟଙ୍କର ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଏକ ସ୍ମୃତି ସଭା ଓ ଛାତ୍ର ମେଧାବୃତି ପ୍ରଦାନ କାର୍ଯ୍ୟକ୍ରମ ରଖାଯାଇ ଥିଲା । ସ୍ୱର୍ଗତଃ ବୈଜ୍ଞାନିକ ପ୍ରିୟ ଶ୍ଳୋକ ଜଣେ ଜଣାଶୁଣା ବୈଜ୍ଞାନିକ ଭାବରେ ପରିଚିତ ଥିଲେ । ତାଙ୍କର ନିଷ୍ଠାପର କାର୍ଯ୍ୟ ଓ କର୍ତବ୍ୟନିଷ୍ଠ ବ୍ୟକ୍ତିତ୍ୱ ସମସ୍ତଙ୍କୁ ଏକାଠି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରି ଥିଲେ । ଏହି ଉପଲକ୍ଷେ ଗୋପ ସ୍ଥିତ ଲୋହିତ ମଣ୍ଡପ ଠାରେ ଶିକ୍ଷାବିତ୍ ଚିର ରଞ୍ଜନ ରାଉତଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ଙ୍କ ସନ୍ତୋଷ ପାଣିଗ୍ରାହୀ ମୁଖ୍ୟ ଅତିଥି, ପଣ୍ଡିତ ହୃଷିକେଶ ରଥ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ନୃସିଂହ ଚରଣ ତ୍ରିପାଠୀ, ଯଜ୍ଞଦତ ଆଚାର୍ଯ୍ୟ, ଶିକ୍ଷାବିତ୍ ମନୋରଞ୍ଜନ ପଣ୍ଡା, କୃତୀ ସନ୍ଦର ମହାପାତ୍ର, ସଦର ଥାନା ଅଧିକାରୀ ସରୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇ ବଳଦେବ ହାଇସ୍କୁଲ ଓ ଦୁତିଆଳ ଆଦର୍ଶ ଉଚ୍ଚ ବିଦ୍ୟାଳୟ ୧୦ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଧାବୃତି ପ୍ରଦାନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତ୍ ପ୍ରତାପ କୁମାର ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶୁଭ୍ରାଂଶୁ ଶେଖର ସାହୁ ସହଯୋଗ କରିଥିଲେ । ଶେଷରେ ବିବେକାନନ୍ଦ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

# ଇଦ୍‌ରେ ବିକ୍ରମ ପଣ୍ଡା ଫାଉଣ୍ଡେସନ ପକ୍ଷରୁ ଥଣ୍ଡା ପାନୀୟ ବଣ୍ଟନ

ବାଲେଶ୍ୱର, ୨୩/୦୪ (ନି.ପ୍ର): ଇଦରେ ସହରର ଦରଘା ମୈଦାନରେ ସାମୂହିକ ନମାଜ ପାଠ ଅବସରରେ ବେଳେ ବିକ୍ରମ ପଣ୍ଡା ଫାଉଣ୍ଡେସନ ପକ୍ଷରୁ ମୁସଲଭାନ ସମ୍ପ୍ରଦାୟଙ୍କ ଉଦ୍ଦେଶ୍ୟରେ ସେବା ପ୍ରଦାନ କରାଯାଇଛି । ଫାଉଣ୍ଡେସନର ଅଧକ୍ଷ ଯୁବନେତା ବିକ୍ରମ ପଣ୍ଡା ଦରଘା ମୈଦାନରେ ଉପସ୍ଥିତ ରହି ମୁସଲମାନ ଭାଇମାନଙ୍କୁ ଇଦ୍-ଉଲ-ଫିତର ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ଦରଘା ମୈଦାନରେ ନମାଜ ପାଠ ସହିତ ରସୁଲ କଦମରେ ପୂର୍ବପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ପାଇଁ ଆସିଥିବା ଲୋକଙ୍କୁ ଫାଉଣ୍ଡେସନ ପକ୍ଷରୁ ଥଣ୍ଡା ପାନୀୟ ପ୍ରଦାନ କରାଯାଇଥିଲା । ହ୍ରିତିକ ନାୟକ, ଚିତ୍ତରଞ୍ଜନ ନାୟକ, ମହମ୍ମଦ ଅଜଗର, ଶେଖ ଅରଫାନ, ସୁଧାଂଶୁ ଶେଖର ବାରିକ, ଅରୂପ ସାହୁ ପ୍ରମୁଖ ସେବାକାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## କଳାହାଣ୍ଡି ଅବକାରୀ ପୋଲିସ ଦ୍ୱାରା ୨୨କେଜି ଗଞ୍ଜେଇ ଜବତ , ୪ ଗିରଫ

ଭବାନୀପାଟଣା , ୨୩/୦୪ (ନି.ପ୍ର): କଳାହାଣ୍ଡି ଅବକାରୀ ପୋଲିସ ଟିମ୍ ଶନିବାର ଭୋର ସମୟରେ ଚଢାଉ କରି ଏକ କାରରୁ ୨୨ କେଜି ଗଂଜେଇ ଜବତ କରିଛି । ଏହାସହ ୪ ଜଣଙ୍କୁ ଗିରଫ କରିଛି ପୋଲିସ୍ । ସୂଚନା ଅନୁଯାୟୀ ସୁଶାନ୍ତ ପ୍ରଧାନ, ତିଳକ ରାମ ନାଏକଙ୍କ ନେତୃତ୍ୱରେ ଶନିବାର ଭୋର ପ୍ରାୟ ୪.୨୦ ସମୟରେ ରୁପଜିବାହାଲ ଛକ ଏମ. ରାମ ପୁର ପୋଲିସ ଅଧିନସ୍ଥ ଅଂଚଳ ରୁ ପେଟ୍ରୋଲିଙ୍ଗ କରୁଥିବା ବେଳେ ଏକ ଟାଟା ଇଣ୍ଡିକା କାରରେ ମୋହନ ଗିରି ଅଞ୍ଚଳରୁ ଗଞ୍ଜେଇ ଭର୍ତି କରି ରାଇପୁରକୁ ଚାଲାଣ ହେଉଥିବା ଖବର ମିଳିଥିଲା । ସୂଚନା ପାଇ ଟିମ୍ ଚଢାଉ କରି ଗାଡି ନମ୍ବର ସି ଜି -୦୪- ୩୮୫୬କୁ ଜବତ କରିବାସହ ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ।

# ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକ ପାଳିତ




ଖୋର୍ଦ୍ଧା , ୨୩/୦୪ (ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥ , ଘଣ୍ଟା କମ୍ପାନୀ ଛକ,ଦକ୍ଷିଣ ଦିଗ ଜାନକୀ ପଟ୍ଟନାୟକ ପାର୍କ ରେ ଏକ ବିରାଟ ସଭାରେ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ପୂର୍ବତନ ମୂଖ୍ୟ ମନ୍ତ୍ରୀ ଓଡ଼ିଶା ଓ ଆସାମ ରାଜ୍ୟପାଳ ଅଷ୍ଟମ ଶ୍ରାଦ୍ଧ ଦିବସ ଖୋର୍ଦ୍ଧା ଜାନକୀ ବଲ୍ଲଭ ସ୍ମୃତି କମିଟି ଟ୍ରଷ୍ଟ ତରଫରୁ ପାଳିତ ହେଇ ଯାଇଛି । ଏହି ସୁନ୍ଦର ମନୋରମ ଉଦ୍ୟାନ ମଦ୍ଧ୍ୟରେ ତାଙ୍କ ବିରାଟ କାୟ ପ୍ରତି ମୂର୍ତ୍ତି ଉପରେ ମାଲ୍ୟାପର୍ଣ କରାଯାଇ ଥିଲା । ଉକ୍ତ ଟ୍ରଷ୍ଟ ମୁଖ୍ୟ ଯୁବ ଆୟୋଜକ ଶ୍ରୀଯୁକ୍ତ ସଞ୍ଜୟ କୁମାର ପଟ୍ଟନାୟକ, ସମ୍ପାଦକ ଓ ଯୁବ ନେତା ପପୁ ସାମନ୍ତରାୟ କୋଷାଧକ୍ଷ, ଦୁଇ ଜଣ ଏହାର କର୍ଣ୍ଣ ଧାର । ପୂର୍ବତନ ଖୋର୍ଦ୍ଧା ସାମ୍ବାଦିକ ସମ୍ବାଦ ଦୈନିକ ପତ୍ରିକା ଓ ବର୍ତ୍ତମାନ ରାଜ୍ୟ ସାଂସଦ ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ, ସନମାନିୟ ଅତିଥି, ଖୋରଧା ବିଧାୟକ ଜ୍ୟୋତିନ୍ଦ୍ର ନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଜିଲ୍ଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନସିଂଗ, ପୂର୍ବତନ ଉତ୍ତର ଓଡ଼ିଶା କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଜାନକୀ ପଟ୍ଟନାୟକ ସୁପୁତ୍ର ପୃଥିବଲଭ ପଟ୍ଟନାୟକ ପ୍ରମୁଖ, ସମ୍ମାନୀୟ ଅତିଥି ଭାବେ ଯୋଗ ଗ ଦେଇ ତାଙ୍କ ସ୍ମୃତି ଉଚ୍ଚାରଣ କରିଥିଲେ ।ଆଉ ମୁଖ୍ୟ ବକ୍ତା ପୂର୍ତନ ବିଧାୟକ ଜାନକୀ ଧର୍ମ ପୁତ୍ର ଶ୍ରୀଯୁକ୍ତ ଦିଲ୍ଲୀପ ଶ୍ରୀଚନ୍ଦନ ଏହି ସଭାର ମୂଳ ସୁତ୍ରଧର ଥିଲେ ଓ ଅତୀଥି ମାନଙ୍କ ପରିଚୟ କରାଇଥିଲେ । ଏହି ସଭା କୁ ସରସ ସୁନ୍ଦର କରିବା । ପାଇଁ ଓଡ଼ିଶା ର ସ୍ୱ ନାମ ଧନ୍ୟ କଣ୍ଠ ଶିଳ୍ପି ମାନଂକୁ ଡକାଇ ଥିଲେ ଓ ସେମାନଙ୍କୁ ପରିଚୟ ଦେଇ ଟ୍ରଷ୍ଟ ତରଫରୁ ସମ୍ମାନିତ କରାଇଥିଲେ । ଜାନକୀ ବାବୁ ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ବିଜେପି ହାଇସ୍କଲର ଶିକ୍ଷା ଆରମ୍ଭ କରି, ତାଙ୍କ ରାଜନୀତି ବିଚକ୍ଷଣତା ଯୋଗୁ ଓଡ଼ିଶା ର ମୁଖ୍ୟ ମନ୍ତ୍ରୀ ୧୪ ବର୍ଷ ହୋଇ ଥିଲେ । ସେ ଥିଲେ ଖୋର୍ଦ୍ଧା ଗୌରବ । ସେ ମନ୍ଦ୍ୟ ଆସାମ ରାଜ୍ୟପାଳ ଥିଲେ । ତାଙ୍କ ସମୟେ ହଜାରେ ଦିନ ରେ ହଜାର ଶିଳ୍ପ କରାଇବା ପ୍ରତିଶୃତି ବରୁଣାଇ ପାହାଡ଼ ତଳରେ ଗଢ଼ି ଉଠି ଥିବା କିଛି ପରିଚୟ ଦିୟେ । ସେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ବ୍ଲକ୍ ରାମେଶ୍ୱର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ସ୍ଥାନ ପୁରଣ କରିବା ପାଇଁ ଖୋର୍ଦ୍ଧା ଜିଲ୍ଲା ବଂଶଧର କିଏ ବା, ଭବିଷ୍ୟତ କହିବ । ଶ୍ରୀଯୁକ୍ତ ମଙ୍ଗରାଜ ତାଙ୍କ ସାଂସଦ ପାଣ୍ଠିରୁ ଜାନକୀ ବଲ୍ଲଭ ପାର୍କର ଅବଶିଷ୍ଟ କାମ ଶେଷ କରିବକୁ ଘୋଷଣା କରିଥିଲେ । ଏହି ପରି ଯୁବ ସୁଲଭ ନେତୃତ୍ୱ ସେହି ଟାଙ୍ଗୀ ବ୍ଲକ ବଡ ପୋଖରିଆ ଗ୍ରାମ ଜନ୍ମିତ ସନ୍ତାନ ଓ ଜଗନ୍ନାଥ କଲେଜ କାଇପଦର ଛାତ୍ର ଓ ବର୍ତ୍ତମାନ ଖୋର୍ଦ୍ଧା ମାଟିର ମହକ ,ଶ୍ରୀଯୁକ୍ତ ସଂଜୟ ପଟ୍ଟନାୟକ କିଛି ଆଗକୁ ଯିବା ଆଭାସ ମିଳୁଛି । ସେ ଖୋର୍ଦ୍ଧା ଜିଲ୍ଲାରେ ସବୁ ଦଳ ଓ ସବୁ ବର୍ଗର ଲୋକଙ୍କ ପାଖରେ ଆଦୃତ ଓ ସମସ୍ତ ଙ୍କ ପ୍ରିୟ ଯୁବକ । ତାଙ୍କର ମନରେ ଆତ୍ମ ଗାରିମା ନାହିଁ । ଉକ୍ତ ଶ୍ରାଦ୍ଧ ଦିବସରେ ପ୍ରାୟ ହଜାର ,ହଜାର, ଦର୍ଶକ ଯୋଗ ଦେଇଥିଲେ । ଖୋର୍ଦ୍ଧା ସବୁ ବର୍ଗର ଲୋକ, ସ୍ତ୍ରୀ, ପୁରୁଷ, ଛାତ୍ର ଛାତ୍ରୀ, ବରିଷ୍ଠ ନାଗରିକ, ଆଇନି ଯିବି , ସାମ୍ବାଦିକ, ବୁଦ୍ଧିଜୀବି ଆଦି ଯୋଗ ଆନନ୍ଦ ପ୍ରକାଶ କରିଥିଲେ । ସମସ୍ତଙ୍କ ପାଇଁ ମହାପ୍ରସାଦ ସେବନ ଟ୍ରଷ୍ଟ ତରଫରୁ କରାଯାଇ ଥିଲା ।

# ପାଳିତ ହୋଇଯାଇଛି ଇଦ୍ ପର୍ବ

ଖୋର୍ଦ୍ଧା, ୨୩/୦୪ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ରାଉତପଡ଼ା ରେ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି ଇଦ୍-ଉଲ୍-ଫିତର୍ ପର୍ବ । ସମୂହ ନମାଜ ପାଠ ପରେ ପରସ୍ପରକୁ ଆଲିଙ୍ଗନ କରି ଶୁଭକାମନା ଜଣାଇଲେ ରାଉତପଡ଼ା ମୁସଲମାନ ସାହିର ସେଖ୍ ଅନୁଅର୍ ଅଲ୍ଲୀ ଙ୍କ ପରିବାର । ଏକ ମାସ ଧରି ରମଜାନ ଉପବାସ କରୁଥିବା ବେଳେ ଶେଷଦିନରେ ଇଦ୍-ଉଲ୍-ଫିତର୍ ପର୍ବ ପଡ଼ିଥାଏ । ଆଜି ରାଉତପଡ଼ା ଇଦଘା ପଡିଆରେ ସକାଳୁ ସାମୁହିକ ନମାଜ ପାଠ ହୋଇଥିଲା । ଏହି ଅବସରରେ ଶ୍ରୀ ଅଲ୍ଲୀଙ୍କ ପରିବାରକୁ ସ୍ଥାନୀୟ ସମାଜ ସେବୀ ପ୍ରଦୀପ କୁମାର ସାହୁ ଓ ୨୩ ନମ୍ବର୍ ଜୋନ ଜିଲ୍ଲାପରିଷଦ ଅନାଦି ସାହୁ ଏବଂ ଆନ୍ତର୍ଜାତୀୟ ମାନବ ଅଧିକାର ପରିଷଦର ଗଞ୍ଜାମ ଜିଲ୍ଲା ସଭାପତି ସାଇ ପ୍ରସାଦ ପରିଡ଼ା ଓ ଖୋର୍ଦ୍ଧା ଜିଲ୍ଲା ସଭାପତି ରଜନୀକାନ୍ତ ଜଗଦେବ ପରିବାର ସହ ଭେଟି ସର୍ବତ ଓ ଲଚ୍ଛା ଖାଇ ଅଭିନନ୍ଦନ ଜଣାଇଥିଲେ ।

# ଧରିତ୍ରୀ ଦିବସ ପାଳିତ



ଡେଲାଙ୍ଗ, ୨୩/୦୪ (ନି.ପ୍ର): ଆମ ପୃଥିବୀର ସୁରକ୍ଷା କରିବା ଏବଂ ଏହାକୁ ମାନବ ଜାତିର ବିକାଶ ପାଇଁ ଉପଯୋଗୀ କରିବାର ଉପାୟ ଓ କାର୍ଯ୍ୟକ୍ରମ ଗ୍ରହଣ କରିବା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ 'ଧରିତ୍ରୀ ଦିବସ' ପ୍ରତିବର୍ଷ ଏପ୍ରିଲ ୨୨ ରେ ପାଳନ କରାଯାଏ । 'ଆନ୍ତର୍ଜାତୀୟ ମାତା ପୃଥିବୀ ଦିବସ' ବା ବିଶ୍ୱ ଧରିତ୍ରୀ ଦିବସ ପାଳନ ଅବସରରେ ଏହି ଦିନ ପ୍ରକୃତି ଏବଂ ଗ୍ରହର ସୁରକ୍ଷା ପାଇଁ ପ୍ରୟାସ ଉପରେ ଧ୍ୟାନ ଦେବା ମହତ୍ୱ ପୂର୍ଣ୍ଣ ବିଷୟ । ମୃତ୍ତିକା କ୍ଷରଣ, କୀଟ ନାଶକ ଏବଂ ରାସାୟନିକ ପଦାର୍ଥ ର ବ୍ୟବହାର, ଦ୍ରୁତ ଜଙ୍ଗଲ ହ୍ରାସ, ବାୟୁ ଓ ଜଳ ପ୍ରଦୂଷଣ ଦ୍ୱାରା ପରିବେଶ ର ଅବନକ୍ଷୟ ଭଳି ସମସ୍ୟା ଗମ୍ଭୀର ହୋଇ ଚାଲିଛି ।ପରିବେଶ ସୁରକ୍ଷା ଦିଗରେ ବ୍ୟାପକ ସଚେତନତା ଯାଗ୍ରତ କରିବା ପାଇଁ ଧରିତ୍ରୀ ଦିବସ ଏପ୍ରିଲ ୨୨ ରେ ଏକ ବାର୍ଷିକ କାର୍ଯ୍ୟକ୍ରମ । ଏହାକୁ ସାକାର କରିବା ପାଇଁ ଆମେ ସଂକଳ୍ପ ବଦ୍ଧ ହେ୍ୱା ଏବଂ ମା ଧରିତ୍ରୀ ପାଇଁ ନିଜ କର୍ତ୍ତବ୍ୟ ଓ ଦାଇତ୍ୱ ପାଳନ କରିବାର ସମୟ ଆସିଛି ! ଏହି ଅବସରରେ ପ୍ରକୃତିବନ୍ଧୁ ଦିଲ୍ଲୀପ ଧାଉଡ଼ିଆ ଧରିତ୍ରୀ ମା ର ସୁରକ୍ଷା ପାଇଁ ଚାରା ବଣ୍ଟନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଶନିବାର ଶୁଭଆରମ୍ଭ କରିଛନ୍ତି !

# ନିଜ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କଲେ ସମାଜସେବୀ

ମାଲକାନଗିରି, ୨୩/୦୪ (ନି.ପ୍ର): ନିଜ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କଲେ ସମାଜସେବୀ ଜି ଶ୍ରୀନିବାସ ରାଓ । ସମାଜସେବୀ ଶ୍ରୀନିବାସ ରାଓ ଯିଏ କି ଚିଟି ଭାଇ ନାମରେ ମାଲକାନଗିରି ଜିଲ୍ଲାରେ ସୁପରିଚିତ । ସବୁବେଳେ ଲୋକଙ୍କ ଦୁଃଖ ସୁଖରେ ସାହା ହୁଅନ୍ତି ଓ ଲୋକଙ୍କ ସୁବିଧା ଅସୁବିଧା ବୁଝିଥାନ୍ତି । ଗରିବ ଲୋକଙ୍କ ପାଇଁ ଘର ଯୋଗାଇ ଦେବା ଓ ପାନୀୟ ଜଳ ଅସୁବିଧା ଭୋଗୁଥିବା ଅଞ୍ଚଳରେ ପାନୀୟ ଜଳ ସୁବିଧା କରିବା ଭଳି ଅନେକ ଲୋକ ହିତକାରୀ କାମ କରି ଲୋକଙ୍କ ପ୍ରଶଂସାର ପାତ୍ର ହୋଇପାରିଛନ୍ତି । ଆଜି ପୁଣି ନିଜ ଜନ୍ମ ଦିନରେ କିଛି ନିଆରା ଢ଼ଙ୍ଗରେ ପାଳି ଚର୍ଚ୍ଚାରେ । ଚିଟିଭାଇ ନିଜର ୫୦ ବର୍ଷ ପୁର୍ତ୍ତି ଜନ୍ମ ଦିବସରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରିବା ସହ ନିଜେ ରକ୍ତ ଦାନ କରିଥିଲେ ଏବଂ ଅସହାୟ ବୃଦ୍ଧ ବୃଦ୍ଧାଙ୍କୁ ଛତା,ଜୋତା,ବସ୍ତ୍ର ସହ ଅନୁଦାନ ଦେଇଥିଲେ । ଗରିବ ଲୋକଙ୍କ ଖାଇବା ବ୍ୟବସ୍ଥା ମଧ କରିବା ସହ ନିଜ ହାତରେ ସେମାନଙ୍କୁ ଖାଇବା ବାଢିଥିଲେ । ତାଙ୍କର ଏହି ଜନ୍ମ ଦିନରେ ଗରିବ ଅସହାୟ ବୃଦ୍ଧ ବୃଦ୍ଧା ୧୦୦ ବର୍ଷ ବଞ୍ଚିବାର ଆଶୀର୍ବାଦ କରିବା ସହ ଖୁସିରେ କାନ୍ଦିପକାଇଥିଲେ । ସମାଜସେବୀ ହେବତ ଏମିତି ଯିଏ ଗରିବ ଅସହାୟଙ୍କ ଅଧିକାର ପାଇଁ ନିଜେ ଲଢନ୍ତି ଓ ସୁବିଧା ଅସୁବିଧାରେ ସେମାନଙ୍କୁ ସାହାଯ୍ୟ କରନ୍ତି । ଆଜି ତାଙ୍କର ଏପରି ଜନ୍ମଦିନକୁ ଲୋକେ ପ୍ରଶଂସା କରିବା ସହ ତାଙ୍କର ଦୀର୍ଘାୟୁ ପାଇଁ କାମନା କରିଛନ୍ତି । ତାଙ୍କର ଏପରି ମହତ କାମକୁ ଜାଣିବା ପରେ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକୁମାଜିଲ୍ଲାର ଜିଲ୍ଲା ପରିଷଦ ଅଧକ୍ଷ ହରିସ କବାସୀ, ପୌରପରିଷଦ ଅଧକ୍ଷ ରାଜୁ ସାହୁଙ୍କ ସମେତ ବହୁ ନିର୍ବାଚିତ ପ୍ରତିନିଧି ଯୋଗ ଦେଇ ତାଙ୍କର ଏଭଳି ପ୍ରୟାସକୁ ପ୍ରଶଂସା କରିବା ସହ ତାଙ୍କର ଦୀର୍ଘାୟୁ ପାଇଁ କାମନା କରିଛନ୍ତି ।

# ଲୋ ଭୋଲଟେଜ୍ ସମସ୍ୟାର ସମାଧାନ ସଂପର୍କରେ ସମୀକ୍ଷା ବୈଠକ

ଭୁବନେଶ୍ୱର, ୨୩/୦୪ (ନି.ପ୍ର): ଗ୍ରୀଷ୍ମ ଦିନରେ ଲୋ ଭୋଲଟେଜ୍ ସମସ୍ୟାର ସମାଧାନ ସହ ଗ୍ରାମୀଣ ବିଦ୍ୟୁତିକରଣ ସଂପର୍କରେ ଆଜି ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ଶକ୍ତି ତଥା ସୂଚନା ଓ ଲୋକ ସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ ସିଂ ସମୀକ୍ଷାକରିଛନ୍ତି । ଆଭାସୀ ବ୍ୟବସ୍ଥା ମାଧ୍ୟମରେ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ଏହି ବୈଠକରେ ଓପିଟିସିଏଲ୍ ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ,ଟିପିସିଓଡିଏଲ୍, ଟିପିଡବ୍ଲୁଓଡିଏଲ୍, ଟିପିଏନ୍ଓଡିଏଲ୍, ଟିପିଏସ୍ଓଡିଏଲ ର ମୁଖ୍ୟ କାର୍ଯ୍ୟନିର୍ବାହୀ, ଓପିଟିସିଏଲ ର ନିର୍ଦ୍ଦେଶକ(ଅପରେସନ୍ସ), ଗ୍ରୀଡକୋ ର ପରିଚାଳନା ନିର୍ଦ୍ଦେଶକଆଦିବିଭିନ୍ନ ବିଦ୍ୟୁତ ଯୋଗାଣ ଓ ପରିବହନକାରୀ ସଂସ୍ଥାମାନଙ୍କ ସହିତ ସ୍ଥିତି ସମୀକ୍ଷା କରିବା ସହ ସେ ଆବଶ୍ୟକ ପରାମର୍ଶ ଓ ନିର୍ଦ୍ଦେଶ ଦେଇଛନ୍ତି ସଚିବ । ବିଦ୍ୟୁତ୍ ଯୋଗାଣ ସମସ୍ୟା ସଂପର୍କିତ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ଖବର ଜାଣିବା କ୍ଷଣି ତୁରନ୍ତ ସେ ସଂପର୍କରେ ଦୃଷ୍ଟି ଦେଇ ସମାଧାନ କରିବାକୁ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ପ୍ରମୁଖ ଶାସନ ସଚିବ କରିଛନ୍ତି ଯେ, ଚଳିତ ବର୍ଷ ରାଜ୍ୟ ସରକାରଙ୍କ ତରଫରୁ କୌଣସି ସ୍ଥାନରେ ବିଦ୍ୟୁତ୍ କାଟ ପାଇଁ ନିର୍ଦ୍ଦେଶ ଦିଆଯାଇନାହିଁ । ଏ ସଂପର୍କରେ ପୂର୍ବରୁ ମାନ୍ୟବର ଶକ୍ତି ମନ୍ତ୍ରୀ ସୂଚନା ଦେଇସାରିଛନ୍ତି ।ରାଜ୍ୟ ସରକାରଙ୍କ ଦ୍ୱାରା ବିଦ୍ୟୁତ୍ କାଟ ନ କରିବା ନିର୍ଦ୍ଦେଶକୁ କଡାକଡି ଭାବେ କାର୍ଯ୍ୟକାରୀ କରିବାକୁ ସମସ୍ତ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କୁ ପ୍ରମୁଖ ଶାସନ ସଚିବ ତାଗିଦ କରିଛନ୍ତି । ତେବେ ଭୁବନେଶ୍ୱରର ବଡଗଡ ଓ ନୟାପଲ୍ଲୀଅଂଚଳରେ ଟ୍ରାନ୍ସଫରମର ସମସ୍ୟା ଯୋଗୁଁ ବିଦ୍ୟୁତ୍ ଯୋଗାଣ ବ୍ୟାହତ ସମସ୍ୟାକୁ ଶୀଘ୍ର ଦୂର କରିବା ପାଇଁ ସମ୍ପୃକ୍ତ ସଂସ୍ଥାକୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶଦିଆଯାଇଛି । ସେହିପରି ଖରାଦିନେ ସମୟ ସମୟରେ ଓଭର ଲୋଡିଂ ଯୋଗୁଁ ହେଉଥିବା ବୈଷୟିକ ତୃଟିକୁ ସୁଧାରି ସଂପୃକ୍ତ ଅଂଚଳକୁ ଶୀଘ୍ର ବିଦ୍ୟୁତ୍ ଯୋଗାଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ସ୍ଥାନରେ ବିଦ୍ୟୁତ୍ କାଟ ବା ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ ସମସ୍ୟା ଉପୁଜିଲେ ସେ ସମ୍ପର୍କରେ ନିୟମିତ ସୂଚନା ଦେବାକୁ ପ୍ରମୁଖ ଶାସନ ସଚିବ ସଂପୃକ୍ତ ସଂସ୍ଥାର ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଦ୍ୟୁତ ସରବରାହ ଜନିତ ସ୍ଥାନୀୟ ସମସ୍ୟାକୁ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣି ସେ ତାହାର ସମାଧାନ କରିବେ ବୋଲି କହିଥିଲେ । ଅନ୍ୟ ପକ୍ଷରେ ବିଦ୍ୟୁତ୍ ସରବରାହ ବା ବିଦ୍ୟୁତ୍ କାଟ ସଂପର୍କରେ ସାମାଜିକ ଗଣମାଧ୍ୟମରେ ନଜରକୁ ଆସୁଥିବା ଖବର ବା ଅଭିଯୋଗକୁ ଧ୍ୟାନ ଦେଇ ତାହାର ସମାଧାନକୁ ଗୁରୁତ୍ୱ ଦେବାକୁ ଶ୍ରୀ ସିଂ ମଧ ପରାମର୍ଶ ଦେଇଛନ୍ତି । ସ୍ଥାନୀୟ ଜନ ପ୍ରତିନିଧି ଏବଂ ବିଭିନ୍ନ ଆବାସିକ ଉନ୍ନୟନ ସଂଘ ସହଯୋଗରେ ବିଦ୍ୟୁତ୍ ଯୋଗାଣ ସଂପର୍କିତ ଅଭିଯୋଗ ଶୁଣିବା ପାଇଁ ଚଳିତ ଅପ୍ରେଲ ମାସ ସାରା ଟିପିସିଓଡିଏଲ ତରଫରୁ ବିଭିନ୍ନ ସ୍ଥାନରେ 'ଆପଣଙ୍କ ମିତ୍ର ଆପଣଙ୍କ ସାଥିରେ' କାର୍ଯ୍ୟକ୍ରମ କରିଆରେ ଉତ୍ତମ ଗ୍ରାହକ ସେବା ପାଇଁ ସଚେତନତା ବୈଠକ ଓ ଶିବିର କରାଯାଉଥିବା ଓ ଏହି କାର୍ଯ୍ୟକ୍ରମ ଅଧିକ ଆୟୋଜନ ସଂପର୍କରେ ସୂଚନା ଦିଆଯାଇଥିଲା ।

# ଜନଶିକ୍ଷଣ ସଂସ୍ଥାନ ବଲାଙ୍ଗୀର ଦ୍ୱାରା ଜି-୨୦ର ପାରମ୍ପରିକ ପିଠାପଣା ମହୋତ୍ସବ ପାଳିତ

ବଲାଙ୍ଗିର , ୨୩/୦୪ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଦଳଦଳି ଗ୍ରାମ ରେ ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନରେ ବଲାଙ୍ଗୀର ଜିଲ୍ଲାରେ କାର୍ଯକାରୀ କରୁଥିବା ଜନ ଶିକ୍ଷଣ ସଂସ୍ଥାନ ଆନୁକୁଲ୍ୟରେ '' ଜି - ୨୦'' ବେଠକ ନିମନ୍ତେ ପାରମ୍ପରିକ ''ପିଠା ପଣା ମହୋତ୍ସବ'' ପାଳନ ହୋଇଯାଇଛି । ଏହି ମହୋତ୍ସବ ରେ ସ୍ଥାନୀୟ ଗ୍ରାମ ତଥା ସଂସ୍ଥା ଅଧୀନରେ ବିଭିନ୍ନ ପ୍ରକାର ତାଲିମ ନେଉଥିବା ମହିଳା ମାନେ ଅଂଶ ଗ୍ରହଣ କରିଥିଲେ । ମହୋତ୍ସବ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମ ରେ ଅଥିତି ଭାବେ ଦଳଦଳୀ ଗ୍ରାମ ର ୱାର୍ଡ ମେମ୍ବର ,ସଂସ୍ଥା ର ନିର୍ଦ୍ଦେଶିକା ସଂଘମିତ୍ରା ଜେନା ଏବଂ ଉକ୍ତ ଗ୍ରାମ ର ଭଦ୍ର ବ୍ୟକ୍ତି ଉପସ୍ଥିତ ରହି ମହିଳା ମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ମହୋତ୍ସବ କୁ ଆସିଥିବା ଅତିଥି ଏବଂ ଅନ୍ୟ ଲୋକ ମାନେ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ବିଭିନ୍ନ ପ୍ରକାର ପିଠା ବିଶେଷ କରି ମାଣ୍ଡିଆ ପିଠା, ଆରିସା ପିଠା, ସୁଜି ପିଠା ର ସ୍ୱାଦ ଚାଖିଥିଲେ । ଶେଷରେ ଉକ୍ତ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିବା ମହିଳା ମାନେ ବହୁତ ଖୁସି ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମ କୁ ବିଦ୍ୟାଧର ସୁନା ପରିଚାଳନା କରିଥିବା ବେଳେ ବିଷ୍ଣୁ ପ୍ରସାଦ ଦାସ, ଭାଗିରଥି ବ୍ରହ୍ମା, ବିଷ୍ଣୁ ମେହେର,ସାମ୍ବାଦିକ ଅନ୍ତର୍ଯ୍ୟାମୀ ସାହୁ, ବିରଞ୍ଚି ନାୟକ, ରଘୁନନ୍ଦନ ସିଂ ମଧ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଭକ୍ତକବି ଦୀନକୃଷ୍ଣ ଜଣେ ଓ ଅଭିନ୍ନ, ତାଙ୍କ ସୃଷ୍ଟି ଅଜେୟ ଓ ଅମର

# ଦୀନକୃଷ୍ଣ ସ୍ମୃତି ପରିଷଦର ୪୪ ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ

ଜଳେଶ୍ୱର ୨୩/୪(ନି.ପ୍ର) : ଭକ୍ତକବି ଦୀନକୃଷ୍ଣ ଦାସଙ୍କ ନାମରେ ନାମିତ ଦୀନକୃଷ୍ଣ ସ୍ମୃତି ପରିଷଦ ଦୀର୍ଘ ୪୪ବର୍ଷ ଧରି କବିଙ୍କ ଜନ୍ମ ଉତ୍ସବ ପାଳନ କରି ଆସୁଛି । ସେ ଜଣେ ଓ ଅଭିନ୍ନ । ତାଙ୍କର ପ୍ରତ୍ୟେକ ସୃଷ୍ଟି ଅଜେୟ ଓ ଅଭିନ୍ନ ତଥା କାଳଜୟୀ ବୋଲି ଆଜି ଦୀନକୃଷ୍ଣ ସ୍ମୃତି ପରିଷଦ ଓ ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ରାଜ୍ୟ ସ୍ତରୀୟ ଜୟନ୍ତୀ ପାଳନ ଅବସରରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ସୁବର୍ଣ୍ଣରେଖା ନଦୀର ଜଳେଶ୍ୱର ଅଂଚଳର ମୁଣ୍ଡୁଣିଆ ଗାଁର କବିଙ୍କର ଜନ୍ମ ବୋଲି ପ୍ରମାଣ ମିଳିଛି । କିନ୍ତୁ କବିପୀଠ ଏବେବି ଅବହେଳିତ ଓ ଏହାର ଉତ୍ତାରତ୍ତର ବିକାଶ ଆବଶ୍ୟକ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏଥିରେ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଭରତ ଚନ୍ଦ୍ର ଦାସ ଅଧ୍ୟକ୍ଷତା କରି ସୂଚନା ପ୍ରଦାନ କରିଥିଲେ । ସ୍ମୃତି ପରିଷଦର ପ୍ରତିଷ୍ଠାତା ସଂପାଦକ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ସ୍ୱାଗତ ଅଭିଭାଷଣରେ ଦୀର୍ଘ ୪୪ ବର୍ଷ ଧରି ସ୍ମୃତି ପରିଷଦ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ସଂପର୍କରେ ବିଭିନ୍ନ ଉତ୍ସବ ଓ ଅନାଲୁଚିତ ତଥ୍ୟ ଉପସ୍ଥାପନ କରିଆସୁଥିବା ସଂପର୍କରେ କହିଛନ୍ତି । ମୁଖ୍ୟ ଅତିଥିଭାବେ ପଶ୍ଚିମବଂଗର କବି ଡ. ସୁନିଲ କୁମାର ମାଝୀ କହିଲେ ଅର୍ନ୍ତବିଶ୍ୱାସ ହିଁ କବିଙ୍କ ଅନ୍ତର୍ଚ୍ଚେତନା । ସାମ୍ପ୍ରତିକ କବିତାରେ ବସ୍ତୁବାଦି ଚିନ୍ତାଧାରାର ଅଭାବ ପରିଲକ୍ଷିତ ହେଉଛି । ଏବେ କବିତାରେ ଆଧ୍ୟାତ୍ମିକତା, ରାଷ୍ଟ୍ରିୟ ଚେତନା, ବିଜ୍ଞାନ ଓ ଇତିହାସ ସ୍ଥାନିତ ହେବା ଉଚିତ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ଡ. ରାଧାଗୋବିନ୍ଦ କୋଇଲା ଦୀନକୃଷ୍ଣ ସ୍ୱାଭିମାନର ଉନ୍ନତ ଲୌହସ୍ତମ୍ଭ । ସ୍ୱାଭିମାନ ପାଇଁ ସେ ରାଜରୋଷର ଶୀକାର ହୋଇଥିଲେ ମଧ୍ୟ ତାହାକୁ ଛାଡି ନାହାନ୍ତି । ତାଙ୍କ କୋମଳ ପଦାବଳୀ ରଚନା, ଋତୁଯୁଗରେ ବିରଳ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ କବି କଳାପଦ ପଣ୍ଡା ଦୀନକୃଷ୍ଣଙ୍କୁ ଭକ୍ତରସର ବିପ୍ଳବୀ କବି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ମନ୍ମଥ ନାଥ ପ୍ରଧାନ, ଡ. ରମାକାନ୍ତ ଭଂଜ, ଡ. ବ୍ରଜେନ୍ଦ୍ର ନାଥ ଗିରି ପ୍ରମୁଖ ଦୀନକୃଷ୍ଣଙ୍କ ଲେଖାରେ ଚେତନା, ଭକ୍ତିରସ ଓ ପଦଲାଳିତ୍ୱ ସଂପର୍କରେ କହିଥିଲେ । ଯୋଗେଶ ଚନ୍ଦ୍ର ରାଉତ ମଂଚ ଆହ୍ୱାନ କରିଥିବା ବେଳେ ଜଗନ୍ନାଥ ପ୍ରଧାନଙ୍କ ଭିନ୍ନ ଏକ ମଣିଷ, କବି ବଂକିମ ଚନ୍ଦ୍ର ଦେଙ୍କ ପୁଷ୍ପାଞ୍ଜଳି, ଅନନ୍ତ କୁମାର ମହାନ୍ତିଙ୍କ ସମୟ ଅଫେରା ନଇ ଏବଂ ଡ. ସମୀର ହୁଇଙ୍କ କୋର୍ଟ ଫର ଟ୍ରେଜାର ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଡ. ଅଜିତ୍ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ କବିତା ପାଠୋତ୍ସବରେ କବି ଶ୍ରୀ କୁମାର, ଇନ୍ଦୁମତୀ ଗିରି ସଂଯୋଂଜନା କରିଥିଲେ । ଏଥିରେ କବି ବ୍ରଜେନ୍ଦ୍ର ଗିରି ସଭାପତିତ୍ୱ କରିଥିଲେ । ଚଳିତବର୍ଷ ଡ. ମନ୍ମଥ କୁମାର ପ୍ରଧାନଙ୍କ ଭକ୍ତକବି ଦୀନକୃଷ୍ଣ ସମ୍ମାନ ପ୍ରଦାନ କରାଯାଇଛି । ଡ. ବିବେକାନନ୍ଦ ସାହୁଙ୍କୁ ମହତାବ ସ୍ମୃତି ସମ୍ମାନ, ଭାରତ ସରିତା ମହାନ୍ତିଙ୍କୁ ମୁକୁନ୍ଦ ମୁରାରୀ ପୁରସ୍କାର, ସ୍ନିଧା ସାମନ୍ତ ରାୟଙ୍କୁ ଲକ୍ଷ୍ମଣଜେନା ପ୍ରତିଭା ସମ୍ମାନ, ଭାନୁ ରଣାଙ୍କୁ ଭଗବାନ ଚନ୍ଦ୍ର ସ୍ମୃତି ପୁରସ୍କାର, ରମେଶ ଦାସଙ୍କୁ ଜ୍ଞାନେନ୍ଦ୍ର ଶ୍ରେଳବାଳା ପୁରସ୍କାର, ନଟବର ପାଢୀଙ୍କୁ ଯୁଗଳ ଲକ୍ଷ୍ମୀ କବି ପୁରସ୍କାର, କପିଳେଶ୍ୱର ମହାନ୍ତିଙ୍କୁ ପ୍ରସନ୍ନପାଳ ସ୍ମୃତି ପୁରସ୍କାର, ଅନନ୍ତ ମହାନ୍ତିଙ୍କୁ ତ୍ରିଲୋଚନ ପାତ୍ର ସ୍ମୃତି ପୁରସ୍କାର, ଉଦୟନାରାୟଣ ଦାସଙ୍କୁ ବିନୋଦବିହାରୀ ସରସ୍ୱତ ପୁରସ୍କାର, ପରମାନନ୍ଦ ପରିଡାଙ୍କୁ ମୁରଲୀ ମିନା ପୁରସ୍କାର, ସଂଗ୍ରାମକେଶରୀ ପରିଡାଙ୍କୁ ଡ. ଅଲେଖଚନ୍ଦ୍ର ପଢିଆରୀ ସାରସ୍ୱତ ପୁରସ୍କାର, ସମୀର ହୁଇଙ୍କୁ ରମାକାନ୍ତ-ଶୈଳଜା ପୁରସ୍କାର, ଯୋଗେଶ ଚନ୍ଦ୍ର ରାଉଳଙ୍କୁ ପ୍ରଫୁଲ୍ଲ ଗାନ୍ଧି ପୁରସ୍କାର, ଦିଶାରାଣୀ ପାତ୍ରଙ୍କୁ ବାସନ୍ତୀ-ତାରାପଦ ଗଣିତ ମେଧାବୃତ୍ତି ପୁରସ୍କାର, ଅନନ୍ୟା ସାହୁଙ୍କୁ ଲକ୍ଷ୍ମୀକାନ୍ତ ସ୍ମୃତି ପଦକ, ଚିନ୍ମୟ ଚେତନ ପରିଡାଙ୍କୁ ପଦ୍ମଲାଭ ପାଣିଗ୍ରାହୀ ସ୍ମୃତି ପୁରସ୍କାର, ବଂକିମ ଚନ୍ଦ୍ର ଦେଙ୍କୁ ଶ୍ରୀନାଥକର ପୁରସ୍କାର, କମଳ ଚକ୍ରବର୍ତ୍ତୀଙ୍କୁ ପ୍ରାଣକୃଷ୍ଣ ବିଶ୍ୱାଳ ପୁରସ୍କାର, ଡ. ରାଧାରଂଜନ ପଟ୍ଟନାୟକଙ୍କୁ ନକୁଳ ଚରଣ ଓଝା ପୁରସ୍କାର ପ୍ରଦାନ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ନିର୍ବାଚନ ପୂର୍ବରୁ ନବକଳେବର ...

ଶଙ୍ଖ ଭବନ ନିର୍ମାଣରେ ଅବଦାନ ରଖିଥିବା ଶ୍ରମିକଙ୍କ ଠାରୁ ଆରମ୍ଭ କରି ସ୍ଥପତି ପର୍ଯ୍ୟନ୍ତ ତଥା ଯୁବ , ଛାତ୍ର ,ମହିଳା କର୍ମୀ ଏବଂ ନେତା, ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଧନ୍ୟବାଦ ଜଣାଇଥିଲେ। ସେବାର ସଂସ୍କୃତିକୁ ଆଗକୁ ନେବା , ବିକାଶକୁ ଆଗକୁ ନେବା ,ଓଡିଶା ମା'ର ଗୌରବକୁ ଆହୁରି ଉଜ୍ଜଳ କରିବା ପାଇଁ ନିଜକୁ ସମର୍ପିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ ?ାନ ଜଣାଇଥିଲେ। ସୂଚନା ଯୋଗ୍ୟ ଯେ ଶଙ୍ଖ ଭବନର ସମ୍ମିଳନୀ କକ୍ଷଗୁଡିକରେ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଦନ ଦାସ, ଆଦିକବି ସାରଳା ଦାସ, ବୀର ସୁରେନ୍ଦ୍ର ସାଏ , ବକ୍ସି ଜଗବନ୍ଧୁ, ଭୀମ ଭୋଇ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ,ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ସହିଦ୍ ଲକ୍ଷ୍ମଣ ନାୟକ ପଣ୍ଡିତ ରଘୁନାଥ ମୁର୍ମୁ, ବିର୍ସା ମୁଣ୍ଡା, ରେଣ୍ଟୋ ମାଝି , ଧରଣୀଧର ଭୂୟାଁ, ମା ରମାଦେବୀ , ପାର୍ବତୀ ଗିରି , ଫକୀମୋହନ ସେନାପତି, ଗଙ୍ଗାଧର ମେହେର , କୁନ୍ତଳାକୁମାରୀ ସାବତ ଓ ବାଜି ରାଉତଙ୍କ ପରି ବରପୁତ୍ରମାନଙ୍କ ଉକ୍ତି ଖୋଦିତ ହେବ। ଏହା ସହିତ ଏଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରସିଦ୍ଧ (ତାବିଜ ) ଶୋଭା ପାଇବ ଏବଂ ଓଡ଼ିଶାର ୩୦ଟି ଜିଲ୍ଲାର ପ୍ରସିଦ୍ଧ ସାମଗ୍ରୀ ଓ ଶ୍ରେଷ୍ଠ କଳାକୃତି ମଧ୍ଯ ସ୍ଥାନ ପାଇବ ।ଶଙ୍ଖ ଭବନରେ ପ୍ରତି ସପ୍ତାହରେ ରକ୍ତ ଦାନ କାର୍ଯ୍ୟକ୍ରମ କରାଯିବ।ଏହା ସହିତ ଗରିବ ଲୋକଙ୍କ ବିବାହ ଓ ଅନ୍ୟ ସାମାଜିକ କାର୍ଯ୍ୟକ୍ରମ ମଧ୍ଯ ନିୟମିତ ଜାରି ରହିବ।

### ଅକ୍ଷୟ ତୃତୀୟାରେ ବିଜେପି ...

କାର୍ତ୍ତିକ ଚନ୍ଦ୍ର ରାଉତ, ଗଙ୍ଗାଧର ରାଉତ, ରାଜେନ୍ଦ୍ର ଚାଟାର୍ଜୀ, ଓଲନ୍ଦା ସାରଗାଁ ସରପଞ୍ଚ ଆରତୀ ଦାସ, ସମିତ ସଭ୍ୟା ରଶ୍ମିତା ନାୟକ, ପଞ୍ଚାୟତ ସଭାପତି ମାନସ ନାୟକ, ବିଷ୍ଣୁପଦ ପ୍ରଧାନ, ବିକାଶ ପାଢ଼ୀ, ଧୀରଜ ମହାନ୍ତି, ମାୟାଧର ପ୍ରଧାନ, ତପନ ଦାସ, ମଣ୍ଡଳ ସାଧାରଣ ସମ୍ପାଦକ ପୀତାମ୍ବର ଭୂୟାଁ, କାହ୍ନୁ ମହାଳିକ, ବୀରେନ୍ଦ୍ର ସେନାପତି, ରଘୁନାଥ ପ୍ରଧାନ, ମନ୍ମଥ ରାଉତ, ବିରେନ୍ଦ୍ର ମହାନ୍ତି, ରଜତ ଦାସ, ସଞ୍ଜୟ ଭୋଇ, ମଣ୍ଟୁ ବସନ୍ତିଆ, ସରୋଜ ପରିଡ଼ା, ଗଜେନ୍ଦ୍ର ମାଝୀ, ହରିଆ ଦାସ, ମନୋଜ ଦାସ, ରବୀନ୍ଦ୍ର ରାଉତ, ନାରାୟଣ ଦାସ, ପାପାଲି ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ପୁଣି ବିଜେଡିକୁ ଫେରିବେ କି ...

ସେଠାକୁ ଆସିଥିବା କହିଛନ୍ତି ତଥାଗତ । ୨୦୧୯ ନିର୍ବାଚନ ପରେ ବିଜେଡି ଉପରେ କିଛି ଏମିତି ବୟାନ ଦେଇଥିଲେ ତଥାଗତ ଯାହା ଦଳ ଓ ତାଙ୍କ ମଧରେ ଦୂରତାକୁ ଦର୍ଶାଇଥିଲା । ଏକ ଜାତୀୟ ଗଣମାଧମକୁ ସାକ୍ଷାତକାର ଦେଇ ତଥାଗତ ୨୦୨୪ରେ ଶାସନ ପରିବର୍ତନ ହେବ ବୋଲି କହିଥିଲେ । ଏପରିକି ଟିଭି କ୍ୟାମେରା ସାମ୍ନାରେ ଇଙ୍ଗିତ କରି ନିଜର ଆଭିମୁଖ୍ୟକୁ ଦର୍ଶାଇଥିଲେ । ତେବେ ସିଏ ରାଜନୀତି ଛାଡିଲେ ମଧ ରାଜନୀତି ତାଙ୍କୁ ଛାଡିପାରିବ ନାହିଁ ବୋଲି ମତ ରଖିଥିଲେ । ଆଉ ଏହାରି ଭିତରେ ଏବେ ପୁଣିଥରେ ବିଜେଡି ଶିବିରରେ ତାଙ୍କ ଉପସ୍ଥିତି ରାଜନୈତିକ ସମୀକ୍ଷକଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି ।

### ଓଡ଼ିଶାର ଶିଳ୍ପାୟନର ପ୍ରମୁଖ କେନ୍ଦ୍ର ...

ଏଠାରେ ଅନୁମତି ନେଇ ଗୁରୁତର କାର୍ଯ୍ୟକ ୍ଙ୍କୁ ଦେଖିବାକୁ ଗଲେ ଜନପ୍ରତିନିଧିଙ୍କୁ ତାଙ୍କ ଗଣତାନ୍ତ୍ରିକ ଅଧିକାରରୁ ବ ି ତ କରାଯାଉଛି । ଏହା ଓଡ଼ିଶାରେ କେବେ ହୋଇନଥିଲା । ଏଠି ମେରି ରାଜ ଶାସନ ଚାଲିଛି । ଏକଛତ୍ରବାଦ ଶାସନ ଚାଲିଛି । ଝାରସୁଗୁଡ଼ା ଉପନିର୍ବାଚନରେ ଆମ ଦଳ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସହ ଏଭଳି ବିଷୟ ସମେତ ଓଡ଼ିଶାର ଆକାଂକ୍ଷା ଏବଂ ଅପେକ୍ଷାକୁ ପ୍ରସଙ୍ଗ କରିବ । ଝାରସୁଗୁଡ଼ାର ଜନସାଧାରଣ ବିଜେପି ସାଙ୍ଗରେ ଅଛନ୍ତି ଓ ରହିବେ ବୋଲି ଶ୍ରୀ ପ୍ରଧାନ ଦୃଢୋକ୍ତି ପ୍ରକାଶ କହିଛନ୍ତି । ସେହିପରି ଝାରସୁଗୁଡାରେ ଆୟୋଜିତ ଦଳୀୟ ମିଶ୍ରଣ ପର୍ବରେ ଶ୍ରୀ ପ୍ରଧାନ ଶହୀଦ କରୁଣାକର ସିଂହ ନାୟକଙ୍କ ସୁଯୋଗ୍ୟ ଦାୟଦ ଅମରେନ୍ଦ୍ର ପ୍ରତାପ ସିଂହ, ପ୍ରକାଶ ଚନ୍ଦ୍ର ହୋତା, ଅଶ୍ୱିନୀ ପଟେଲ ଓ ସୁମନ୍ତ କୁମାର ପଟେଲଙ୍କୁ ଦଳରେ ସ୍ୱାଗତ କରିଥିଲେ । ଏ ଉପରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଝାରସୁଗୁଡ଼ା ହେଉଛି ସଂଗ୍ରାମୀ ମାଟି । ଶହୀଦ କରୁଣାକର ସିଂହଙ୍କ ମାଟି । ଆଜି ତାଙ୍କ ପରିବାରର ଦାୟଦ ଆମ ଦଳରେ ଯୋଗଦାନ ପ୍ରମାଣିତ କରୁଛି ଯେ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଲୋକମାନଙ୍କର ଆସ୍ଥା ଓ ସାମାଜିକ ନେତୃତ୍ୱର ବିଶ୍ୱାସ ବୃଦ୍ଧି ପାଉଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱକୁ ସ୍ୱୀକାର କରି ଦଳରେ ମିଶିଥିବାରୁ ଶ୍ରୀ ପ୍ରଧାନ ନବନିଯୁକ୍ତ କାର୍ଯ୍ୟକ ୍ଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ସହିଦ ଜବାନଙ୍କୁ ଶ୍ରଦ୍ଧାଞ୍ଜଳି ଓ କ୍ୟାଣ୍ଡେଲ ଶୋଭାଯାତ୍ରା



ଭଦ୍ରକ,୨୩।୪(ନି.ପ୍ର): ଜାମ୍ମୁ କାଶ୍ମିରର ପୁଞ୍ଚ ଠାରେ ଆତଙ୍କବାଦୀଙ୍କ ଗ୍ରେନେଡ ଆକ୍ରମଣରେ ସହିଦ ହୋଇଥିବା ଦେବାଶିଶ ବିଶ୍ୱାଳଙ୍କ ସମେତ ଅନ୍ୟ ୪ଜଣ ଜବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଭଦ୍ରକ ଗରଦପୁରସ୍ଥିତ ମା' ସୁବର୍ଣ୍ଣମୁଖୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ମନୋରଂଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ଡାକ୍ତର କିରଣ କୁମାର ଗୁଇଁ, ଗବେଷକ ଶିଶିର ମହାପାତ୍ର, ବ୍ୟଙ୍ଗ କବି ବିଜୟ ବହଳୀ, ବୁଢ଼ା ଗଣେଶ କମିଟିର ବିଦ୍ୟାଧର ସାହୁ, ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ସୁଧାଂଶୁ ଶେଖର ମହାନ୍ତି, କବି କୈଳାସ ଦାସ, ବାବୁଲା ଦାସ, ରାମ ପ୍ରସାଦ ମହାନ୍ତି, ଶିକ୍ଷାବିତ୍ ଅଶୋକ ସାହୁ, ଅମୂଲ୍ୟ ପାଢ଼ୀ, ରବି ନାରାୟଣ ଜେନା, ରାମଚନ୍ଦ୍ର କର, ହୃଶିକେଶ ମହାନ୍ତି, ସୁବାଷ ଦାସ, ମଧୁସୂଦନ ତ୍ରିପାଠୀ, ଘାଉଲା ଦାସ, ଅଭୟ ହୋତା, ଅଶୋକ ଦାସ, ତନ୍ମୟ ସାହୁ, ଶିକ୍ଷାବିତ୍ ଦିନବନ୍ଧୁ ସେଠୀ, ରଂଜନ କୁମାର ମହାନ୍ତି, ସଂଜୁ ହୋତା, ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ସହିଦ ବୀର ଜବାନଙ୍କ ଅମର ଆତ୍ମା ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେମାନଙ୍କ ବଳିଦାନ ବୃଥା ଯିବ ନାହିଁ ବୋଲି କହିଥିଲେ। ସଂଧ୍ୟା ସମୟରେ ଗରଦପୁର ସଙ୍ଗତ, ବାଙ୍କାବଜାର ଓ ପୁରୁଣାବଜାରବାସୀଙ୍କ ମିଳିତ ସହଯୋଗରେ ସହିଦ ଦେବାଶିଶ ବିଶ୍ୱାଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ବିଶାଳ ମହମବତୀ ଶୋଭାଯାତ୍ରା ଗରଦପୁରସ୍ଥିତ ହନୁମାନ ବନ୍ଦିର ଠାରୁ ଆରମ୍ଭ ହୋଇ ସଙ୍ଗତ, ବାଙ୍କାବଜାର, ପୁରୁଣାବଜାର ଓ ସଦାବ୍ରତ ମଠ ଅତିକ୍ରମ କରି ଗରଦପୁରସ୍ଥିତ ମା' ସୁବର୍ଣ୍ଣମୁଖୀ ମନ୍ଦିରଠାରେ ଶେଷ ହୋଇଥିଲା। ଏଥିରେ ଶତାଧିକ ସ୍ଥାନୀୟ ଯୁବକ ଯୋଗଦେଇ ଅମର ସହିଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଓଡ଼ିଶା ପ୍ରଦେଶ କିଶାନ କଂଗ୍ରେସର ଅକ୍ଷୟ ତୃତୀୟା ଦିବସ ପାଳିତ




ନୀଳଗିରି - ୨୩/୪(ନି.ପ୍ର) ନୀଳଗିରି ବ୍ଲକ ବରହମପୁର କାଦୁଆଣି ଛକ ଠାରେ ଓଡ଼ିଶା ପ୍ରଦେଶ କିଶାନ କଂଗ୍ରେସ ଦ୍ୱରା ରାଜ୍ୟସ୍ତରୀୟ ପବିତ୍ର ଅକ୍ଷୟ ତୃତୀୟା ଦିବସ ପାଳିତ ହୋଇଯାଇଛି । ପ୍ରଦେଶ କିଶାନ କଂଗ୍ରେସର ସାଧାରଣ ସଂପାଦକ ଯଶୋଦା ନନ୍ଦନ ସିଂହଙ୍କ ଆବାହକତ୍ୱରେ ଆୟୋଜିତ ଉତ୍ସବରେ ଅତିଥିମାନଙ୍କୁ ବରହମପୁର ବିନ୍ଧାଣୀ ଛକରୁ ଧୁମସା ମାଦଳ ବଜାଇ ଏକ ଶୋଭାଯାତ୍ରାରେ ମଂଚ ନିକଟକୁ ପାଛୋଟି ନିଆଯାଇଥିଲା । ମୁଖ୍ୟ ଅତିଥି ଭାବରେ ଓଡ଼ିଶା ପ୍ରଦେଶ କିଶାନ କଂଗ୍ରେସ ସଭାପତି ଅମୀୟ ପଟ୍ଟନାୟକ ମଂଚ ନିକଟସ୍ଥ କ୍ଷେତ୍ରରେ ଭୂମି ପୂଜନ ସହ ଅକ୍ଷି ମୁଠି ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧରେ ବାଲେଶ୍ୱର ଯୁବ କଂଗ୍ରେସ ସଭାପତି ରଂଜନ ଦାସ, ଜୟ ସାଧାରଣ ସଂପାଦକ ସୁଧାଂଶୁ ଜେନା, କିଶାନ କଂଗ୍ରେସ ସଂଯୋଜକ ଜୟନ୍ତ ମହାପାତ୍ର, ଜଳେଶ୍ୱର କିଷାନ କଂଗ୍ରେସର ସୁଦାମ ମହାପାତ୍ର, ଔପଦା କିଶାନ କଂଗ୍ରେସର ସଭାପତି ନୟନ କଲ୍ୟାଣ ଦାସ, ମହିଳା କଂଗ୍ରେସ ସଭାପତି ଯଶୋଦା ନାୟକ, ଶାନ୍ତି ସିଂ, ଦୈତାରୀ ମହାଳିକ, ଚୈତନ୍ୟ ନାୟକ, ଜୟନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଜୟ କିଷାନ କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବହୁ ଋଷୀ ଉପସ୍ଥିତ ଥିବାର ଦେଖାଯାଇଥିଲା । ରାମଚନ୍ଦ୍ର ବେହେରା, ଅନାଦି ରାଉତ, ସାରଥୀ ଦାସ, କୈଳାସ ପାତ୍ର, ସଦାଶିବ ରଥ, ଦୀପ୍ତିକାନ୍ତ ମହାପାତ୍ର ପ୍ରମୁଖଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଛି ।

## କୁପାରୀ ଅମ୍ବିକା ଆଶ୍ରମରେ ଅକ୍ଷୟ ତୃତୀୟା



ଖଇରା,୨୩/୪(ନିପ୍ର) : ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ସ୍ଥିତ ମା ଅମ୍ବିକା ଆଶ୍ରମରେ ପବିତ୍ର ଅକ୍ଷୟ ତୃତୀୟା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ପଣ୍ଡିତ ବିଷ୍ଣୁ ପ୍ରସାଦ ଶୁକ୍ଳ ଓ ପ୍ରମୋଦ କୁମାର ମିଶ୍ର ମାଙ୍କ ପୁଜାର୍ଚ୍ଚନା କରିଥିଲେ । ଏହି ଅବସରରେ ନାମ ଯଜ୍ଞର ଆୟୋଜନ କରାଯାଇଥିଲା । ଆଶ୍ରମ ସଞ୍ଚାଳକ ଶୁଭେନ୍ଦୁ ମୁନୀ ଉଦାସୀନ ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଓଡିଶାର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ତ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଭଗବାନ ସାହୁ, ରତ୍ନାକର ସେଣ୍ଠ, ସନ୍ତୋଷ କୁମାର ଜେନା, ସୁରେନ୍ଦ୍ର ଜେନା, ବଳରାମ ରାଉତ, ରବିନ୍ଦ୍ର ରାଉତ, ଟୁନା ବିଶ୍ୱାଳ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

## ଅମଳା ସଙ୍ଘର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଦାବୀପତ୍ର ପ୍ରଦାନ




ବାରିପଦା,୨୨/୪(ନିପ୍ର) : ମୟୂରଭଂଜ ଜିଲ୍ଲା ସ୍ତରୀୟ ମିଳିତ ଅମଳା ମଂଚ ପକ୍ଷରୁ ୬ ଦଫା ଦାବି ପୂରଣ ପାଇଁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ୬ଦଫା ଦାବି ସମ୍ବଳିତ ଏକ ଦାବୀପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇ ଥିବାର ଜଣାଯାଇଛି। ଦାବୀ ଗୁଡିକ ମଧରେ ମୁଖ୍ୟତଃ ଗ୍ରେଡପେ ବାବଦକୁ ୪୨୦୦ ଟଙ୍କା ପ୍ରଦାନ ସମେତ ଅନ୍ୟ ସମସ୍ତରୀୟ କର୍ମଚାରୀଙ୍କୁ ମିଳୁଥିବା ଆର୍ଥିକ ସହାୟତା ଓ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି କରାଯାଇଛି। ଏପ୍ରିଲ ୩୦ ତାରିଖ ସୁଦ୍ଧା ନ୍ୟାର୍ଯ୍ୟ ଦାବି ପୂରଣ ଦିଗରେ ସରକାର ପଦକ୍ଷେପ ନନେଲେ ସଙ୍ଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ମିଳିତ ଅମଳା ସଙ୍ଘର ଜିଲ୍ଲା ଆବାହକ ଅସିତ କୁମାର ମହାକୁଡ଼, ଉପଦେଷ୍ଟା କପିଳାସ ବେହେରା, ଗଣମାଧ୍ୟମ ସଂଯୋଜକ ଶାନ୍ତନୁ କୁମାର କର ପ୍ରମୁଖ କହିଛନ୍ତି. ସଙ୍ଘର ସମସ୍ତ ପଦାଧିକାରୀ ଓ ସଭ୍ୟ ସଭ୍ୟା ଆଜିର କାର୍ଯ୍ୟକ୍ରମରେ ଯୋଗଦେଇ ବାରିପଦା ଶହିଦ ସ୍ମୃତି ଭବନ ସମ୍ମୁଖରୁ ଏକ ଶୋଭାଯାତ୍ରାରେ ଆସି ଜିଲ୍ଲା ପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସଙ୍ଘର ଏକ ପ୍ରତନିଧି ଦଳ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

## ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ ଆନୁକୂଲ୍ୟରେ ବିଶାଳ ରକ୍ତଦାନ ଶିବିର : ୧୧୫ ୟୁନିଟ ରକ୍ତ ସଂଗ୍ରହ



ନୀଳଗିରି ,୨୩/୪(ନିପ୍ର) : ନୀଳଗିରି ମେଡିକାଲରେ ଦିନକୁ ଦିନ ରକ୍ତର ଅଭାବ ହେଉଥିବା ତଥା ଥାଲାସେମିଆ, ରକ୍ତହୀନତା ପାଇଁ ରକ୍ତର ଘୋର ସଂକଟ ଦେଖାଦେଇଥିବା ବେଳେ ନୀଳଗିରିର ଅଗ୍ରଣୀ ବେସରକାରୀ ଅନୁଷ୍ଠାନ ତଥା ନବଗଠିତ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ ଏ ଦିଗରେ ଏକ ସକାରତ୍ମକ ମନୋଭାବ ନେଇ ରବିବାର ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ କରିଥିଲା । ଏହି ଶିବିରକୁ ନୀଳଗିରି ଆଇ.ଆଇ.ସି. ଗୋପାଳ ଚନ୍ଦ୍ର କର୍ଣ୍ଣ ଫିତାକାଟି ଶୁଭ ଉଦ୍‌ଘାଟନ କରିଥିଲେ । ସକାଳ ୮ଘ. ଅନୁଷ୍ଠିତ ଶିବିରକୁ ବହୁ ସଂଖ୍ୟକ ରକ୍ତଦାତା ରକ୍ତଦାନ କରିବାକୁ ସ୍ୱଇଚ୍ଛାରେ ଶିବିରରେ ଉପସ୍ଥିତ ରହିଥିଲେ । ମୋଟ ୧୧୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ଏହି ଯୁବ ମହୋତ୍ସବ କମିଟିର ଉଦ୍ୟକ୍ତା ସବ୍ୟସାଚୀ ମହାପାତ୍ର, ଶରତ ଦାସ, ବିଜୟ କୁମାର ଲେଙ୍କା, ଉଦୟଜ୍ୟୋତି ମହାନ୍ତି, ବିଦ୍ୟାଧର ଖଟୁଆ, ଦୀପକ ରଂଜନ ଦାସ, ନିଗମ ମହାପାତ୍ର, ତାପସ ମହାନ୍ତି, ରାମଚନ୍ଦ୍ର ଦାସ, ସଂଜୟ ନାୟକ, ଜଗନ୍ନାଥ ପାତ୍ର, ପ୍ରତାପ ସେଠୀ, ଡମ୍ବରୁଧର ବେହେରା, ବିବେକ ପ୍ରଧାନ, ଭାସ୍କର ବିଶ୍ୱାଳ ଏବଂ ଅନ୍ୟ ବହୁସଂଖ୍ୟକ ସଭ୍ୟଙ୍କର ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଏଭଳି ଏକ ବିରାଟ ଶିବିରକୁ ସଫଳ କରାଯାଇଛି । ଆଗାମୀ ଦିନରେ ଏହି ଯୁବ ମହୋତ୍ସବ କମିଟି ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟକ୍ରମ ସହ ଲୁକାୟିତ ଯୁବ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବାର ପ୍ରୟାସ ଜାରି ରଖିବ ବୋଲି ମହୋତ୍ସବ କମିଟି ପକ୍ଷରୁ ସୂଚନା ମିଳିଛି । ଏହି ରକ୍ତଦାନ ଶିବିର ସହିତ ମହାବିଦ୍ୟାଳୟ ବକ୍ତୃତା ଓ କୁଇଜ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ରକ୍ତଦାନ ଶିବିରକୁ ଡାକ୍ତର ତ୍ରିନାଥ ପାଲଙ୍କ ନେତୃତ୍ୱରେ ଟେକ୍‌ନିସିଆନ ସରୋଜ ପସା, ସଂଗ୍ରାମ ଜ୍ୟୋତି ମହାପାତ୍ର, ଗତିକୃଷ୍ଣ ମହାନ୍ତି, ରାଜେଶ ଦାସଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ରକ୍ତ ସଂଗ୍ରହ କରାଯାଇ ନୀଳଗିରି ରକ୍ତଭଣ୍ଡାରକୁ ପ୍ରଦାନ କରାଯାଇଛି ।

## ଆଧୁନିକ ଓଡ଼ିଆ କାବ୍ୟଧାରାର ଉଦୟରବି କବିସୂର୍ଯ୍ୟ ବଳଦେବ ରଥ : କବି କୃଷ୍ଣଚନ୍ଦ୍ର ତ୍ରିପାଠୀ

ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ କବିସୂର୍ଯ୍ୟ ବଳଦେବ ରଥଙ୍କ ୧୭୮ତମ ଶ୍ରାଦ୍ଧବାର୍ଷିକୀ ପାଳିତ



ବ୍ରହ୍ମପୁର,୨୩/୪(ନିପ୍ର) : କବିସୂର୍ଯ୍ୟ ବଳଦେବ ରଥ ଆଧୁନିକ ଓଡ଼ିଆ କାବ୍ୟଧାରାର ଉଦୟ ରବି ବୋଲି ବର୍ଷୀୟାନ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ମତ ପ୍ରକାଶ କରିଛନ୍ତି। ରବିବାର ପବିତ୍ର ଅକ୍ଷୟ ତୃତୀୟା ଅପରାହ୍ନରେ ସ୍ଥାନୀୟ ନବୀନ ଭବନ ପରିସରରେ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ବରିଷ୍ଠ ସାମ୍ବାଦିକ ତଥା ପ୍ରତିଷ୍ଠାନର ସଭାପତି ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିସୂର୍ଯ୍ୟ ବଳଦେବ ରଥଙ୍କ ୧୭୮ତମ ଶ୍ରାଦ୍ଧ ବାର୍ଷିକୀ ସଭାରେ କବି ଶ୍ରୀ ତ୍ରିପାଠୀ ମୁଖ୍ୟବକ୍ତା ରୂପେ ଯୋଗଦେଇ ଉପରୋକ୍ତ ମତ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ଼. ଲକ୍ଷ୍ମୀ ନାରାୟଣ ପଣ୍ଡା ଯୋଗଦେଇ କବିସୂର୍ଯ୍ୟଙ୍କ କାବ୍ୟ ଓଡ଼ିଆ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗବେଷକ ଡ଼. ଅନନ୍ତରାମ କର କୌଣ୍ଡିନ୍ୟ, ଲେଖକ ବଂଶୀଧର ସେଠୀ, ଡ଼. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ), ହୃଷୀକେଶ ଦାଶ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ମଞ୍ଜୁ ରଥ, କବି ପ୍ରମୋଦ କୁମାର ପଣ୍ଡା, ବିଘ୍ନେଶ୍ୱର ସାହୁ, ମିହିର କୁମାର ରଥ ଶର୍ମା, ବିଜୟ କୁମାର ପାଢ଼ୀ, ରାଜେନ୍ଦ୍ର ପଣ୍ଡା, ଶିକ୍ଷକନେତା କାମରାଜୁ ମହାରଣା, ସ୍ତମ୍ଭକାର ପଙ୍କଜ କୁମାର ପାଣିଗ୍ରାହୀ, ସମାଜସେବୀ ରାମକୃଷ୍ଣ ପାତ୍ର, ଲେଖିକା ବନ୍ଦନା ମହାପାତ୍ର, ସୁନୀଲ କୁମାର ପ୍ରଧାନ, ସବିତା ସାହୁକାର, ଅରୁଣ ମୋହନ ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରତିଷ୍ଠାନର ସମ୍ପାଦକ ସୁଶାନ୍ତ କର ସ୍ୱାଗତ ଭାଷଣ ଦେଇଥିବା ବେଳେ ବି. ସତ୍ୟମ ଆଚାରୀ କବିସୂର୍ଯ୍ୟ ରଚିତ ସଂଗୀତ ଗାନ କରିଥିଲେ। ଶେଷରେ ରଂଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଇଂ. ମାନସ ରଂଜନ ତ୍ରିପାଠୀ, ପବିତ୍ର କୁମାର ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ।

# ମେ ଆଇ ହେଲ୍ପ ୟୁ ସଂଗଠନର ୩ୟ ବାର୍ଷିକ ଉତ୍ସବ

ଜଳେଶ୍ୱର,୨୩/୪(ନି.ପ୍ର) : ଓଡିଶାର ୪ଟି ଜିଲାରେ ସେବା, ସହାୟତା ଓ ସ୍ୱଚ୍ଛତା ଆଣିବାରେ କାର୍ଯ୍ୟ କରି ଆସୁଥିବା ମେ ଆଇ ହେଲ୍ପ ୟୁ ମୋ ପରିବାର ପକ୍ଷରୁ ଆଜି ଜଳେଶ୍ୱର ଇନ୍ ପରିସରରେ ୩ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ସଂଗଠନର ସଭାପତି ଜଗନ୍ନାଥ ପରିଡା ସଭାପତିତ୍ୱ କରି ଗରିବଙ୍କୁ ଆର୍ଥିକ ସହାୟତା, ଅନାହାରଙ୍କୁ ବଳକା ଖାଦ୍ୟ ପ୍ରଦାନ, ଅନାଥଙ୍କ ଶବ ସତ୍କାର, ଅକ୍ଷମଙ୍କୁ ଲୁଗା, କମ୍ବଳ ବଣ୍ଟନ, ଗରିବ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ବଣ୍ଟନ ଓ ମେଧାଛାତ୍ରଛାତ୍ରୀ ପାଠ ପଢାଇବା ଭଳି ସାମାଜିକ କାର୍ଯ୍ୟ ସଂଗଠନ ପକ୍ଷରୁ କରାଯାଉଥିବା ସଂପର୍କରେ ସୂଚନା ଦେଇଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭାପତି କିଶୋର ହତା ଯୋଗ ଦେଇ ବାଲେଶ୍ୱର, କେଉଁଝର, ସୁନ୍ଦରଗଡ ଓ ମୟୂରଭଂଜ ଜିଲାରେ ଏହି ସଂଗଠନ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସଂର୍ପକରେ ସୂଚନା ଦେଇଥିଲେ । ଉପଦେଷ୍ଟା ଅମୀୟ ରଂଜନ କୁମାର ମହାନ୍ତି ଯୋଗ ଦେଇ ଉତ୍ସର୍ଗୀକୃତ ସେବା ଓ ସହାୟତା ସମାଜର ପରିବର୍ତ୍ତନ କରିଥାଏ ବୋଲି କହିଥିଲେ । ଅବସରପ୍ରାପ୍ତ ଅଧ୍ୟକ୍ଷ ଜିତାରାମ ଦେ ଯୋଗ ଦେଇ କାୟୋ ମନବାକ୍ୟରେ କାର୍ଯ୍ୟକଲେ ଅସାଧ୍ୟ ସାଧନ ହୋଇଥାଏ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୬୦ ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ମୁଖ୍ୟ ସଂଜୟ ଘଟକ ଯୋଗଦେଇ ସଂଗଠନ ପକ୍ଷରୁ ଉର୍ତ୍ସଗୀକୃତ ଜଳଛତ୍ରକୁ ଉଦ୍‌ଘାଟନ କରି ସଂଗଠନର ଉତ୍ତରୋତ୍ତର କାମନା କରିଥିଲେ । ଜଳେଶ୍ୱର ସଂଗଠନର ମୁଖ୍ୟ ନରହରି ବେହେରା, ରାଉରକେଲାର ମୁଖ୍ୟ ଧର୍ମେନ୍ଦ୍ର ସାହୁ, ବାଲିଆପାଳ ମୁଖ୍ୟ ରାଜକିଶୋର ପରିଡା, ଭୋଗରାଇ ମୁଖ୍ୟ ଅଂଶୁମାନ ରାଉତ, ସମାଜସେବୀ ରାଜୀବ ପାତ୍ର, ଚନ୍ଦନ ପ୍ରଧାନ, ସୁମିତ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ଶିବଶଂକର ଗିରି ସଂଚାଳନ କରିଥିଲେ । ସ୍ଥାନୀୟ କାନ୍ୟାଶ୍ରମ, ଅର୍ଣ୍ଣବ ଚେରିଟେବୁଲ, ଜଳେଶ୍ୱର ଯୁବମଂଚ, ମା ମଂଗଳା ସଂଗଠନ, ରୂପସାର ଗୁରୁକୂଳ ଆଶ୍ରମ, ଗୋପବଂଧୁ ଦୁଃଖସୁଖର ସାଥି, ମାନସ ସେବା, ଇଶ୍ୱର, ଆର୍ଯ୍ୟ ସେବା ସଂଘ, ସେବା ଫାଉଣ୍ଡେସନ, ସାମ୍ବାଦିକ ଓ ସ୍ୱେଚ୍ଛାସେବୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଗରିବ ମାନଙ୍କୁ ବିଭିନ୍ନ ସହାୟତା କରାଯାଇଥିଲା ।

# ରଙ୍ଗରାଗ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ ଏପ୍ରିଲ ୩୦ରେ

## ସମ୍ବର୍ଦ୍ଧିତ ହେବେ ରାଧାବିନୋଦ, ସୁରେନ୍ଦ୍ର, ଗଙ୍ଗାଧର, ଲକ୍ଷ୍ମୀକାନ୍ତ, ଅରୁଣ, ଇପ୍ସିତା, ପୀତାମ୍ବର, ମିତା, ଶିବପ୍ରସାଦ, ଅନ୍ତର୍ଯ୍ୟାମୀ ଓ କ୍ଷୀରୋଦ

ବାସୁଦେବପୁର,୨୩/ ୪ : (ନି.ପ୍ର) ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ର ୧୨ ତମ ବାର୍ଷିକ ଉତ୍ସବ, ସମ୍ବର୍ଦ୍ଧନା ସଭା, ଆଲୋଚନା ଚକ୍ର, କବିତା ପାଠ ଉତ୍ସବ ଆସନ୍ତା ଏପ୍ରିଲ ୩୦ ତାରିଖ, ରବିବାର ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ଜାତୀୟ କବି ବାଞ୍ଛାନିଧି ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହେବ । ଏହି ଉତ୍ସବ ର ପ୍ରଥମ ଅଧିବେଶନ ରେ ସଭାପତିତ୍ୱ କରିବେ ଭଦ୍ରକ ତ୍ୟାଗଭୂମି ର ସଭାପତି ଅଜୟ ନାୟକ । ବାସୁଦେବପୁର ର ମାନ୍ୟବର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟ ଅତିଥି ଓ ଗାଳ୍ପିକ ଡ଼କ୍ଟର ରାଧା ବିନୋଦ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେବେ । ସମ୍ମାନିତ ଅତିଥି ଭାବେ ଯୋଗଦାନ କରିବେ ଗାଳ୍ପିକା ଝରଣା ପଟ୍ଟନାୟକ, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡା, କବି ପ୍ରଶାନ୍ତ ଦାସ, ଚନ୍ଦ୍ରଭାଗାର ସମ୍ପାଦକ କବି ଶ୍ରୀଦେବ ଓ ଶିକ୍ଷାବିତ ଦୁଃଶାସନ ରାଉତ । ଏହି ରଙ୍ଗରାଗ ସାହିତ୍ୟ ଉତ୍ସବରେ ସମ୍ବର୍ଦ୍ଧିତ ହେବେ ବିଶିଷ୍ଟ ଗାଳ୍ପିକ ଡ଼କ୍ଟର ରାଧାବିନୋଦ ନାୟକ, କବି ସୁରେନ୍ଦ୍ର ପାଣିଗ୍ରାହୀ, ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ, ଫକୀରମୋହନ ସାହିତ୍ୟ ପରିଷଦ ର ସଭାପତି ଡ଼କ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ, କବି ଇଂ ଅରୁଣ ସାହୁ, କବି ଇପ୍ସିତା ଷଡ଼ଙ୍ଗୀ, ଶିଶୁ ସାହିତ୍ୟିକ ପିତାମ୍ବର ଦାସ, କବି ମିତା ପଟ୍ଟନାୟକ, କବି ଶିବ ପ୍ରସାଦ ଦାଶ, ଐତିହାସିକ ଅନ୍ତର୍ଯ୍ୟାମୀ ମହାରଣା ଓ ଗାଳ୍ପିକ କ୍ଷୀରୋଦ ବିହାରୀ ବିଶ୍ୱାଳ । ଦ୍ୱିତୀୟ ଅଧିବେଶନ ରେ କବିତା ପାଠ ଉତ୍ସବ ରେ ସଭାପତିତ୍ୱ କରିବେ କବି ଓ ଅନୁବାଦକ ଅଭିମନ୍ୟୁ ବେହେରା । ସମ୍ମାନିତ ଅତିଥି ଭାବେ ଯୋଗଦାନ କରିବେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସମ୍ପାଦିକା ସୈରିନ୍ଧ୍ରୀ ସାହୁ, ପରାଗର ସମ୍ପାଦକ କବି ବନମାଳୀ ସେନାପତି, ଅଧ୍ୟାପକ ଡ଼କ୍ଟର ବିଶ୍ୱ ରଞ୍ଜନ ଦାସ, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ଭରତ ଚନ୍ଦ୍ର ଦାଶ । କବିତା ସଂଯୋଜନା କରିବେ କବି ଡ଼କ୍ଟର ମମତା ସାହୁ ଓ କବି ମାନସ ପାଢ଼ୀ । ଏହି ରାଜ୍ୟସ୍ତରୀୟ ସାହିତ୍ୟ ଉତ୍ସବରେ ଶହୀଦ ଓ ସ୍ୱାଧୀନତା ସଂଗ୍ରାମର ପବିତ୍ର ମାଟିରେ ବହୁ ସଂଖ୍ୟାରେ ସମସ୍ତଙ୍କୁ ଯୋଗ ଦେବା ପାଇଁ ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି ବିନମ୍ର ଅନୁରୋଧ ଜଣାଇଛନ୍ତି ।

# ସଂସ୍କୃତି ସମ୍ପନ୍ନ ଗ୍ରାମ 'ଢ଼ିହିରାକୁଳ'ରେ ଅକ୍ଷୟ ତୃତୀୟା

ଉଦଳା, ୨୩/୦୪ (ନି.ପ୍ର): ଏକ ସଂସ୍କୃତି ସମ୍ପନ୍ନ ଗ୍ରାମ ଭାବରେ ସମଗ୍ର ରାଜ୍ୟରେ ନିଜର ପରିଚୟ ସୃଷ୍ଟି କରିପାରିଥିବା 'ଢ଼ିହିରାକୁଳ'ରେ ଆଜି ଏପ୍ରିଲ ୨୩ ତାରିଖ ରବିବାର ଦିନ ପବିତ୍ର ଅକ୍ଷୟ ତୃତୀୟା ଆନନ୍ଦ ଉଲ୍ଲାସ ମଧରେ ପାଳିତ ହୋଇ ଯାଇଛି । ଏହି ଅବସରରେ କୋଟି ବ୍ରହ୍ମାଣ୍ଡର ଈଶ୍ୱର, ବିଶ୍ୱ ନିୟନ୍ତା ଜଗତକର୍ତା ଦାରୁ ବ୍ରହ୍ମରୂପୀ ଚତୁର୍ଦ୍ଧା ମୂର୍ତିଙ୍କ ଭକ୍ତ ଓ ଭଗବାନଙ୍କର ମିଳନର ଯାତ୍ରା ମହାପ୍ରଭୁଙ୍କର ଘୋଷ ଯାତ୍ରା ନିମନ୍ତେ ରଥ ନିର୍ମାଣ ପାଇଁ ପୂଜା ବିଧି ସମ୍ପନ୍ନ ହୋଇଛି । ସେହି କ୍ରମରେ ଆଜି ପ୍ରତ୍ୟୁଷରୁ ମହାପ୍ରଭୁଙ୍କ ଦ୍ୱାରା ଫିଟା ନୀତି ସମ୍ପନ୍ନ ସହିତ ମଙ୍ଗଳ ଆଳତି, ସକାଳ ଧୂପ ଓ ମହାପ୍ରଭୁଙ୍କ ପ୍ରାତଃ



ପୂଜା ସମାପନ ପରେ ରଥ ପସ୍ତୁତି ପାଇଁ ମହାରଣା ଶ୍ରୀ ପୁରୁଷୋତମ ପଲେଇ ମହାପ୍ରଭୁଙ୍କର ଦର୍ଶନ କରି ଆଜ୍ଞା ମାଳ ନେଇ ହରେକୃଷ୍ଣ ମହାମନ୍ତ୍ରର ତାଳେ ତାଳେ ରଥ ଖଳାକୁ ଶୁଭାଗମନ କରିଥିଲେ । କଳସ ସ୍ଥାପନ ପୂର୍ବକ ବରାଣ୍ୟ ପୂଜକ ଭାସ୍କର ମହାପାତ୍ର ବେଦମନ୍ତ୍ର ଉଚ୍ଚାରଣ କରି ପୂଜା ପାଠ କରିଥିଲେ । ଶତାଧିକ ଗ୍ରାମବାସୀଙ୍କ ଉପସ୍ଥିତିରେ ଆଜିର କାର୍ଯ୍ୟକ୍ରମ ସମାପନ ହୋଇଥିବା ବେଳେ ସୋମନାଥ ପୃଷ୍ଟି, ସନ୍ତୋଷ ବେହେରା, ଭଗବାନ ସାହୁ, କୌଳାଶ ଚନ୍ଦ୍ର ହାତୀ, ମହେଶ୍ୱର ହାତୀ, ଲୋକନାଥ ପୃଷ୍ଟି, ଆଦିକନ୍ଦ ହାତୀ, ସମ୍ଭୁନାଥ ପୃଷ୍ଟି, ଶାନ୍ତିଲତା ହାତୀ, ଦୌପଦୀ ସାହୁ ପ୍ରମୁଖ ସହଯୋଗ କରିଥିଲେ । ସନ୍ଧ୍ୟାରେ ଆଜିର ଦିବସର ମହାତ୍ମ୍ୟ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଗ୍ରାମବାସୀ ମାନେ ଅଂଶ ଗ୍ରହଣ କରି- ଆଜିର ଦିନରେ ଗଙ୍ଗାମାତାଙ୍କର ଧରାବତରଣ ହୋଇଥିଲା । ମହର୍ଷି ପର୍ଶୁରାମ ଆଜିର ଦିନରେ ଜନ୍ମ ଗ୍ରହଣ କରିଥିଲେ । ମା' ଅନ୍ନପୂର୍ଣ୍ଣା ଆଜିର ଦିନରେ ପ୍ରକଟ ହୋଇଥିଲେ । କୁରୁସଭା ସ୍ଥଳରେ ଦ୍ରୌପଦୀଙ୍କୁ କୋଟି ବସ୍ତ୍ର ପ୍ରଦାନ କରି ଶ୍ରୀକୃଷ୍ଣ ଲଜ୍ଜା ନିବାରଣ କରିଥିଲେ । ଆଜିର ଦିନରେ ମହାଭାରତ ଯୁଦ୍ଧର ପରିସମାପ୍ତି ଘଟିଥିଲା ବୋଲି ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ । ଆଲୋଚନା ଚକ୍ରଟି ବେଶ ହୃଦୟ ସ୍ପର୍ଶୀ ହୋଇଥିଲା ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳିଥିଲା ।

## ହାଇୱା ଧକ୍କାରେ ଯୁବତୀ ଗୁରୁତର; ଘଟଣାସ୍ଥଳରେ ରାସ୍ତାରୋକ

ନୀଳଗିରି,୨୩/୪(ନିପ୍ର) : ହାଇୱା ଧକ୍କାରେ ଜନୈକ ଯୁବତୀ ଗୁରୁତର ହେବ ସହ ଦୁର୍ଘଟଣାକୁ କେନ୍ଦ୍ର କରି ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିବା ସହ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଥାନା ଅଧୀନସ୍ଥ ବାରାହାକୋଇଲି ଛକ ଠାରେ ନୀଳଗିରିରୁ ଯାଉଥିବା ଏକ ହାଇୱା ଟ୍ରକ ଖୁଲିଆ ଗ୍ରାମର ମମତା ସିଂ (୨୨) ଏକ ସାଇକେଲରେ ବାରାହାକୋଇଲି ଛକକୁ ଆସୁଥିବା ବେଳେ ହାଇୱା ଗାଡ଼ିଟି ତାକୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ଯୁବତୀକୁ କଟକ ସ୍ଥାନାନ୍ତରିତ ହୋଇଥିବା ବେଳେ ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଖବର ପାଇ ନୀଳଗିରି ଥାନା ଆଇ.ଆଇ.ସି. ଗୋପାଳ ଚନ୍ଦ୍ର କର୍ଣ୍ଣ, ଈଶ୍ୱରପୁର ଫାଣ୍ଡି ଅଧିକାରୀ ଖଗେନ ମହାଳିକ ସଦଳବଳେ ଘଟଣାସ୍ଥଳରେ ପହଂଚି ହାଇୱା ନଂ. ଓଆର୦୪ଟି ୨୦୭୯ କୁ ଜବତ କରି ଥାନାକୁ ଆଣିଥିବା ବେଳେ ରାସ୍ତା ଅବରୋଧକାରୀଙ୍କ ସହ ଆଲୋଚନା ପରେ ରାସ୍ତାରୋକ ହଟିଥିଲା । ଯୁବତୀ ଜଣକ ଗୁରୁତର ଥିବା ଜଣାପଡ଼ିଛି ।

# ବ୍ଲକସ୍ତରୀୟ କୃଷକ ଓ ଅକ୍ଷୟ ତୃତୀୟା ଦିବସ ମହାସମାରୋହରେ ପାଳିତ



ନୀଳଗିରି,୨୩/୪(ନିପ୍ର) : ନୀଳଗିରି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ବ୍ଲକର ଆରବନ୍ଧ ପଂଚାୟତ ଭଣ୍ଡଗାଁ ମହାବଳିଆ ଖେଳ ପଡ଼ିଆରେ ବ୍ଲକସ୍ତରୀୟ କୃଷକ ଓ ଅକ୍ଷୟ ତୃତୀୟା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ପବିତ୍ର ଅକ୍ଷୟତୃତୀୟା ଦିବସ ଅବସରରେ ନୀଳଗିରି କୃଷି ବିଭାଗ ଆନୁକୂଲ୍ୟରେ ପାଳିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗ ଦେଇ ଅକ୍ଷି ମୁଠୀ ବାହି ଶୁଭାରମ୍ଭ କରିଥିବା ବେଳେ ଆରବନ୍ଧ ସରପଂଚ ତଥା ଚାଷୀ କୁଳମଣୀ ନାୟକ, ଚାଷୀ ପୁଅର ଆଦ୍ୟ ପର୍ବ ଅକ୍ଷୟତୃତୀୟା ଅବସରରେ ନିକଟବର୍ତୀ ଜମିରେ ଭୂମିପୂଜନ ପୂର୍ବକ ମା' ଲକ୍ଷ୍ମୀଙ୍କୁ ଆରାଧନା କରି ବିହନ ବୁଣିବା ସହିତ ଜମିରେ ବଳଦ ଯୋଖି ହଳ କରିଥିଲେ। ପରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ଅବସରରେ ଜିଲ୍ଲା କୃଷି ଅଧିକାରୀ ବଳରାମ ସୁବୁଦ୍ଧି, ମଣ୍ଡଳ କୃଷି ଅଧିକାରିଣୀ ମିତାଲି ନାଏକ, ମଣ୍ଡଳ ସହକାରୀ କୃଷି ଅଧିକାରିଣୀ ନୀଳିମା ପ୍ରିୟଦର୍ଶନୀ ମହାପାତ୍ର,ନୀଳଗିରି ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ଇପସିତା ପାଣିଗ୍ରାହି ବି.ଟି.ଏମ. ଉମେଶ ଚନ୍ଦ୍ର ସେଠୀଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ବ୍ଲକ କୃଷକ କମିଟିର ଚେୟାରମେନ୍ ଗଙ୍ଗାଧର ମିଶ୍ର ସଭାପତିତ୍ୱ କରିଥିଲେ । ଏହି ଅବସରରେ ଋଷୀ ଦୁଃଖିଆ ମୁର୍ମୁ, ତାରିଣୀକାନ୍ତ ବିଶ୍ୱାଳ, ପରମାନନ୍ଦ ମଲ୍ଲିକ, ଦେବାଶିଷ ମହାପାତ୍ର, ଜୀବନ ନାୟକ, ବାଇୟା ଦଳେଇ, ଉଦ୍ୟାନ ଋଷୀ କୃଷ୍ଣମଣି ସାହୁ, ରୋହିତ ପ୍ରଧାନ, ପ୍ରମୋଦ ପ୍ରଧାନ, ଦୁଃଖିଶ୍ୟାମ ମାରାଣ୍ଡି ପ୍ରମୁଖଙ୍କୁ କୃଷି ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ବିଧାୟକ ପ୍ରତିନିଧି ଉପେନ୍ଦ୍ର ଦାସ, ସାଂସଦ ପ୍ରତିନିଧି କରୁଣାକର ପଣ୍ଡା, ଆରବନ୍ଧ ସମିତିସଭ୍ୟା ବିନତୀ ମଢ଼େଇ, ପିଠାହତା ସମିତି ସଭ୍ୟ ପ୍ରଭାକର ବୁଗୁଡ଼ାଇ, ଧରମପୁର ସମିତିସଭ୍ୟ ଦୀପକ ସିଂ, ଜଡ଼ିଦା ସମିତି ସଭ୍ୟ ଭରତ କବାଟ, ମାଟିଆଳି ସମିତିସଭ୍ୟ ଶଶୀଧର ମହାପାତ୍ର, ରାମଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଋଷୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଦଲାଲଙ୍କ କବଳରେ ବସ୍ତା ଡାକ୍ତରଖାନା: ବାହାରୁ ଔଷଧ କ୍ରୟ ଅନାବଶ୍ୟକ ପରୀକ୍ଷା ଆଳରେ ରୋଗୀଙ୍କୁ ଶୋଷଣ

ବସ୍ତା,୨୩।୪(ନିପ୍ର):ବାଲେଶ୍ୱର ଜିଲ୍ଲା ବସ୍ତା ଡାକ୍ତରଖାନାରେ ରୋଗୀଙ୍କୁ ଶୋଷଣ ଅଭିଯୋଗ ଚରମ ସୀମାରେ ପହଂଚିଛି। ଚିକିତ୍ସା ସମୟରେ ଡାକ୍ତରଖାନା ସମସ୍ତ ଔଷଧ ଏବଂ ସୁବିଧା ଯୋଗାଇଦେବା ପାଇଁ ସରକାରୀ ନିୟମ ଥିବା ବେଳେ ଜନୈକ ଡ଼ାକ୍ତର ସରକାରୀ ଔଷଧ ନଦେଇ ବାହାରୁ ଔଷଧ ଲେଖିଥିବା ଅଭିଯୋଗ ଆଣିଛନ୍ତି ରୋଗୀଙ୍କ ସମ୍ପର୍କୀୟ । ସୂଚନାରୁ ପ୍ରକାଶଯେ ବାଲିଆପାଳ ବ୍ଲକ ବିରିପାଲିଆ ଗ୍ରାମର ଲକ୍ଷ୍ମୀକାନ୍ତ ସାହୁ ନାମକ ଜଣେ ବ୍ୟକ୍ତି ତାଙ୍କ ପୁତ୍ର ବଧୁର ଗର୍ଭ ଯନ୍ତ୍ରଣା ହେବାରୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ । ଡାକ୍ତରଜଣକ ପ୍ରସୁତୀକୁ ଡାକ୍ତରଖାନା ଔଷଧ ଦେବା ବଦଳରେ ବାହାରୁ ଔଷଧ ଲେଖିଥିଲେ । ଏମିତିକି ପ୍ରସବ କରାଇବା ପାଇଁ ୩ ହଜାର ଟଙ୍କା ଦାବି କରିଥିଲେ ।ନଦେଲେ ଏଠାରେ ପ୍ରସବ ନକରାଇ ବାଲେଶ୍ୱର ସ୍ଥାନାନ୍ତର କରିବାର ଧମକ ଦେଇଥିଲେ ।ଫଳରେ ରୋଗୀଙ୍କ ସମ୍ପର୍କୀୟ ବହୁ କାକୁତି ମିନତି ହୋଇ ୨ ହଜାର ଟଙ୍କା ଦେବାରୁ ଡାକ୍ତର ପ୍ରସବ କରାଇଥିଲେ ।ଡିସଚାର୍ଜ ସମୟରେ ସରକାରୀ ଔଷଧ ନଥିବା କହି ବାହାରୁ ନେବା ପାଇଁ ପ୍ରେସକ୍ରିପସନ କରିଥିଲେ । ଯାହାର ମୂଲ୍ୟ ୫ ହଜାର ଟଙ୍କା ହେବ ବୋଲି ସମ୍ପର୍କୀୟ ମାନେ କହିଛନ୍ତି ।ତେବେ ସରକାର ଡାକ୍ତରଖାନାରେ ମାଗଣା ଚିକିତ୍ସା କରାଇବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଏଠାରେ କିନ୍ତୁ ସାମାନ୍ୟ ପ୍ରସବ ପାଇଁ ୧୦ ରୁ ୧୨ ହଜାର ଟଙ୍କା ଖର୍ଚ୍ଚ ହେଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ପ୍ରସୁତୀର ଶଶୁର ଲକ୍ଷ୍ମୀକାନ୍ତ ସାହୁ ଓ ପ୍ରସୂତିର ବାପା ମହେଶ୍ୱର ସାହୁ ଏହି ଅଭିଯୋଗ ଆଣିଥିବା ବେଳେ ଏଥିନେଇ ଡାକ୍ତରଖାନା ସୁପରିଟେନଡେଣ୍ଟ ଦେବବ୍ରତ ଜେନାଙ୍କୁ ପଚାରିବାରୁ ତାଙ୍କ ପାଖରେ କେହି ଅଭିଯୋଗ କରି ନ ଥିବା ସେ କହିଛନ୍ତି ।

## ବରିଷ୍ଠ ଆଇନ୍‌ଜିବୀ କମଳାକାନ୍ତ ପତିଙ୍କ ବିୟୋଗ

ଜଳେଶ୍ୱର ୨୩/୪(ନି.ପ୍ର) : ଜଳେଶ୍ୱର ବାର୍ ର ବରିଷ୍ଠ ସଦସ୍ୟ କମଳା କାନ୍ତ ପତିଙ୍କର ଭୁବନେଶ୍ୱରରେ ଏକ ଘରୋଇ ଚିକିତ୍ସାଳୟରେ ଆଜି ଦିନ ୧୧ଟା ସମୟରେ ୬୫ବର୍ଷ ବୟସରେ ପରଲୋକ ହୋଇଛି । ସେ ଗତ କିଛିମାସ ଧରି କର୍କଟରୋଗରେ ପିଡିତ ଥିଲେ । ସେ ଜଳେଶ୍ୱରରେ ରହୁଥିଲେ ମଧ୍ୟ ନିଜ ଜନ୍ମସ୍ଥାନ ମାକିଡିଆରେ ବେସ୍ ପରିଚିତ ଥିଲେ । ଆଜି ତାଙ୍କ ପୁଅ ବିଶ୍ୱଜିତ୍ ପୁରୀ ସ୍ୱର୍ଗଦ୍ୱାରଠାରେ ମୁଖାଗ୍ନି ଦେଇଥିଲେ । ମୃତ୍ୟୁ ସମୟରେ ସ୍ତ୍ରୀ କାଜଲ, ପୁଅ ବିଶ୍ୱଜିତ୍, ଝିଅ ମୌମିତା ଉପସ୍ଥିତ ଥିଲେ । ତାଙ୍କ ପରଲୋକରେ ବାର ସଭାପତି କୁଂଜବିହାରୀ ଦାସ, ସଂପାଦକ ବିଜନ ଦେ, ଭବାନିଶଂକର ଭଂଜ, ଶ୍ରୀକୃଷ୍ଣ ଗୁପ୍ତା, ପତିତପାବନ ପ୍ରଧାନ, ଗଣେଶ ମାଇତି, ସତ୍ୟନାରାୟଣ ଦାସ ଓ ଉତ୍ତ ନ୍ୟାୟାଳୟର ବରିଷ୍ଠ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା ଶୋକବ୍ୟକ୍ତ କରିଛନ୍ତି ।

# କାଳଜୟୀ ସୃଷ୍ଟି ଓ ସ୍ରଷ୍ଟାଙ୍କୁ ଉତ୍ତରପିଢ଼ି ନ ଜାଣିବା ସମାଜ ପାଇଁ ଶୁଭଙ୍କର ନୁହେଁ ଜିଲ୍ଲାସ୍ତରୀୟ କବି ଶ୍ରୀଜୟଦେବ ଜୟନ୍ତୀ ପାଳିତ

ଭଦ୍ରକ,୨୩/୪(ନିପ୍ର) : ସଂସ୍କୃତ ସାହିତ୍ୟର କାଳଜୟୀ ମହାକାବ୍ୟ ଗୀତଗୋବିନ୍ଦର ସ୍ରଷ୍ଟା କବି ଶ୍ରୀ ଜୟଦେବଙ୍କ ଜୟନ୍ତୀକୁ ଆଜି ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସଂସ୍କୃତି ବିଭାଗ ଜରିଆରେ ପାଳନ କରାଯାଇଛି । ଏହି ପାଳନ ପାଇଁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସକାଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସଂକୀର୍ତ୍ତନ ପରିକ୍ରମା ଆରମ୍ଭ କରାଯାଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କାଙ୍କ ସଂଯୋଜନାରେ ଆୟୋଜିତ ଯୁରା ଗାଡ଼ିଆ ବାସୁଦେବପୁର ରୁ ଆସିଥିବା ନାଣ୍ଡିମାତା କୀର୍ତ୍ତନ ଦଳର ଏହି ଶୋଭାଯାତ୍ରାକୁ ସହକାରୀ ଜିଲ୍ଲାପାଳ ଅନୂପ କୁମାର ବେହେରା ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସହର ପରିକ୍ରମା ପରେ ଜିଲ୍ଲା ସଂସ୍କୃତି ଭବନରେ ଜୟଦେବଙ୍କ ଉଦ୍ଦେଶ୍ୟରେ ଏକ ଆଲୋଚନା ଚକ୍ର ଓ ସାଧାରଣ ସଭା ଆୟୋଜନ କରାଯାଇଥିଲା ।




ସଂସ୍କୃତି ଅଧିକାରୀ ଶ୍ରୀମତୀ ସିର୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ମନୋଜ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ପ୍ରେଫେସର ଡ଼. କ୍ଷୀରୋଦ ଚନ୍ଦ୍ର ସାମଲ, ସମ୍ମାନିତ ବକ୍ତା ଭାବେ ଅବସରପ୍ରାପ୍ତ ଅଧାପିକା ଡ଼. ରାଧାରାଣୀ ମହାପାତ୍ର ଏବଂ ସମ୍ମାନିତ ଅତିଥିଭାବେ ଲୋକସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ନାୟକ ଯୋଗ ଦେଇଥିଲେ । ଜୟଦେବ ଓ ଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟକୁ ଆରମ୍ଭ କରାଯାଇଥିଲା । ଶ୍ରୀଜଗନ୍ନାଥ ସାଂସ୍କୃତିକ କଳାକାର ସଂଘର ସଂଗୀତ ନିର୍ଦ୍ଦେଶକ ରୁଦ୍ର ମାଧବ ବାରିକଙ୍କ ନେତୃତ୍ୱରେ ଗୀତ ଗୋବିନ୍ଦ ଗାନ କରାଯାଇଥିଲା । ଅତିଥିମାନେ ଜୟଦେବଙ୍କ ଜନ୍ମ, ବାଲ୍ୟ ଜୀବନ ସମ୍ବନ୍ଧୀୟ କଥାବସ୍ତୁ କୁ ବକ୍ତବ୍ୟ ପ୍ରସଙ୍ଗରେ ଉପସ୍ଥାପନ କରିବା ସହିତ ତାଙ୍କ କୃତି ଓ କୀର୍ତ୍ତି ସର୍ବକାଳଜୟୀ ମହାକାବ୍ୟ ଗୀତଗୋବିନ୍ଦ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଆଗାମୀ ପିଢ଼ି ଏ ସବୁ ସ୍ରଷ୍ଟା ଓ ସୃଷ୍ଟି ବିଷୟରେ ଜାଣିବାକୁ କେମିତି ବିମୁଖ ହେଉଛନ୍ତି ସେ ନେଇ ଅତିଥିମାନେ କ୍ଷୋଭ ପ୍ରକାଶ କରିଥିଲେ । ଚାନ୍ଦବାଲି ବ୍ଲକ କଳାକାର ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା ଅତିଥି ପରିଚୟ ଦେଇଥିଲେ । ଭଦ୍ରକ ବ୍ଲକ କଳାକାର ସଂଘର ଉପସଭାପତି ପ୍ରଶାନ୍ତ ବେହେରା, ଧାମନଗର ବ୍ଲକ୍ କଳାକାର ସଂଘର ଉପସଭାପତି ସୁବାଷ ଚନ୍ଦ୍ର ମଲ୍ଲିକ, ଭଦ୍ରକ ନଗର କଳାକାର ସଂଘର ଉପସଭାପତି ନରେନ୍ଦ୍ର ପ୍ରସାଦ ପରିଡ଼ା ପ୍ରମୁଖଙ୍କ ସହ ଗାନ୍ଧୀବାଳାଶ୍ରମର ବିଦ୍ୟାର୍ଥୀ ସଂକୀର୍ତ୍ତନ କଳାକାର ପ୍ରଭୃତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ବିଭାଗୀୟ କର୍ମଚାରୀ ଦେବାଶିଷ ମହାନ୍ତି, ରଙ୍ଗାଧର ଯେନା ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁଷଙ୍ଗିକ ସହଯୋଗ କରିଥିଲେ ।

# ଅକ୍ଷୟ ତୃତୀୟାରେ କୃଷି ବିଭାଗ ପକ୍ଷରୁ ଅଖିମୁଠି ଶୁଭାରମ୍ଭ

ଜଳେଶ୍ୱର,୨୩/୪(ନି.ପ୍ର) : ଜଳେଶ୍ୱରସ୍ଥିତ କୃଷି ବିଭାଗ ପକ୍ଷରୁ ଆଜି ଅଖୟତୃତୀୟା ଅବସରରେ ଅଖିମୁଠି ଶୁଭାରମ୍ଭ ହୋଇଛି । ଆୟୋଜିତ ସଭାରେ ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ମହାନ୍ତି ଅଧ୍ୟକ୍ଷତା କରି ସଂସ୍କୃତି ଓ ଐତିହ୍ୟପୂର୍ଣ୍ଣ ଅଖିମୁଠୀ ସଂପର୍କରେ ପୌରାଣିକ ତଥ୍ୟ ପ୍ରଦାନ କରି ଏହି ତିଥିରେ ରାଜ୍ୟର ପ୍ରତ୍ୟେକ ଚାଷୀ ଧାନ ବୁଣିବା ଆରମ୍ଭ କରିଥାନ୍ତି ବୋଲି କହିଥିଲେ । ଆତ୍ମାର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ପାତ୍ର ଯୋଗ ଦେଇ କୃଷି ପ୍ରଧାନ ରାଜ୍ୟରେ କୃଷକକୁ ଗୁରୁତ୍ୱ ଦେଇ ସରକାର ବିଭିନ୍ନ ପ୍ରକଳ୍ପ ଆରମ୍ଭ କରିଥିବା ବେଳେ କାଳିଆ ଯୋଜନାରେ ଆର୍ଥିକ ସହାୟତା ଯୋଗଇ ଦିଆଯାଉଥିବା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ କୃଷି ଅଧିକାରୀ ସଂଜୟ କୁମାର ରାଉତ, ସହକାରି କୃଷି ଅଧିକାରୀ ରାଜଲକ୍ଷ୍ମୀ ମହାନ୍ତି ପଂଚାୟତ ସମିତି କୃଷି ସଭାପତି ଜିତେନ୍ଦ୍ର ଦାସ, କାଉସିଲର କବିତା ଧଳ, ସରପଂଚ ସୁବିନିତା ଦତ୍ତ, ତପନୀ ଭୂୟାଁ, ସମୀର ଘଡେଇ ପ୍ରମୁଖ ଯୋଗ ଦେଇ ସମନ୍ୱିତ କୃଷି ପ୍ରଣାଳୀ ଅବଲମ୍ବନ କରିବାକୁ ଉପସ୍ଥିତ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ । ଆତ୍ମାର ସଭାପତି ଲକ୍ଷ୍ମଣ କୁମାର ପାତ୍ର ଜମି ହଳ କରି ଧାନ ବିହନ ଅନୁକୂଳ କରିଥିଲେ ।

## କୁରୁଣ୍ଟାରେ ବ୍ଲକ ସ୍ତରୀୟ କୃଷକ ଦିବସ ପାଳନ

# ସ୍ୱତନ୍ତ୍ର କୃଷି ବଜେଟ ମାଧ୍ୟମରେ ଆନୁଗତ୍ୟ ଦେଖାଇଛନ୍ତି ମୁଖ୍ୟମନ୍ତ୍ରୀ

ଖଇରା,୨୩/୪(ନିପ୍ର) : ବାଲେଶ୍ୱର ଜିଲା ଖଇରା ବ୍ଲକ କୃଷି ବିଭାଗ ପକ୍ଷରୁ କୁରୁଣ୍ଟା ଗ୍ରାମରେ ପବିତ୍ର କୃଷକ ଦିବସ ପାଳିତ ହୋଇ ଯାଇଛି । ଗୋଷ୍ଠୀ କୃଷି ଅଧିକାରୀ ସରୋଜ କୁମାର ଜେନାଙ୍କ ପୌରହିତ୍ୟ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ଥାନୀୟ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବିହନ ବୁଣି ଅଖିମୁଠି ଅନୁକୂଳ କରିଥିବା ବେଳେ କଲିହା ଗ୍ରାମର ଚାଷୀ ପ୍ରହଲ୍ଲାଦ ଜେନା ହଳ ବୁଲାଇ ତାଙ୍କୁ ସହଯୋଗ କରିଥିଲେ । ପରେ ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର କୃଷି ବଜେଟ ମାଧ୍ୟମରେ ଚାଷୀଙ୍କ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରିଥିବା ନେଇ ପ୍ରକାଶ କରିଥିଲେ । ଏଥିସହ



ଚଳିତ ବର୍ଷ ଖଇରା ବ୍ଲକର ସମସ୍ତ ଚାଷୀଭାଇଙ୍କ ଶୁଭ ମନାସିଥିଲେ । ବ୍ଲକ ଉପାଧକ୍ଷ ଗଜେନ୍ଦ୍ର ପ୍ରସାଦ ପରିଡା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସାଂସଦ ପ୍ରତିନିଧି ଜୟନ୍ତ କୁମାର ରାଉତ, କୁରୁଣ୍ଟା ସରପଞ୍ଚ ରଘୁନାଥ ଜେନା, ଉଦ୍ୟାନ କୃଷି ଅଧିକାରୀ ଶଶିକାନ୍ତ ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଖଇରା କୃଷି ସୁଚନା ଓ ପରାମର୍ଶ କେନ୍ଦ୍ରର କର୍ମଚାରୀ ବିଜୟ କୁମାର ଦାସ, ଶୁଭ୍ରଜିତ ଷଡଙ୍ଗୀ, ରୁଦ୍ରନାରାୟଣ ମଲ୍ଲିକ, ଦିନକୃଷ୍ଣ ପରିଡା, ସଞ୍ଜୀବ କୁମାର ଜେନା, ବିଜୟ କୁମାର ସିଂ, ରଘୁନାଥ ଦାସ, ସତ୍ୟଜିତ ଦାସ, ସନ୍ଦୀପ ଦଳେଇ, ଧନଞ୍ଜୟ ମହାନ୍ତି, କମଳଲୋଚନ ବିଶ୍ୱାଳ, ଜୀବନ ଜ୍ୟୋତି ଦାଶ, ରଞ୍ଜିତା ଦାସ, ଜ୍ୟୋତ୍ସ୍ନାରାଣି ମାଝୀ, କନକଲତା ସେଠୀ ପ୍ରମୁଖ ସହଯୋଗ କରିଥିଲା ।

# କୃଷକ ମନ୍ଦିରରେ ଭିନ୍ନ ଧରଣର ଅକ୍ଷୟ ତୃତୀୟା ପାଳିତ : କିନ୍ନରଙ୍କ ହାତରେ ଅଖିମୁଠି ଅନୁକୂଳ

ଭୁବନେଶ୍ୱର/ମାହାଙ୍ଗା,୨୩/୪(ନିପ୍ର) : ଆଜି ହେଉଛି ପବିତ୍ର ଅକ୍ଷୟ ତୃତୀୟା । ଆଜି ଋଷୀଭାଇମାନେ ବିଲରେ ଧାନ ବିହନ ଅନୁକୂଳ କରି ଶୁଭ ମନାସୀ ଋଷକାର୍ଯ୍ୟ ଆରମ୍ଭ କରିଥାନ୍ତି । କିନ୍ତୁ କଟକ ଜିଲ୍ଲା ମାହାଙ୍ଗା ଅନ୍ତର୍ଗତ ମଣିଜୋରି ଗ୍ରାମରେ ଥିବା ଓଡ଼ିଶା ତଥା ଭାରତର ସର୍ବପ୍ରଥମ କୃଷକ ମନ୍ଦିରରେ ଭିନ୍ନ ଧରଣର ଅକ୍ଷୟ ତୃତୀୟା ପାଳନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ସାମାଜିକ କର୍ମୀ, କବି, ଲେଖକ ନିରାକାର ଦାସ ଏବଂ ଅମିୟ ପାଣ୍ଡବ ଯୋଗଦେଇ କୃଷକମାନଙ୍କର ଉନ୍ନତି, ଭବିଷ୍ୟତ ଓ ଆର୍ଥିକ ମେରୁଦଣ୍ଡ ଉପରେ ଆଲୋକପାତ କରିବା ସହ ଋଷୀମାନଙ୍କର ମଙ୍ଗଳ କାମନା କରିଥିଲେ । କିନ୍ନର ସମାଜର ସଭାପତି ସୁଇଟି ସାହୁ ଏଥିରେ ଯୋଗଦେଇ କୃଷକ ମନ୍ଦିରରୁ ଅଖିମୁଠି ନେଇ ଗ୍ରାମ ପରିକ୍ରମା କରିବା ସହ ବିଲରେ ଅଖିମୁଠି ଅନୁକୂଳ କରିଥିଲେ ଏବଂ ସମସ୍ତ ଋଷୀମାନଙ୍କୁ ଉଦ୍‌ବୋଧନ ଦେଇ ଋଷୀମାନଙ୍କର ମଙ୍ଗଳ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ କୃଷକ ମନ୍ଦିର ପ୍ରତିଷ୍ଠାତା ସଭାପତି ପ୍ରତାପ ସାହୁ ସଭାପତିତ୍ୱ କରିଥିଲେ । ଏଥିରେ ଅଶୋକ ରାଉତ, ଏକାଦଶୀ ପ୍ରଧାନ, ହଳଧର ସାହୁ, ମନୋଜ ସାହୁ, ଜନ୍ମେଜୟ ସାହୁ, ତ୍ରିଲୋଚନ ସାହୁ, ସୁନାକର ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ଭାରତର ସର୍ବପ୍ରଥମ କୃଷକ ମନ୍ଦିର ପ୍ରତିଷ୍ଠା କରିବା ଏକ ଐତିହାସିକ ପଦକ୍ଷେପ । ଏହି ପଦକ୍ଷେପ ସାରା ଭାରତରେ ପ୍ରଶଂସା ସାଉଁଟୁଥିବା ବେଳେ ରାଜ୍ୟ ସରକାର ଏହାକୁ ଅଣଦେଖା କରିବା ବଡ଼ ଦୁର୍ଭାଗ୍ୟର କଥା । ବିଧାନସଭାରେ କୃଷକମାନଙ୍କ ପାଇଁ ଶୋକ ପ୍ରସ୍ତାବ ଆଣିବା, ଅକ୍ଷୟ ତୃତୀୟାକୁ ଛୁଟି ଦିବସ ଘୋଷଣା କରିବା ଏବଂ କୃଷକମାନଙ୍କର ସମସ୍ତ ସମସ୍ୟାକୁ ସମାଧାନ କରିବା ପାଇଁ ଏଠାରେ ଦାବି ଉପସ୍ଥାପନ କରାଯାଇଥିଲା । ଶେଷରେ ସମିତି ସଭ୍ୟା ଅନ୍ନପୂର୍ଣ୍ଣା ସାହୁ, ସରପଞ୍ଚ ରଶ୍ମିତା ସ୍ୱାଇଁ ପ୍ରମୁଖ କୃଷକ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo